


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୧ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 JUNE 2020
Vol.No. 30 ■ No. 154 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman

## ପୁଣି ବଢ଼ିଲା ପେଟ୍ରୋଲ ଓ ଡିଜେଲ ଦର

ଭୁବନେଶ୍ୱର,୨୦।୬ (ନି.ପ୍ର): ଚଳିତ ମାସ ୯ ତାରିଖ ଠାରୁ ତେଲ ଦର କ୍ରମାଗତଭାବେ ବଢ଼ି ବଢ଼ି ଚାଲିଛି । ଆଜି ପେଟ୍ରୋଲ ପିଛା ୫୧ ପଇସା ଓ ଡିଜେଲ ଲିଟର ପିଛା ୬୩ ପଇସା ବୃଦ୍ଧି ଘଟିଛି । ବର୍ତ୍ତମାନ ସୁଦ୍ଧା ପେଟ୍ରୋଲର ବର୍ଦ୍ଧିତ ଦର ୫ ଟଙ୍କା ୮୮ ପଇସାରେ ପହଂଚିଥିଲା ବେଳେ ଡିଜେଲ ବର୍ଦ୍ଧିତ ଦର ୬ ଟଙ୍କା ୫୦ ପଇସାରେ ପହଂଚିଛି । ଏହି ବର୍ଦ୍ଧିତ ଦରକୁ ନେଇ ଖାଉଟି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ବସ୍ତରରେ ୭ ଯବାନ କରୋନା ପଜିଟିଭ୍

ଜଗଦଲପୁର,୨୦।୬ (ନି.ପ୍ର): ଛତିଶଗଡର ବସ୍ତର ଅଂଚଳରେ ସାତ ଜଣ ଯବାନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି । ସୁକମା ଠାରେ ତିନି ଜଣ ସିଆରପିଏଫ କର୍ମଚାରୀ କରୋନା ପଜିଟିଭ୍ ଥିବା ଜଣାପଡିଛି । ସୁକମା କଲେକ୍ଟର ଚନ୍ଦନ କୁମାର ଶନିବାର ଏହି ସୂଚନା ଦେଇଛନ୍ତି । ସେହିପରି ନାରାୟଣପୁରରେ ୪ ଟି ଆଇଟିବିପି କର୍ମଚାରୀ ମଧ କରୋନା ପଜିଟିଭ୍ ଥିବା ଜଣାପଡିଛି । ନାରାୟଣପୁର କଲେକ୍ଟର ଅଭିଜିତ୍ ସିଂ ଏହି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ସାତଜଣ ଜବାନ ଛୁଟିରୁ ଫେରି ଆସିଥିଲେ । ଭଲ କଥା ହେଉଛି ଜବାନଙ୍କୁ ଛୁଟିରୁ ଫେରିବା ପରେ ସମସ୍ତ ସାତ ଜଣଙ୍କୁ ପୂର୍ବରୁ ସଙ୍ଗରୋଧରେ ରଖାଯାଇଥିଲା । ସମସ୍ତ ଯବାନଙ୍କ ନମୁନା ଲ୍ୟାବକୁ ପଠାଯାଇଥିଲା, ଯାହା ଶନିବାର ଦିନ ସେମାନେ କରୋନା ପଜିଟିଭ ହୋଇଥିବା ଜଣା ପଡିଥିଲା । ଯବାନମାନଙ୍କୁ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୪୧୧ ଜଣଙ୍କଠାରୁ ଆଦାୟ ହେଲା ଜୋରିମାନା

ଭୁବନେଶ୍ୱର,୨୦।୬ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୩୭୪ ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପିଙ୍କ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ଗରିବ କଲ୍ୟାଣ ରୋଜଗାର ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଗରିବ କଲ୍ୟାଣ ରୋଜଗାର ଅଭିଯାନର ଶୁଭାରମ୍ଭ କରିଛନ୍ତି । କୋଭିଡ-୧୯ ବୈଶ୍ୱିକ ମହାମାରୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇ ନିଜ ଗ୍ରାମକୁ ଫେରିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଏହା ସେମାନଙ୍କ ନିଜ ଗ୍ରାମ ନିକଟରେ ଜୀବିକା ସୁଯୋଗ ଯୋଗାଇବ । ବିହାର ରାଜ୍ୟର ଖଗରିଆ ଜିଲ୍ଲା ବେଲଦାଉ ବ୍ଲକର ତେଲିହାର ଗ୍ରାମରୁ ଭିଡିଓ କନଫରେନ୍ସ ଦ୍ୱାରା ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଥିରେ ବିହାର ମୁଖ୍ୟମନ୍ତ୍ରୀଙ୍କ ସମେତ ୬ଟି ରାଜ୍ୟର ପ୍ରତିନିଧି, କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଦୂର ସମ୍ବେଦୀ ଦୃଶ୍ୟ ଶ୍ରାବ୍ୟ ସମ୍ମିଳନୀ ଜରିଆରେ ଖଗରିଆ ଜିଲ୍ଲାର ତେଲିହାର ଗ୍ରାମବାସୀଙ୍କ ସହ ମତ ବିନିମୟ



କରିଥିଲେ । ଏହି ଗ୍ରାମରୁ ହିଁ ଆଜି ଏହି ଅଭିଯାନର ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ କେତେକ ପ୍ରବାସୀ ଶ୍ରମିକଙ୍କ ଠାରୁ ସେମାନଙ୍କର ବର୍ତ୍ତମାନ ରୋଜଗାର ପନ୍ଥା ଓ ଲକଡାଉନ କାଳରେ ଘୋଷିତ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟର ସୁବିଧା ସେମାନେ ପାଉଛନ୍ତି କି ନାହିଁ, ତାହା ପଚାରି ବୁଝିଥିଲେ । ପ୍ରଧାନମନ୍ତ୍ରୀ ମତ ବିନିମୟରେ ଖୁସି ହେବା ସହ କୋଭିଡ-୧୯କୁ ମୁକାବିଲା କରିବାରେ ଗ୍ରାମୀଣ ଭାରତ କିପରି ସକ୍ଷମ ହୋଇଛି ତାହା ସମଗ୍ର ଭାରତ ବର୍ଷ ପାଇଁ ଆଶ୍ୱାସନାର ପ୍ରତୀକ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଓ ପ୍ରବାସୀମାନଙ୍କ କଲ୍ୟାଣ ପାଇଁ ଚିନ୍ତିତ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ୧.୭୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ସହିତ ଆତ୍ମନିର୍ଭର ଭାରତ ଅଭିଯାନ ଆରମ୍ଭ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଘରକୁ ଫେରିବାକୁ ଇଚ୍ଛୁକ ପ୍ରବାସୀ ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ସ୍ପେଶାଲ ଟ୍ରେନ ଚଳାଇଥିଲେ । ଗରିବଙ୍କ କଲ୍ୟାଣ ପାଇଁ ଆରମ୍ଭ କରାଯାଇଥିବା ଏହି କର୍ମନିଯୁକ୍ତି ଯୋଜନା ଦୃଷ୍ଟିରୁ ଆଜି ଏକ ଐତିହାସିକ ଦିନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଆମ ଗ୍ରାମାଂଚଳର ଶ୍ରମିକ ଭାଇ ଭଉଣୀ ଓ ଯୁବ ସମାଜ ପାଇଁ ଏହି ଅଭିଯାନ ଉତ୍ସର୍ଗୀକୃତ । ଶ୍ରମିକମାନଙ୍କୁ ନିଜ ଗ୍ରାମ ନିକଟରେ କାମ ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ । ଗରିବ କଲ୍ୟାଣ ରୋଜଗାର ଅଭିଯାନ ଅଧୀନରେ ଗ୍ରାମାଂଚଳର ସ୍ଥାୟୀ ଭିତିଭୂମି ନିର୍ମାଣ ପାଇଁ ▶▶ପୃଷ୍ଠା ୭

## ସରକାର ଡରିକି ରଥଯାତ୍ରା ନିଷ୍ପତି ନେବାରେ ବିଳମ୍ବ କଲେ : ନିରଞ୍ଜନ



ଭୁବନେଶ୍ୱର,୨୦।୬ (ନି.ପ୍ର): ଆମର ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ଯାହା ହେବ ଠିକ୍ ହେବ । କିନ୍ତୁ ସରକାର ଠିକ୍ ସମୟରେ ନିଷ୍ପତି ନେଇ ପାରିଲେ ନାହିଁ ଯଦି ନିଷ୍ପତି ନେଇଥାନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ସରକାର ଡରିକି ନିଷ୍ପତି ନେବାରେ ବିଳମ୍ବକଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବାର୍ତାରେ କହିଛନ୍ତି । ଯେକୌଣସି ସରକାର ଏ ନିଷ୍ପତି ନେବାରେ ଭୟକରିବେ ଏହି କରୋନା ମହାମାରୀ ସମୟରେ । ତେଣୁ ସରକାର ଭୟରେ ବିଳମ୍ବକଲେ ଏବଂ ନିଷ୍ପତି ନେଇପାରିଲେ ନାହିଁ । କାରଣ ଏ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ ସେଥିରେ କରୋନା ଆକ୍ରାନ୍ତ ବୃଦ୍ଧି ହେବାର ସମ୍ଭାବନା ଅଧିକ ହୁଏ ତାକୁ ସମ୍ଭାଳିବା ମୁସକିଲ୍ ହେବ । ସାରା ଓଡ଼ିଶା କ'ଣ ସାରା ଭାରତବର୍ଷ ଭୟାବହ ପରିସ୍ଥିତି ସୃଷ୍ଟି ହେବ । ସେଇ ବଦନାମ ନେବା ପାଇଁ ସରକାର ଚାହିଁଲେନି । ସର୍ବୋଚ୍ଚ ନ୍ୟାୟଳୟଙ୍କ ଆଦେଶମତେ ପରିସ୍ଥିତି ଭିନ୍ନ ମୋଡ଼ ନେଇଛି ଏବଂ ଏହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରଥଯାତ୍ରା ବନ୍ଦକୁ ନେଇ ଏକ ନୂଆ ଇତିହାସ ସୃଷ୍ଟି ହେବାକୁ ଯାଉଛି । ▶▶ପୃଷ୍ଠା ୭

## ଦେଶ ଆତ୍ମନିର୍ଭର୍ ଭାରତ ଆଡକୁ ଅଗ୍ରସର୍ ହେଉଛି : ଅମିତ୍ ଶାହା



ନୂଆଦିଲ୍ଲୀ,୨୦।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଗରିବ କଲ୍ୟାଣ ରୋଜଗାର ଅଭିଯାନ ର ଶୁଭାରମ୍ଭ କରିବା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି କହିଛନ୍ତି ଯେ ଆତ୍ମନିର୍ଭର ଭାରତ ଆଡକୁ ଅଗ୍ରସର ହେଉଥିବା ଦେଶରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଗୃହମନ୍ତ୍ରୀ କହିଛନ୍ତି ଯେ କରୋନା ମହାମାରୀ ଯୋଗୁଁ ପ୍ରବାସୀ ଶ୍ରମିକ ଏବଂ ଗରିବ ଲୋକଙ୍କୁ ଥଇଥାନ ତଥା ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ସରକାର ଆଜି ▶▶ପୃଷ୍ଠା ୭

## ଆଜି ସୂର୍ଯ୍ୟ ପରାଗ

ଭୁବନେଶ୍ୱର,୨୦।୬ (ନି.ପ୍ର): ଆସନ୍ତାକାଲି (ରବିବାର) ସୂର୍ଯ୍ୟ ପରାଗ । ଏହି ସୂର୍ଯ୍ୟ ପରାଗ ଓଡ଼ିଶା ସମେତ ଦେଶର ହରିୟାଣା, ରାଜସ୍ଥାନ, ଉତରାଖଣ୍ଡର କିଛି ଅଂଚଳରେ ଦୃଶ୍ୟମାନ ହେବ । ଓଡ଼ିଶାରେ ଏହା ଆଂଶିକ ଦୃଶ୍ୟ ହେବ । ଓଡିଶାରେ ଦିବା ୧୦ଟା ୩୮ ମିନିଟ୍ ୮ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବ । ଗ୍ରହଣ ମଧ ଦିବା ୧୨ଟା ୨୬ ମିନିଟ୍ ୯ ସେକେଣ୍ଡ ଏବଂ ସର୍ବମୋକ୍ଷ ଦିବା ୨ଟା ୯ ମିନିଟ୍ ୫୧ ସେକେଣ୍ଡରେ ହେବ । ଗ୍ରହଣର ସ୍ଥିତିକାଳ ଓଡ଼ିଶାରେ ୩ ଘଂଟା ୩୧



ମିନିଟ୍ଠାରୁ ୩ ଘଂଟା ୩୩ ମିନିଟ୍ ରହିବ । ଗ୍ରହଣ ସ୍ପର୍ଶର ୧୨ ଘଂଟା ପୂର୍ବରୁ ଅର୍ଥାତ୍ ଶନିବାର ରାତି ୧୦ଟା ୩୮ଠାରୁ ▶▶ପୃଷ୍ଠା ୭

## କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ୍ ସିଲ୍

ଭୁବନେଶ୍ୱର,୨୦।୬ (ନି.ପ୍ର): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଥିବା ରକ୍ତ ଭଣ୍ଡାରକୁ ସିଲ୍ କରିଦିଆଯାଇଛି । ସେଠାରେ କାର୍ଯ୍ୟରତ ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବ୍ଲଡ୍ ବ୍ୟାଙ୍କକୁ ସିଲ୍ କରାଯାଇଛି । ଆକ୍ରାନ୍ତ କର୍ମଚାରୀଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀମାନଙ୍କୁ ସଙ୍ଗରୋଧ ରଖାଯାଇଛି ।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ଗରିବ କଲ୍ୟାଣ ରୋଜଗାର ଅଭିଯାନକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସ୍ୱାଗତ

ଭୁବନେଶ୍ୱର,୨୦।୬ (ନି.ପ୍ର): ପ୍ରବାସୀ ଶ୍ରମିକଙ୍କ କଲ୍ୟାଣକୁ ସର୍ବଦା ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ କାମ ଦେବା ଓ ସେମାନଙ୍କ ଆତ୍ମସମ୍ମାନର ସୁରକ୍ଷା ତଥା ଗ୍ରାମୀଣ ବିକାଶର ଅପାର ସମ୍ଭାବନା ଗୁଡିକୁ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଗରିବ କଲ୍ୟାଣ ରୋଜଗାର ଅଭିଯାନକୁ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ସମଗ୍ର ବିକାଶକୁ ପ୍ରାଥମିକତା ଦେଇ ଓଡ଼ିଶାର ୪ଟି ଜିଲ୍ଲା ଗଞ୍ଜାମ, ଭଦ୍ରକ, ବଲାଙ୍ଗିର ଏବଂ ବାଲେଶ୍ୱରକୁ ଗରିବ କଲ୍ୟାଣ ରୋଜଗାର ଅଭିଯାନ ସହ



ଯୋଡ଼ିଛନ୍ତି । ଯଦ୍ୱାରା ଏହି ଜିଲ୍ଲାର ଶ୍ରମିକ ତଥା ପ୍ରବାସୀ ଶ୍ରମିକମାନେ ରୋଜଗାର ପାଇପାରିବେ ଏବଂ ସେମାନଙ୍କ ଜୀବନଜୀବିକାରେ ପରିବର୍ତନ ଆସିବ । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । କରୋନାର ଏହି ସଂକଟ ସମୟରେ ରୋଜଗାର ସୃଷ୍ଟି କରି ପ୍ରତ୍ୟେକ ଘର ଓ ସବୁ ଗ୍ରାମ ପର୍ଯ୍ୟନ୍ତ ପହଂଚାଇବା ଦିଗରେ ଏହି ଅଭିଯାନ ବହୁତ ବଡ଼ ପଦକ୍ଷେପ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ୫୦ ହଜାର କୋଟି ଟଙ୍କା ମୂଲ୍ୟରେ ଓଡ଼ିଶା ସମେତ ବିହାର, ଉତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଝାଡଖଣ୍ଡ ରାଜ୍ୟର ୧୧୬ ଗ୍ରାମୀଣ ଜିଲ୍ଲାରେ ବିସ୍ଥାପିତ ଶ୍ରମିକ ମାନଙ୍କୁ ଗ୍ରାମରେ ମୌଳିକ ସୁବିଧା ସହ ଜଡ଼ିତ ୨୫ଟି ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା କାମ ଯୋଗାଇ ଦିଆଯିବ । ଯଦ୍ୱାରା ଏହି କଠିନ ପରିସ୍ଥିତିରେ ମଧ ଗରିବ ଲୋକଙ୍କ ଜୀବନଶୈଳି ଉନ୍ନତ ହେବ । ମୌଳିକ ସୁବିଧା ସହ ଜଡ଼ିତ ୨୫ଟି ଭିନ୍ନଭିନ୍ନ କାମରେ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗାର କାମକୁ ମଧ ସାମିଲ କରାଯାଇଛି । ଗରିବ କଲ୍ୟାଣ ରୋଜଗାର ଅଭିଯାନକୁ ସଫଳ କରିବା ପାଇଁ ଏବଂ ଦେଶରେ ରୋଜଗାର ଏବଂ ସ୍ୱରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବା ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ସଂକଳ୍ପବଦ୍ଧ । ଗାଁ, ଗରିବ ଏବଂ ଶ୍ରମିକଙ୍କୁ ନିଜସ୍ୱ ଯୋଜନାରେ କେନ୍ଦ୍ରରେ ରଖିବା ସହ ସେମାନଙ୍କୁ ଆତ୍ମନିର୍ଭର ଏବଂ ସଶକ୍ତ କରିବା ଦିଗରେ ମୋଦି ସରକାର ଗତ ୬ ବର୍ଷ ଧରି ଉଦ୍ୟମ କରୁଛନ୍ତି । ଗରିବ କଲ୍ୟାଣ ରୋଜଗାର ଯୋଜନା ମାଧ୍ୟମରେ ଆମର ଶ୍ରମିକମାନଙ୍କୁ ସେମାନଙ୍କର ଆଗ୍ରହ ଏବଂ ଦକ୍ଷତା ଅନୁଯାୟୀ ନିଜ ଗ୍ରାମରେ ନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଭାରତ-ପାକ୍ ସୀମାରେ ୩୫ କୋଟି ଟଙ୍କାର ହେରୋଇନ ଜବତ

ଚଣ୍ଡିଗଡ଼,୨୦।୬ (ନି.ପ୍ର): ଭାରତ-ପାକ୍ ସୀମାରେ କାର୍ଯ୍ୟରତ ବିଏସଏଫ ଯବାନ ଫିରୋଜପୁର ଠାରେ ପାକିସ୍ତାନ ପଟରୁ ଆସିଥିବା ପାଖାପାଖି ୩୫ କୋଟିର ହେରୋଇନ ଜବତ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ରାତିରେ ବିଏସଏଫର ୧୩୬ ବାଟାଲିୟନର ଯବାନ ଚେକ ପୋଷ୍ଟ ବାରେକ ଏରିଆରେ ପହରା ଦେଉଥିଲେ । ବିଳମ୍ବିତ ରାତିରେ ପାକିସ୍ତାନ ପଟରୁ କୌଣସି ବ୍ୟକ୍ତି ଦ୍ୱାରା କିଛି ଜିନିଷ ଫୋପାଡ଼ିବାର ଶବ୍ଦ ଶୁଭିଥିଲା । ଏହା ପରେ ବିଏସଏଫର ଯବାନମାନେ ସର୍ଚ୍ଚ ଅପରେସନ କରିଥିଲେ ଏବଂ ପ୍ଲାଷ୍ଟିକର ଏକ ପାଇପରୁ ୭ କିଲୋ ହେରୋଇନ ଜବତ କରିଥିଲେ । ଯାହାର ମୂଲ୍ୟ ପାଖାପାଖି ୩୫ କୋଟି ଟଙ୍କା ହେବ ବୋଲି କହିଥିଲେ । ବିଏସଏଫ ଯବାନମାନେ ହେରୋଇନ ଜବତ କରିବା ପରେ ବିଏସଏଫ ଅଧିକାରୀମାନେ ସୀମା ପାଖାପାଖି ଗ୍ରାମରେ ସର୍ଚ୍ଚ ଅପରେସନ ଆରମ୍ଭ କରିଦେଇଥିଲେ । ପଞ୍ଜାବ ପୋଲିସର ସହାୟତାରେ ଏହା ଜାଣିବା ପାଇଁ ପତା ଲଗାଯାଇଛି କି ପାକିସ୍ତାନ ପଟରୁ ଏହି ହେରୋଇନ କେଉଁ ବ୍ୟକ୍ତି ପଠାଇଥିଲା । ତେବେ ପୋଲିସ ମାମଲା ରୁଜୁ କରି ଯାଂଚ ଆରମ୍ଭ କରିଦେଇଛନ୍ତି ।

## ଗଲୱାନ ଘାଟି : ୭୨ ଘଂଟାରେ ସୋକ ନଦୀ ଉପରେ ଯବାନ ତିଆରି କଲେ ପୋଲ

♦ ସେନା ୨ ଘଂଟା ପର୍ଯ୍ୟନ୍ତ ବ୍ରିଜ ଉପରେ ଗାଡ଼ି ଚଳାଇ ପରୀକ୍ଷା କଲେ
♦ ଏହି ବ୍ରିଜ ଯୋଗୁଁ ଗଲୱାନ ଘାଟିରେ ପହଂଚିବା ସୁବିଧା ହେଲା



ନୂଆଦିଲ୍ଲୀ, ୨୦ ଜୁନ୍ (ହି.ସ.) – ଗଲୱାନ ଘାଟିରେ ଚୀନ ସୈନିକ ସହିତ ଜୁନ୍ ୧୫-ତରିଖ ଓ ୧୬ ତାରିଖ ରାତିରେ ଘଟିଥିବା ଘଟଣା ପରେ ଭାରତୀୟ ସେନା ୭୨ ଘଂଟା ମଧ୍ୟରେ ପୂର୍ବ ଲଦାଖ ଠାରେ ସୋକ ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି । ଏହା ସୋକ-ଗଲୱାନ ନଦୀ ମିଶିଥିବା ସ୍ଥାନଠାରୁ ଅତି ନିକଟରେ ରହିଛି । ଯାହା ପେଟ୍ରୋଲିଙ୍ଗ ଫାଇଟ୍ ୧୪ର ଟ୍ରାକ୍ ଠାରେ ନାହିଁ । ଯେଉଁଠାରେ ଗଣ୍ଡଗୋଳ ଘଟିଥିଲା ଏହି ଜାଗାଠାରୁ ବହୁତ ଦୂରରେ ବି ନୁହେଁ । ସେନାର ଏହି ଭିତିଭୂମି ପାଇଁ ଉଭୟ ଦେଶଙ୍କ ଭିତରେ ଉତେଜନା ଦେଖାଦେଇଥିଲା । ଗଲୱାନ ଘାଟିର ଘଟଣାରେ ୨୦ ଭାରତୀୟ ସୈନିକ ଶହୀଦ ହେବା ପରେ ମଂଗଳବାର (୧୬ ଜୁନ) ସକାଳେ ଯେତେବେଳେ ଚୀନ ସହିତ ଉତେଜନା ଜାରି ରହିଥିଲା, ଏହାରି ମଧ୍ୟରେ ସେନାର ବେଷ୍ଟ ଡିଭିଜନ ସେନାର ଇଂଜିନିୟର ଡିଭିଜନକୁ ସୋକ ନଦୀ ଉପରେ ୬୦ ମିଟର ଲମ୍ବାର ବେଲି ବ୍ରିଜ ର ନିର୍ମାଣ କାର୍ଯ୍ୟ ଶିଘ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯିବା ଆସିବା ପାଇଁ ସେନା ଯେଉଁ ପୋଲ ତିଆରି କରିଥିଲେ ମିଶନ ପୂରା ହେବା ପରେ ଏହି ଅସ୍ଥାୟୀ ପୋଲକୁ ଭାଙ୍ଗି ଦେଇଥିଲେ । ସୋମବାର ରାତିରେ ଗଲୱାନ ଘାଟିରେ ଭାରତୀୟ ସୈନିକ ଚୀନ ସେନା ସହିତ ହିଂସାକାଣ୍ଡ ପରେ ସେନା କହିଥିଲା କି ଯଦି ଆଗକୁ ଏହିପରି ହିଂସା ଘଟଣା ଘଟେ ତେବେ ସୋକ ▶▶ପୃଷ୍ଠା ୭

## ଆଉ ୧୭୯ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ ମାମଲା ୪୮୫୬କୁ ବୃଦ୍ଧି

ଭୁବନେଶ୍ୱର,୨୦।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୭୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୪୮୫୬ କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୭୯ ଜଣଙ୍କ ମଧ୍ୟରୁ ୧୫୦ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୯ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଏହା ବ୍ୟତୀତ ପଶ୍ଚିମ ବଙ୍ଗର ଅମ୍ଫାନ ଡ୍ୟୁଟିରୁ ଫେରିଥିବା ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ୧୮ ଜଣ ଜବାନ କରୋନା ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ▶▶ପୃଷ୍ଠା ୭

# ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୦।୬ (ନି.ପ୍ର): ପେଟ୍ରୋଲ ଏବଂ ଡିଜେଲର ଅହେତୁକ ଦରବୃଦ୍ଧି ବିରୁଦ୍ଧରେ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀଗଣ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଂଟିନ ଛକଠାରେ ପ୍ରତିବାଦ କରିଥିଲେ। କରୋନା ସ୍ଥିତିରେ ଓଡ଼ିଶାର ଜନସାଧାରଣ ବଂଚିବା ପାଇଁ ସଂଗ୍ରାମ କରୁଥିଲା ବେଳେ ତାଙ୍କ ଉପରକୁ ଅଧିକରୁ ଅଧିକ ଆର୍ଥିକ ବୋଝ ଅତ୍ୟନ୍ତ ଦୁଃଖ ଏବଂ ଯନ୍ତ୍ରଣାଦାୟକ। ଏଣୁ ଯଥାଶୀଘ୍ର କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଯେଉଁ କର ଆଦାୟ କରୁଛନ୍ତି ତାହା ଅତିଶୀଘ୍ର କମ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୨୦୧୪ ମସିହାରେ ଯେତେବେଳେ ଅଶୋଧିତ ତୈଳର ଦାମ ୧୦୭ ଡଲାରୁ ବଢ଼ି ୧୩୫ ଡଲାର ଥିଲା ବେଳେ ପେଟ୍ରୋଲର ମୂଲ୍ୟ ୪୨ଟଙ୍କା ଥିଲାବେଳେ ଏବଂ ଡିଜେଲର ମୂଲ୍ୟ ୩୫ଟଙ୍କା ପାଖାପାଖି ଥିଲା। କିନ୍ତୁ ଆଜି ବିଶ୍ୱ ବଜାରରେ କଂଚା ତୈଳ୍ୟର ଦାମ ୪୦ ଡଲାରୁ ୩୭ ଡଲାରକୁ ଖସିଥିଲା ବେଳେ ପେଟ୍ରୋଲ ଦାମ ୭୮ଟଙ୍କା ଏବଂ ଡିଜେଲର ଦାମ ୭୫ ଟଙ୍କାରେ ପହଂଚିଛି। ଏହି ବିଗତ ଏକ ସପ୍ତାହ ମଧରେ ପେଟ୍ରୋଲ ଏବଂ ଡିଜେଲର ଦାମ ପାଖାପାଖି ୭ଟଙ୍କାରୁ ୮ଟଙ୍କା ବୃଦ୍ଧି ଘଟିଛି। କେନ୍ଦ୍ର ସରକାର ୩୨ଟଙ୍କା ଲିଟର ପିଛା ଏକସାଇଜ ନେଉଥିଲା ବେଳେ ଅର୍ଥକମିଶନଙ୍କ ସୁପାରିଶ ହିସାବରେ ମାତ୍ର ୪୧% ଏକସାଇଜ ଡ୍ୟୁଟିରୁ ରାଜ୍ୟମାନଙ୍କୁ ଭାଗ ମିଳିବ। ଏହି ୪୧%ରୁ ଓଡ଼ିଶାକୁ ମାତ୍ର ୩.୪୬% ଅର୍ଥ ମିଳିବ। କିନ୍ତୁ ୨୦୧୪ ମସିହାରେ ରାଜ୍ୟମାନଙ୍କୁ ୪୨% ହାରରେ ଭାଗ ମିଳୁଥିଲା। ତେଣୁ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଯୋଗୁଁ କେନ୍ଦ୍ର ସରକାର ଅଧିକରୁ ଅଧିକ ରାଜସ୍ୱ ଆୟ କରିଚାଲିଛନ୍ତି। ଏଭଳି ଏକ ଦୁଃସ୍ଥିତି ଜନସାଧାରଙ୍କ ହିତକୁ ଧ୍ୟାନ ନଦେବାକୁ କଂଗ୍ରେସ ଦଳ ଦୃଢ଼ ସ୍ୱରରେ ନିନ୍ଦା କରୁଛି। ଏହି ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ସୁରେଶ କୁମାର ରାଉତରାୟ, ପଂଚାନନ କାନୁନଗୋ, ଶିବାନନ୍ଦ ରାୟ, ଦେବେନ୍ଦ୍ର ପ୍ରସାଦ ଦାସ, ଶୁଭମ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସୌରଭ ଗାଙ୍ଗୁଲିଙ୍କ ଭାଉଜ ଓ ମା କରୋନା ସଂକ୍ରମିତ

କୋଲକାତା,୨୦।୬ (ନି.ପ୍ର): ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ବିସିସିଆଇ ଅଧକ୍ଷ ସୌରଭ ଗାଙ୍ଗୁଲିଙ୍କ ଭାଉଜ ଏବଂ ମା କରୋନାରେ ଆକ୍ରାନ୍ତ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସୂତ୍ରରୁ ପ୍ରକାଶ ଯେ, ସୌରଭ ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲିଙ୍କ ପତ୍ନୀ କରୋନାଭାଇରସ୍ ପଜିଟିଭ୍ ବୋଲି ଜଣାପଡିଛି। ଏହା ପରେ ତାଙ୍କ ମାଆଙ୍କ ଜାଂଚ ରିପୋର୍ଟ ମଧ ପଜିଟିଭ ଆସିଛି। ପୂର୍ବରୁ ଉଭୟ ଥଣ୍ଡା କାଶ ଏବଂ ଜ୍ୱର ହୋଇଥିଲେ। ପରେ, ନିଶ୍ୱାସ ପ୍ରଶ୍ୱାସ ନେବାରେ ଲାଗିଲା । ତା'ପରେ ତାଙ୍କ ରିପୋର୍ଟ ଶୁକ୍ରବାର ସକାଳେ କରୋନାଭାଇରସ୍ ପଜିଟିଭ୍ ବୋଲି ଜଣାପଡିଛି। ସତର୍କତା ଅବଲମ୍ବନ କରି ସୌରଭ ଗାଙ୍ଗୁଲି ମଧ ସଂଗରୋଧକୁ ଯାଇଛନ୍ତି । ତାଙ୍କ ସମ୍ପର୍କରେ ଆସିଥିବା ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଚିହ୍ନଟ କରାଯାଇଛି। ଏହା ବ୍ୟତୀତ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ମଧ ସେମାନଙ୍କ ସମ୍ପର୍କ ବିଷୟରେ ସୂଚନା ପାଇବା ପରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ କୁହାଯାଇଛି।

# ଜମ୍ମୁ-କଶ୍ମୀରର ପୂର୍ବତନ ଡିଏସପି ଦେବନ୍ଦର ସିଂଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ,୨୦।୬ (ନି.ପ୍ର): ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଜମ୍ମୁ-କଶ୍ମୀରର ପୂର୍ବତନ ଡିଏସପି ଦେବନ୍ଦର ସିଂ ଏବଂ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ଇରଫାନ୍ ଶାଫି ମିରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅତିରିକ୍ତ ଅଧିବେଶନ ବିଚାରପତି ଧର୍ମେନ୍ଦ୍ର ରାଣା ଏକ ଲକ୍ଷ ଟଙ୍କାର ମୁଚାଲିକାରେ ଉଭୟଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଉଭୟଙ୍କ ପକ୍ଷରୁ ଓକିଲ ଏମଏସ ଖାନ ଜାମିନ ଆବେଦନ କରି କହିଥିଲେ ଯେ ଅନୁସନ୍ଧାନକାରୀ ସଂସ୍ଥା ଆଇନ ଅନୁଯାୟୀ ୯୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରିନାହାଁନ୍ତି। ତେଣୁ ସେମାନଙ୍କୁ ଡିଫଲ୍ଟ ଜାମିନ ଦିଆଯିବା ଉଚିତ୍। ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ଜାଭେଦ ଇକବାଲ ଏବଂ ସୟଦ ନାଭିଦ୍ ମୁଶାକ। କୋର୍ଟ କହିଛନ୍ତି ଯେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ୯୦ ଦିନ ପରେ ଚାର୍ଜସିଟ୍ ଦାଖଲ କରିପାରି ନାହିଁ, ତେଣୁ ଉଭୟଙ୍କୁ ଜାମିନ ପ୍ରଦାନ କରାଯାଇଛି।

# ଭାରତରେ କୋଭିଡ-୧୯ ମୁକାବିଲାରେ ସହଯୋଗ ନିମନ୍ତେ ଭାରତ ସରକାର ଏବଂ ଏଆଇଆଇବି ମଧରେ ୭୫୦ ନିୟୁତ ଡଲାର ମୂଲ୍ୟର ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୦।୬ (ନି.ପ୍ର): ଭାରତ ସରକାର ଏବଂ ଏସିଆନ ଭିତିଭୂମି ବିକାଶ ବ୍ୟାଙ୍କ (ଏଆଇଆଇବି) ମଧରେ ଆଜି ୭୫୦ ନିୟୁତ ମିଲିୟନ ଆମେରିକୀୟ ଡଲାରର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। "କୋଭିଡ-୧୯ ସକ୍ରିୟ ମୁକାବିଲା ଏବଂ ବ୍ୟୟ ସହାୟତା କାର୍ଯ୍ୟକ୍ରମ" ନାମକ ଏହି ଚୁକ୍ତିରେ ମିଳିବାକୁ ଥିବା ଅର୍ଥ କୋଭିଡ-୧୯ ମହାମାରୀର ପ୍ରତିକୂଳ ପ୍ରଭାବ କାରଣରୁ ପ୍ରଭାବିତ ହୋଇଥିବା ଗରିବ ଏବଂ ଦୁର୍ବଳ ପରିବାରଙ୍କୁ ସହାୟତା ପ୍ରଦାନ କରିବାରେ ବିନିଯୋଗ କରାଯିବ। ଏଆଇଆଇବି ପକ୍ଷରୁ ଏହା ହେଉଛି ଭାରତକୁ ସର୍ବପ୍ରଥମ ବଜେଟ ସହାୟତା। ଭାରତ ସରକାରଙ୍କ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ବ୍ୟାପାର ବିଭାଗ ଅତିରିକ୍ତ ସଚିବ ଶ୍ରୀ ସମୀର କୁମାର ଖାରେ ଏବଂ ଏଆଇଆଇବି ପକ୍ଷରୁ ମହାନିର୍ଦ୍ଦେଶକ (କାର୍ଯ୍ୟକାରୀ) ଶ୍ରୀ ରଜତ ମିଶ୍ରା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଶ୍ରୀ ଖାରେ କହିଥିଲେ, "କରୋନା ଭୂତାଣୁ ମୁକାବିଲା ନିମନ୍ତେ ଏଆଇଆଇବି ପକ୍ଷରୁ ଏହି ସହାୟତା ପାଇଁ ଆମେ ଧନ୍ୟବାଦ ଜଣାଉଛୁ। କରୋନା ଭୂତାଣୁ କାରଣରୁ ମହିଳାଙ୍କ ସମେତ ସମାଜର ଦୁର୍ବଳ ବର୍ଗ ପ୍ରଭାବିତ ହୋଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଏହି ଅର୍ଥରେ ସହାୟତା ଯୋଗାଇ ଦିଆଯିବ। ସେହିପରି ପ୍ରଭାବିତ ହୋଇଥିବା ସଂଗଠିତ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ପଦକ୍ଷେପ ସୁନିଶ୍ଚିତ କରାଯାଇପାରିବ। ଏଆଇଆଇବି ପକ୍ଷରୁ ଏହି ସମୟୋପଯୋଗୀ ଆର୍ଥିକ ସହାୟତା ସରକାରଙ୍କ କୋଭିଡ-୧୯ ଜରୁରିକାଳୀନ ମୁକାବିଲା କ୍ଷେତ୍ରରେ ବିଶେଷ ଯୋଗଦାନ ଦେଇପାରିବ। ଏହି କାର୍ଯ୍ୟକ୍ରମ ଦ୍ୱାରା କୋଭିଡ ୧୯ ମହାମାରୀର ପ୍ରତିକୂଳ ସାମାଜିକ ଏବଂ ଆର୍ଥିକ ପ୍ରଭାବ ହ୍ରାସ କରିବା କ୍ଷେତ୍ରରେ ଭାରତ ସରକାରଙ୍କୁ ବଜେଟ ସହାୟତା ମିଳିପାରିବ। ପୂର୍ବରୁ ଏଆଇଆଇବି ପକ୍ଷରୁ ଭାରତକୁ କୋଭିଡ-୧୯ ମୁକାବିଲା ନିମନ୍ତେ ୫୦୦ ନିୟୁତ ଡଲାର ଋଣ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ମୁଖ୍ୟତଃ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ପରିବାର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଧବା, ଦିବ୍ୟାଙ୍ଗଜନ ଏବଂ ଅନ୍ୟ ଦୁର୍ବଳ ବର୍ଗର ଲୋକମାନଙ୍କୁ ସହାୟତା ପ୍ରଦାନ କରାଯିବ। ଏଆଇଆଇବି ଏବଂ ଏସୀୟ ବିକାଶ ବ୍ୟାଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ମୋଟ ୨.୨୫୦ ବିଲିୟନ ଡଲାର ମଧ୍ୟରୁ ଏଆଇଆଇବି ପକ୍ଷରୁ ୭୫୦ ମିଲିୟନ ଡଲାର ଏବଂ ଏଡିବି ପକ୍ଷରୁ ୧.୫ ବିଲିୟନ ଡଲାର ଅର୍ଥ ଯୋଗାଇ ଦିଆଯିବ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଖାଲି : ନିର୍ବାଚନ କମିଶନଙ୍କୁ ଚିଠି ଲେଖିଲେ ବିଧାନସଭା ସଚିବ

ଭୁବନେଶ୍ୱର, ୧୯ ଜୁନ (ହି.ସ.)- ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ମଦନ ମୋହନ ଦତଙ୍କ ପରଲୋକ ଗମନ ହେବା ପରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଏବେ ଖାଲି ରହିଛି ବୋଲି ବିଧାନସଭା ସଚିବ ଦାଶରଥି ଶତପଥି ନିର୍ବାଚନ କମିଶନଙ୍କୁ ଚିଠି ଲେଖି ଜଣାଇଛନ୍ତି ।

ଏହାର ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଲୋକସଭା ଏବଂ ରାଜ୍ୟସଭାର ସେକ୍ରେଟେରୀ ଜେନେରରାଲ, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଇ ଦିଆଯାଇଛି । ଏହା ବ୍ୟତୀତ ରାଜ୍ୟପାଳଙ୍କୁ ଏ ବିଷୟରେ ଜଣାଇ ଦିଆଯାଇଛି । ଆଜି ଏ ସମ୍ପର୍କରେ ମଧ ବିଧାନସଭା ସଚିବାଳୟ ପକ୍ଷରୁ ନୋଟିଫିକେସନ ପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ରିପୋର୍ଟକୁ ଭିତି କରି ବିଧାନସଭା ସଚିବ ଏହି ବିଜ୍ଞପ୍ତି ଜାରି କରିଛନ୍ତି ।

# କରୋନା ଯୋଗୁ ଘୋର ଆର୍ଥିକ ଅନାଟନରେ ପୂଜକଙ୍କ ପରିବାର

ଧର୍ମଶାଳା,୨୦।୬ (ନି.ପ୍ର): କେଉଁ ଯୁଗରୁ ବ୍ରାହ୍ମଣୟମାନେ ପୂଜାପାଠକୁ ନିଜର କୌଳିକ ବୃତି ଭାବେ ଆପଣାଇଛନ୍ତି। ଭକ୍ତମାନେ ଦକ୍ଷିଣା ରୂପେ ଯାହା ଦେଇଥାନ୍ତି ସେତିକିରେ ସନ୍ତୁଷ୍ଟ ହୋଇ ବ୍ରାହ୍ମଣମାନେ ନିଜ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ଚଳିତବର୍ଷ କରୋନାରେ ପୂଜକ ମାନଙ୍କର ଆର୍ଥିକ ଅବସ୍ଥା ଭୁଷୁଡି ପଡିଛି। ବଡଚଣା ବ୍ଲକର ବହୁ ପ୍ରସିଦ୍ଧ ଦେବାଦେବୀଙ୍କ ମନ୍ଦିର ରହିଛି। ଏହି ଦୋବଳୟମାନଙ୍କରେ ଶତାଧିକ ବ୍ରାହ୍ମଣମାନେ ପୂଜାପାଠ କରି ନିଜର ଗୁଜୁରାଣ ମେଂଟାଇଥାନ୍ତି। ଲକଡାଉନ ଯୋଗୁ ଭକ୍ତ ଆସିବା ଭୟରେ ସରକାର ସବୁ ଦେବାଳୟ ଗୁଡିକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ କରି ଦେଇଛନ୍ତି। କେବଳ ଦେବାଦେବୀଙ୍କ ନୀତିକାନ୍ତି ପାଇଁ ପାଳିକରି ଜଣେ ଦୁଇ ଜଣ ବ୍ରାହ୍ମଣ ଠାକୁରଙ୍କ ପୂଜାନିତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘ ୩ ମାସରୁ ଉର୍ଦ୍ଧ ହେବ ମନ୍ଦିର ଗୁଡିକ ତାଲା ପଡିବାରୁ ମନ୍ଦିର ଉପରେ ନିର୍ଭର କରୁଥିବା ବ୍ରାହ୍ମଣଙ୍କ ଅବସ୍ଥା କହିଲେ ନସରେ। ମୂଳରୁ ପୂଜାପାଠକୁ ନିଜର କୌଳିକ ବୃତି ଭାବେ ଗ୍ରହଣ କରିଥିବାରୁ ଅନ୍ୟକାର୍ଯ୍ୟ କରିବାକୁ ପୂଜକମାନେ ପଛ ଘୁଂଚା ଦେଉଛନ୍ତି। ଅଳ୍ପ କୀଛ ବ୍ରାହ୍ମଣଙ୍କୁ ଛାଡିଲେ ପ୍ରାୟ ବ୍ରାହ୍ମଣଙ୍କ ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନୁହେଁ। ଦେବାଳୟକୁ ଆସୁଥିବା ଭକ୍ତ ମାନଙ୍କର ଦାନ ଅର୍ଥରେ ଏମାନେ ନିଜ ନିଜର ଘର ଚଳାଇ ଛନ୍ତି। ବଡଚଣାର ପ୍ରସିଦ୍ଧ ମହାବିନାୟକ, ଚଣ୍ଡି ମନ୍ଦିର, ହନୁମାନ ମନ୍ଦିର, ବିଶ୍ୱେଶ୍ୱର ମନ୍ଦିର ଓ ଛତିଆବଟ ଆଦି ଗୋଟେ ଗୋଟେ ପ୍ରସିଦ୍ଧ ଦେବାଳୟ ଭାବେ ଜଣାଶୁଣା। ପ୍ରତିଦିନ ଏହିସବୁ ପୀଠରୁ ରାଜ୍ୟରୁ ବିଭିନ୍ନ ପ୍ରାନ୍ତରୁ ଶତାଧିକ ଭକ୍ତମାନେ ଆସିଥାନ୍ତି। ମାତ୍ର ଏବେ କରୋନା ପ୍ରଭାବରେ ଭକ୍ତମାନେ ଆସୁ ନଥିବାରୁ ଦେବାଳୟ ଉପରେ ନିର୍ଭର କରୁଥିବା ପୂଜକଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି। ବହୁ ଦେବାଳୟରେ ପରିଚାଳନା କମିଟି ଥିଲେ ମଧ ପୂଜକଙ୍କ ଏପରି ସମୟରେ ପରିଚାଳନା କମିଟି ତରଫରୁ ଆର୍ଥିକ ବ୍ୟବସ୍ଥା ମଧ କରା ଯାଉ ନଥିବା ଜଣାପଡିଛି। କେବଳ ଚଣ୍ଡିଖୋଲସ୍ଥିତ ଶୈବପୀଠ ମହାବିନାୟକରେ ୬୦ରୁ ଉର୍ଦ୍ଧ ପୂଜକ ପୂଜାର୍ଚ୍ଚନା କରି ନିଜର ଜୀବିକା ନିର୍ବାହ କରିଥାନ୍ତି। କିଛିଦିନ ତଳେ ଏହି ପୀଠର ମହାବିନାୟକ ପୂଜକ ସଂଘର କର୍ମକର୍ତାମାନେ ଜିଲ୍ଲାପାଳଙ୍କୁ ଭେଟି କିଛି ଆର୍ଥିକ ସାହାଯ୍ୟ ପାଇଁ ଦାବି ପତ୍ର ଦେଇଥିଲେ।

# ଗଲୱାନ ସହୀଦଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଶୋକସଭା

ଭୁବନେଶ୍ୱର,୨୦।୬ (ନି.ପ୍ର) : ଚାଇନା ପୁରତ ସୀମାରେ ଲଦାଖ ଅଂଚଳର ଚାଲୱାନ ନଦୀ ଅବବାହିକାରେ କର୍ଣ୍ଣେଲ ସନ୍ତୋଷବାବୁ ସମେତ ୨୦ ଜଣ ହାବିଲଦାର ଓ ସୀପାହୀଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଆଜି ପୂର୍ବାହ୍ନ ୧୨ ଘଟିକା ସମୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଏକ ଶୋକ ସଭା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଦୁଇ ଜଣ ସୈନିକ କନ୍ଧମାଳର ଚନ୍ଦ୍ରକାନ୍ତ ପ୍ରଧାନ ଓ ରାଇରଙ୍ଗପୁରର ନନ୍ଦୁରାମ ସୋରେନଙ୍କର ସହୀଦ ପରିବାରବର୍ଗ ପ୍ରତି ବିଶେଷ ଭାବେ ଶୋକ ପ୍ରସ୍ତାବ ପଠାଯାଇଛି। ବୀର ସୈନିକ ଚନ୍ଦ୍ରକାନ୍ତ ପ୍ରଧାନ ଓ ରାଇରଙ୍ଗପୁରର ନନ୍ଦୁରାମ ସୋରେନଙ୍କ ବଳିଦାନ ପାଇଁ ସେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି କୁହାଯାଇଛି।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୨୦।୬ (ନି.ପ୍ର): ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ପକ୍ଷରୁ ଗାଲୱାନ ଘାଟୀର ଚୀନ୍ ସେନାଙ୍କ ଆକ୍ରମଣରେ ସହିଦ ଭାରତୀୟ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ କୁଶାଳ ଚାଟାର୍ଜୀ, ବିଜୟ ଜେନା, କିରଣ ନାଥ, ମନୋରଂଜନ ମହାରଣା, ରାହୁଲ ନାୟକ, ସବ୍ୟସାଚୀ ପୃଷ୍ଟି, ଚିନ୍ମୟ ମହାନ୍ତି, ସାଜିତ୍ କାଦ୍ରୀ, ସୁନୀଲ ପଣ୍ଡା, ସୂରଜ ସାହୁ, ଜୀବନ ସଂଗ୍ରାମ ମିଶ୍ର, ନରୋତ୍ତମ ଦାସ ପ୍ରମୁଖ ବିସିଜେଡିର କର୍ମକର୍ତ୍ତାମାନେ ଯୋଗଦେଇ ଚୀନ୍ ସେନାଙ୍କ ବର୍ବୋରଚିତ ସଂଘର୍ଷକୁ ତୀବ୍ର ନିନ୍ଦା କରିଥିଲେ। ତେବେ ଭାରତକୁ ନିଜର ମାର୍କେଟ ବୋଲି ଭାବିଥିବା ଚୀନ୍‌କୁ ସମୁଚିତ ଶିକ୍ଷା ଦେବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଚୀନ୍‌କୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ପ୍ରତ୍ୟେକ ଭାରତୀୟ ଚାଇନା ସାମଗ୍ରୀ ବର୍ଜନ ନିମନ୍ତେ ଛାତ୍ର ନେତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସହିଦ୍ ଭାରତୀୟ ଯବାନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବ ପ୍ରାର୍ଥନା ମାଧ୍ୟମରେ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ସାହୁ, ଜଗତଜୀବନ ମହାନ୍ତି, ସମ୍ବିତ୍ ମହାନ୍ତି, ସାହାବାଜ୍ ଶେଖ୍, ଚିନ୍ମୟ ପରିଡ଼ା, ସାଗର ଦାସ, ସଂଗ୍ରାମ ଦାସ ପ୍ରମୁଖଙ୍କ ସମେତ ବିସିଜେଡିର ବହୁ ଛାତ୍ରନେତା ଏଥିରେ ଯୋଗଦେଇ ସହିଦ୍ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।ବଙ୍ଗଳୀ

# ଜଳ ବିଶୋଧାନାଗାର ମେଗା ପ୍ରକଳ୍ପ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଧର୍ମଶାଳା,୨୦।୬ (ନି.ପ୍ର): ଯାଜପୁର ଜିଲ୍ଲାରେ ୩ ଗୋଟି ଜଳ ବିଶୋଧନାଗାର ଓ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୩୧୭ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ବିଞ୍ଝାରପୁର, ଧର୍ମଶାଳା ଓ ବଡଚଣାରେ ଏହି ୩ଟିପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ୬ ମାସ ହେବ ସଂପୂର୍ଣ୍ଣ ହୋଇଯାଇଛି। ମେଗା ଇଂଜିନିୟରିଂ ଇନାଫଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ କମ୍ପାନୀ ଏହି ତିନୋଟି ପ୍ରକଳ୍ପ କରିବା ପାଇଁ ଟେଣ୍ଡର ପାଇବାରେ ସକ୍ଷମ ହୋଇଛି। ବଡଚଣା ବ୍ଲକର ରାଧାଦେଇପୁର ପଂଚାୟତର ବିଲିକଣା ରାଜସ୍ୱ ମୌଜା ପ୍ରାୟ ସାଢେ ୩ ଏକର ଅନାବଦୀ କିସମ ଜମିକୁ ଚିହ୍ନଟ କରାଯାଇଥିଲା। ପ୍ରକଳ୍ପ ପାଇଁ ୫ ଏକର ଯାଗା ଆବଶ୍ୟକଥିବା ବେଳେ ଅବଶିଷ୍ଟ ଦେଢ ଏକର ବେସରକାରୀ ଜମି କ୍ରୟ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରକଳ୍ପ ପାଇଁ ନିକଟରେ ଥିବା ଗେଙ୍ଗୁଟି ନଦୀରୁ ଜଳ ସଂଗ୍ରହ କରାଯାଇ ସେଠାରେ ବିଶୋଧନ ପରେ ବଡଚଣା ବ୍ଲକର ୪୦ଗୋଟି ପଂଚାୟତକୁ ଜଳ ଯୋଗାଣ କରାଯାଇପାରିବ। ଏହି ୪୦ ଗୋଟି ପଂଚାୟତର ସମସ୍ତ ମୁଖ୍ୟାଳୟରେ ଓଭରହେଡ ଟ୍ୟାଙ୍କ ବସାଯିବା ସହ ସମସ୍ତ ପରିବାରକୁ ବୀଶୋଧିତ ପାଣି ଯୋଗାଣ କରାଯିବା ପାଇଁ ଲକ୍ଷ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭର ଦୁଇ ବର୍ଷ ଅବଧି ମଧରେ କାର୍ଯ୍ୟ ସମ୍ପନ୍ନ କରାଯିବା ପାଇଁ ଧାର୍ଯ୍ୟ କରାଯାଇଥରଲା ବେଳେ ଟେଣ୍ଡର ପ୍ରକ୍ରିୟାର ଅଦ୍ୟାବଧି ୬ ମାସ ବିତିଯାଇଥିବା କମ୍ପାନୀର ସିନିୟର ମ୍ୟାନେଜର ପୁରୁଷପୋତମ ରାଓ ସୂଚନା ଦେଇଛନ୍ତି। ଶୁକ୍ରବାର କମ୍ପାନୀ ପକ୍ଷରୁ ତହସିଲ କତୃପକ୍ଷଙ୍କ ଜରିଆରେ ଚିହ୍ନଟ ପ୍ରକ୍ରିୟା ଓ ମାଟି ପରୀକ୍ଷଣ କାର୍ଯ୍ୟ ଆରମ୍ଭ ହେଲା ସମୟରେ ସ୍ଥାନୀୟ କିଛି ଲୋକ ଏହି ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିଥିଲେ। ସେମାନଙ୍କ କହିବା ମୁତାବକ ଯେଉଁ ଜମି ଉପରେ ପ୍ରକଳ୍ପ ନିର୍ମାଣ କରାଯାଉଛି ତାହାକୁ କଅଁରପୁର ଗ୍ରାମବାସୀ ଖେଳପଡିଆ ଓ ପାର୍ଶ୍ୱରେ ଥିବା ଖାଲି ଜମିରେ ଶ୍ମାସନ ପାଇଁ ବ୍ୟବହାର କରିଆସୁଥିଲେ। ଯଦି ଏଠାରେ ପ୍ରକଳ୍ପ ନିର୍ମାଣ ହୁଏ ଆମ୍ଭେ ଏହି ସୁବିଧା ପାଇବାରୁ ବଂଚିତ ରହିବୁ। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଗ୍ରାମସଭା କିମ୍ବା ପଲ୍ଲୀସଭା ହୋଇ ନଥିବା କାଁରପୁର ଗ୍ରାମବାସୀ ମାନେ ସେମାନଙ୍କ ଅଭିଯୋଗରେ ଦର୍ଶାଇ ଥିଲେ। କିନ୍ତୁ ସ୍ଥାନୀୟ ସରପଂଚ ଆଶିଷ ରଞ୍ଜନ ଚୌଧୁରୀଙ୍କୁ ପଚାରିବାରୁ ସେ କହିଥିଲେ ଯେଉଁ ବିଲିକଣା ରାଜସ୍ୱ ଗ୍ରାମରେ ପ୍ରକଳ୍ପ ନିର୍ମାଣ କରାଯାଉଛି ସେଠାରେ ପଲ୍ଲୀସଭା କରାଯାଇ ଏହାକୁ ମଞ୍ଜୁରୀ କରାଯାଇଛି। ସକାଳ ସମୟରେ ସ୍ଥାନୀୟ କିଛି ଲୋକ ଏହାକୁ ବିରୋଧ କରି କାମ ବନ୍ଦ କରିବାକୁ ଆସୁଥିବାରୁ କମ୍ପାନୀ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲା। ଏହା ପରେ ଘଟଣା ସ୍ଥଳରେ ଦର୍ପଣ ତହସିଲଦାର ବରେଣ୍ଦୁ ମହାନ୍ତି, ବଡଚଣା ଥାନା ଧିକାରୀ ପ୍ରିୟବ୍ରତ ରାଉତ ସହ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ପହଂଚି ଚିହ୍ନଟ ପ୍ରକ୍ରିୟା ଓ ମାଟି ପରୀକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

# ହାଇସ୍କୁଲ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ଠାରେ ଅବିଭାବକଙ୍କ ଦାବି

କେନ୍ଦ୍ରାପଡ଼ା,୨୦।୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ତରଡିପାଳ ନୋଡାଲ ହାଇସ୍କୁଲର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହିତ ଅବିଭାବକ ମାନେ ଆଲୋଚନା କରିଥିବାର ଜଣା ପଡିଛି । ଶ୍ରେଣୀ ଗୃହ ଅଭାବରୁ ହାଇସ୍କୁଲ ପରିସର ରେ ନୂତନ ଭାବେ ନିର୍ମିତ ୬ ଗୋଟି ଶ୍ରେଣୀଗୃହକୁ ବିଦ୍ୟୁତ୍ ସଂଯୋଗ କରିବା ଏବଂ ଏହି ଶ୍ରେଣୀ ଗୃହକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏକ ବିରାଟ ଗର୍ତ ଥିବାରୁ ଆର ପାର୍ଶ୍ୱକୁ ଯାତାୟତ କରିବା ପାଇଁ ଛାତ୍ରାଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କର ସମ୍ଭବ ପର ହୋଇପାରୁ ନାହିଁ। ଉକ୍ତ ଗର୍ତକୁ ପୂରଣ କରିବା , ଏହି ହାଇସ୍କୁଲରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ହାଇସ୍କୁଲରେ କଳା ଓ ସଂସ୍କୃତ ଶିକ୍ଷକ, ଖେଳ ଶିକ୍ଷକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ର ଅଭାବ ରହିଛି । ଦୀର୍ଘ ବର୍ଷ ହେଲା ଏହି ହାଇସ୍କୁଲରେ ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଅସୁବିଧାର ସମାଧାନ କରିବା ପାଇଁ ପୂର୍ବତନ ସରପଂଚ ନୃସିଂହ ବିଶ୍ୱାଳ, ଅଜୟ କୁମାର ବିଶ୍ୱାଳ, ପୂର୍ବତନ ପିଏ ଏସ ମେମ୍ବର ଦେବେନ୍ଦ୍ର ବିଶ୍ୱାଳ, ଏବଂ ଗୋଲେଖ ବେହେରା ପ୍ରମୂଖ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି ।

# ନିମ୍ନମାନର ପିଚୁ ରାସ୍ତା ନିର୍ମାଣ ସପ୍ତାହ ମଧ୍ୟରେ ପିଚୁ ଉଠି ଯାଉଥିବା ଅଭିଯୋଗ

ନୂଆପଡା,୨୦।୬ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଖଲନା ଠାରୁ ଧିଙ୍ଗିଆମୁଣ୍ଡା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ପିଚୁ ରାସ୍ତା ଅତ୍ୟନ୍ତ ନିମ୍ନମାନର ନିର୍ମାଣ ହୋଇଥିବା ଅଭିଯୋଗ ହେଉଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୨୦୧୯-୨୦ ଆର୍ଥୀକ ବର୍ଷରେ ୮ କିଲୋମିଟର ରାସ୍ତା ତିଆରି ହେଉଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ପିଚୁ ସବୁ ଓପାଡି ପଡୁଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ରାସ୍ତା ଖଲନା ଠାରୁ ଧିଙ୍ଗିଆମୁଣ୍ଡା ଭାୟା କୁଲିହାଡୁଙ୍ଗରୀ, କରନବାହାଲି ଏବଂ ତିରେମାଲ ଗ୍ରାମ ଦେଇ ଯାଇଅଛି । ହେଲେ ସଂପୃକ୍ତ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନମାନର କାମ କରିଥିବାରୁ ପିଚୁ ହୋଇଥିବା ୫-୬ କିଲୋମିଟର ପିଚୁ ରାସ୍ତାର ପିଚୁ ସବୁ ଓପାଡି ପଡୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ସଡକର ଆରମ୍ଭ କିମ୍ବା ଶେଷରେ କୌଣସି ସୂଚନା ଫଳକ ଦିଆଯାଇନଥିବା ଦେଖିବାକୁ ମିଳିଛି । ଏନେଇ ଜେଇ ସ୍ୱାଇଁ ବାବୁଙ୍କୁ ଯୋଗାଯୋଗ କରାଯିବାରୁ ଆସନ୍ତାକାଲି ରାସ୍ତା କାମର ସମ୍ପୂର୍ଣ୍ଣ ତଥ୍ୟ ଦେବି ବୋଲି ପ୍ରକାଶ କରିଥିଲେ ।

# ଏମଏସଏମଇ କ୍ଷେତ୍ର ପାଇଁ ଆର୍ଥିକ ପ୍ରୋତ୍ସାହନ : ଅବସ୍ଥା ସ୍ୱାଭାବିକ ଦିଗରେ ବଳିଷ୍ଠ ପଦକ୍ଷେପ

ଭୁବନେଶ୍ୱର,୨୦।୬ (ନି.ପ୍ର): ସଂପ୍ରତି କରୋନାରେ ବିପର୍ଯ୍ୟନ୍ତ ହୋଇ ପଡ଼ିଥିବା ଅର୍ଥ ବ୍ୟବସ୍ଥା କ୍ରମେ ସୁଧୁରିବାରେ ଲାଗିଛି । ବିଶେଷ ଭାବେ ଗ୍ରାମୀଣ ଅର୍ଥନୀତି ସ୍ୱାଭାବିକ ଅବସ୍ଥାକୁ ଆସୁଥବବା ଲକ୍ଷ୍ୟ କରାଯାଉଛି, ଯାହା ଏକ ଶୁଭ ସଂକେତ ବୋଲି ଏମଏସଏମଇ ମନ୍ତ୍ରୀ କ୍ୟାପେଟେନ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି । ଏମଏସଏମଇ ଅର୍ଥ ବିଭାଗ ଓ ଭାରତୀ ଚାମ୍ବର୍ସ ଅଫ କମର୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ୱେବ୍ କନଫରେନ୍ସରେ ସେ ଏହା ପ୍ରକାଶ କରିଛନ୍ତି । ଲୋକଙ୍କ ମଧରେ ଆର୍ଥିକ କାରବାର ବୃଦ୍ଧି ହେବାହିଁ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ । ଲୋକେ ଚାହିଦା ସୃଷ୍ଟି ପାଇଁ ଅର୍ଥ ବିନିଯୋଗ କରିବା ଆବଶ୍ୟକ ଏହା ଦ୍ୱାରା ହିଁ ଅର୍ଥ ବ୍ୟବସ୍ଥାର ପୁନଃ ଉଦ୍ଧାର ହୋଇପାରିବ ବୋଲି ସେ କହିଥିଲେ । ଏହି ଅବସରରେ ରାଜ୍ୟର ଆର୍ଥିକ ବ୍ୟବସ୍ଥା ଉପରେ ମତରଖି ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କେ. ମୀନା କହିନ୍ତି ଯେ, ଚଳିତ ବର୍ଷ ୯୦ ହଜାର କୋଟି ମଧରୁ ଏମଏସଏମଇ କ୍ଷେତ୍ର ପାଇଁ ୩୮ ହଜାର କୋଟି ପ୍ରାବଧାନ କରାଯାଇଛି । ତତ୍ ବ୍ୟତୀତ ସରକାରଙ୍କଠାରୁ ଯାହା ପ୍ରାପ୍ୟ ତାହାକୁ ତୁରନ୍ତ ଏମଏସଏମଇକୁ ପଇଠ କରାଯିବାକୁ ନେଇ ରୀତିମତ ଭାବେ ମନିଟରିଂ କରାଯାଉଛି । ଏଥିପାଇଁ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇ ଦୁଃସ୍ଥିତିରେ ଥବବା ଏମଏସଏମଇ ସେକ୍ଟରକୁ ସହଯୋଗ କରିବାକୁ ଉପାୟମାନ ବାହାର କରାଯାଉଛି । ସେ ମଧ୍ୟ କେନ୍ଦ୍ର ସରକାରଙ୍କ ଗୋଟିଏ ରାଷ୍ଟ୍ର ଗୋଟିଏ ବଜାର ସଂକଳ୍ପକୁ ସଫଳ କରିବାକୁ ଏମଏସଏମଇ ଗୁଡ଼ିକ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ଜିଇଏମର ଫାଇଦା ଉଠାଇଥବାକୁ କହିଥିଲେ। ଅନ୍ୟ ବିଶେଷଜ୍ଞମାନଙ୍କ ମଧରୁ ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସର ସଭ୍ୟ ମାତୃଦତ ମିଶ୍ର କହିଥିଲେ ଯେ, ଅର୍ଥ ଦେଣନେଣ ବ୍ୟବସ୍ଥା ବର୍ତ୍ତମାନର ଆବଶ୍ୟକତା । ସେ ବ୍ୟାଙ୍କର୍ସ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ କୋଭିଡ଼ ଓ ଜୁରୀ ଋଣ ନିଶ୍ଚିତ ଯୋଜନାରେ ଋଣ ପାଇଁ ଆବେଦନକୁ ସେହିଦିନ ହିଁ ଅନ୍ତତଃ ୩୦-୪୦% ଋଣ ପ୍ରଦାନ କରିବାକୁ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ । ଏହି ଅବସରରେ ଏମଏସଏମଇ ପାଇଁ ରହିଥିବା କେତେ ସ୍କିମ୍ ଉପରେ ଆଲୋକପାତ କରାଯାଇଥିଲା । ଏହି ୱେବ୍ କନଫରେନ୍ସକୁ ଭାରତୀୟ ଚାମ୍ବର୍ସ ଅଫ କମର୍ସର ଓଡ଼ିଶା ବିତ ଓ ଟିକସ କମିଟିର ଆବାହକ ରାଜୀବ ଶେଖର ସାହୁ ପରିଚାଳନା କରିଥିବା ବେଳେ ସିଡ଼ବି, ହାଇଦ୍ରାବାଦର ସାଧାରଣ ପରିଚାଳକ ସଂଜୟ ଜୈନ, ଆଇସିଆଇସିଆର ବ୍ୟାଙ୍କର ଜୋନାଲ ମୁଖ୍ୟ ପ୍ରଦୋଷ ରଂଜନ ରାଉତ, ଆଇସିସିର ପରାମର୍ଶ କମିଟିର ସଦସ୍ୟ ରାଜେନ୍ ପାଢ଼ୀ ପ୍ରମୁଖ ଅଂଶ ଗ୍ରହଣ କରି ନିଜ ନିଜର ମତ ରଖିଥିଲେ ।

# ଗୋଟିଏ ଦିନରେ ପଟ୍ଟା ପ୍ରଦାନ

ନୂଆପଡା,୨୦।୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଉପନିବନ୍ଧକ କାର୍ଯ୍ୟାଳୟ ଠାରେ ଆଜି ଗୋଟିଏ ଦିନରେ ଜମି ମାଲିକାନା ହସ୍ତାନ୍ତର ବିକ୍ରୀନାମା ଦଲିଲର ପଞ୍ଜିକରଣ ଏବଂ ପଟ୍ଟା ପ୍ରଦାନ କରାଯାଇଛି। ଖଡିଆଳ ବ୍ଲକ ଭୋଜପୁର ପ ।ୟତର ଭାଲୁଡୁଙ୍ଗରୀ ଗ୍ରାମର ତୁଳସୀରାମ ପଟେଲଙ୍କ ଖାତା ନଂ ୧୪୩/୪୭ ପ୍ଲଟ ନଂ ୩୫୧/୧୨୩୩ ରୁ ୧୦ ଡିସିମିଲ ଜମି ବିକ୍ରୟ ହୋଇଥିଲା । କ୍ରେତା ବସନ୍ତ ସୁନାଙ୍କୁ ଆଜି ଗୋଟିଏ ଦିନରେ ଜମି ବିକ୍ରୀନାମା ଦଲିଲ ପଟ୍ଟା ପ୍ରଦାନ କରିଛନ୍ତି । ତହସିଲଦାର ସିନ୍ଧୁସୁତା ପାତ୍ର ଏହି ପଟ୍ଟା ପ୍ରଦାନ କରିଥିଲେ । ଏବଂ ଅତିରିକ୍ତ ତହସିଲଦାର ତପନ କୁମାର ନାୟକ ମଧ୍ୟ ଉପସ୍ଥିତ ଥିଲେ ।

# କରୋନା ଯୁଦ୍ଧା ଭାବେ ବାଙ୍ଗିରିପୋଷି ଥାନା ଅଧିକାରୀ ସମ୍ମାନୀତ

ବାରିପଦା,୨୦।୬ (ନି.ପ୍ର): ହ୍ୟୁମେନ ରାଇଟ୍ସ ୟୁଥ ଡ଼େଭ୍‌ଲପ୍‌ମେଣ୍ଟ ରାଷ୍ଟ୍ରୀୟ ସଙ୍ଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧିକାରୀ ଦୟାନିଧି ଦାସଙ୍କୁ ମାନବ ସେବା ସମ୍ମାନରେ ସମ୍ମାନୀତ କରାଯାଇଛି । ବିଶ୍ୱ ମହାମାରୀ କରୋନାକୁ ନେଇ ଜିଲ୍ଲାରେ ଲକଡ଼ାଉନ ଜାରି ହୋଇଥିବା ସମୟରେ ଥାନା ଅଧିକାରୀ ଶ୍ରୀଦାସ ନିଜ ଜୀବନକୁ ବାଜି ଲଗାଇ ବହୁ ଅସହାୟ ବ୍ୟକ୍ତିମାନଙ୍କୁ ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ଆଦି ବଣ୍ଟନ କରିବା ସହିତ ନିଜ ଅଂଚଳରେ କରୋନା ମୁକାବିଲା ନିମନ୍ତେ ବ୍ୟାପକ ଜନସଚେତନାତା କାର୍ଯ୍ୟକ୍ରମ ଜାରି ରଖିଁନ୍ତି । ଏଥି ସହିତ ଥାନାରେ ମଧ ନିଜର କର୍ତବ୍ୟ ସମ୍ପାଦକ କରିବା କ୍ଷେତ୍ରରେ କୌଣସି ଦିନ ଅବହେଳା କରି ନାହାନ୍ତି । ସମସ୍ତ ଜନସାଧାରଣଙ୍କୁ ସମାନ ଦୃଷ୍ଟିରେ ଦେଖି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ପଶ୍ଚାତପଦ ହୋଇ ନାହାନ୍ତି । ବାଙ୍ଗିରିପୋଷି ଥାନା ଅଧିକାରୀ ଶ୍ରୀ ଦାସଙ୍କର ଏହି ପ୍ରକାରର କାର୍ଯ୍ୟ ଓ ସେବାକୁ ନେଇ ରାଷ୍ଟ୍ରୀୟ ହ୍ୟୁମେନ ରାଇଟ୍ସ ୟୁଥ ଡେଭଲପମେଣ୍ଟ ସଙ୍ଗଠନର ରାଜ୍ୟ ଆବାହକ ବିକାଶ କୁମାର ଦାସ ଓ ରାଜ୍ୟ ସାଧାରଣ ସମ୍ପାଦକ ସୁକୁମାର ରଞ୍ଜନ ପ୍ରଧାନ ଥାନା ଅଧିକାରୀ ଶ୍ରୀଦାସଙ୍କୁ ଥାନାରେ ଭେଟି ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନୀତ କରାଇଛନ୍ତି ।

# ବେଆଇନ୍ ଗୋ ଚାଲାଣ : ୧୪ ଗୋରୁ ସହ ଭ୍ୟାନ୍ ଜବତ

ଭଦ୍ରକ, ୨୦/୬ (ହି.ସ.) - ଭଦ୍ରକର ଚରମ୍ପା-ବରାଳପୋଖରୀ ଅଂଚଳରେ ବେଆଇନ୍ ଭାବେ ଗୋଚାଲାଣ ହେଉଥିବା ଗୋରୁ ଗାଡି ଜବତ ହୋଇଛି। ଏକ ପିକଅପ ଭ୍ୟାନ୍‌ରେ ୧୪ଟି ଗୋରୁ ବେଆଇନ୍ ଭାବେ ଚାଲାଣ ହେଉଥିବାବେଳେ ବଜରଙ୍ଗ ଦଳର କର୍ମୀମାନେ ପହଂଚି ଗୋରୁଗାଡି ଅଟକାଇଥିଲେ। ବେଆଇନ୍ ଭାବେ ଚାଲାଣ ହେଉଥିବା ଗୋରୁ ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଖବର ପାଇ ଭଦ୍ରକ ଟାଉନ୍ ଥାନା ପୁଲିସ୍ ପହଞ୍ଚି ଗୋରୁ ଗାଡି ଜବତ କରିଛି। ଗୋରୁ ଗୁଡିକ ଉଦ୍ଧାର କରି ଗୋଶାଳାରେ ରଖାଯାଇଥିବାବେଳେ ବେଆଇନ୍ ଭାବେ ଚାଲାଣ ହେଉଥିବା ପିକ୍‌ଅପ୍ ଭ୍ୟାନ୍‌କୁ ପୁଲିସ୍ ଜବତ କରିଛି।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ରବିବାର, ଜୁନ୍ ୨୧, ୨୦୨୦

# ଫ୍ୟାସନ ହେଲା ଫେସ୍ ମାସ୍କ

**କରୋନାରୁ ବଞ୍ଚିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାର ମେଡିକାଲ ଇକ୍ୱିପମେଣ୍ଟର ସାହାରା ନେଉଛନ୍ତି । ସେଥିରୁ ଫେସ୍ ମାସ୍କ ଗୋଟିଏ । ଘରୁ ବାହାରିବା ସମୟରେ ଫେସ୍ ମାସ୍କ ପିନ୍ଧିବା ଏବେ ଜରୁରି ହୋଇଯାଇଛି । ତେଣୁ ବଜାରକୁ ଏବେ ବିଭିନ୍ନ ଡିଜାଇନ୍‌ର ଫେସ୍ ମାସ୍କ ଆସୁଛି ।**



### ଫ୍ୟାସନ ସହ ସୁରକ୍ଷା :

ଏବେ ଅନଲାଇନ୍‌ରେ ବିଭିନ୍ନ ପ୍ରକାର ଡିଜାଇନର ଫେସ୍ ମାସ୍କ ମିଳୁଛି । ଯାହା ଦେଖିବାକୁ ସୁନ୍ଦର ଏବଂ ପିନ୍ଧିବାକୁ ଆରାମଦାୟକ । ଯେମିତିକି କାର୍ଟୁନ୍ ମାସ୍କ, ବ୍ରାଇଡାଲ ମାସ୍କ, ଫ୍ଲୋରାଲ ପ୍ରିଣ୍ଟ ମାସ୍କ ଆଦି । ଏହି ମାସ୍କକୁ ଲେୟାର୍ସ ସହିତ ତିଆରି କରାଯାଉଛି । କରୋନା ମହାମାରୀ ସମୟରେ ଅନେକ ଡିଜାଇନ୍‌ର ଡ୍ରେସ୍ କରିବା ସହିତ ମାସ୍କ ଡିଜାଇନ୍ ମଧ୍ୟ କରୁଛନ୍ତି । ଯେଉଁଥିପାଇଁ ମାସ୍କ ମଧ୍ୟ ଏବେ ଫ୍ୟାସନ୍ ଟ୍ରେଣ୍ଡ୍ ବନିଛି ।

### ଡ୍ରେସ୍ ସହ ମ୍ୟାଚିଙ୍ଗ୍ ମାସ୍କ :

କରୋନା ସମୟରେ ଗୋଟିଏ ପଟେ ମାସ୍କ ପିନ୍ଧିବା ଜରୁରି ହୋଇ ପଡ଼ିଥିବା ବେଳେ ଅନ୍ୟ ପଟେ ମହିଳାମାନେ ଫ୍ୟାଶନ୍ ପ୍ରତି ଧ୍ୟାନ ଦେବାକୁ ଭୁଲି ନାହାନ୍ତି । ଫ୍ୟାଶନେବଲ ଦିଶିବା ପାଇଁ ଡ୍ରେସ୍ ସହିତ ମ୍ୟାଚିଙ୍ଗ୍ ମାସ୍କ ବ୍ୟବହାର କରୁଛନ୍ତି । ଆଉଟଫିଟ୍ ସହିତ ମ୍ୟାଚିଙ୍ଗ୍ ମାସ୍କ ଷ୍ଟାଇଲିଶ୍ ଏବଂ କୁଲ୍ ଲୁକ୍ ଦେଉଛି ।



### କାର୍ଟୁନ୍ ମାସ୍କ :

ପିଲାମାନେ ମାସ୍କ ପିନ୍ଧିବାକୁ ଭଲ ପାଆନ୍ତି ନାହିଁ । କିନ୍ତୁ ସେମାନଙ୍କୁ କାର୍ଟୁନ ମାସ୍କ ପିନ୍ଧିବାକୁ ନିଶ୍ଚୟ ଭଲ ଲାଗିବ । ମାସ୍କ ଉପରେ ସେମାନଙ୍କ ମନପସନ୍ଦ କାର୍ଟୁନ୍ ଚରିତ୍ର ଡିଜାଇନ କରାଯାଉଛି । ଯେଉଁଥିପାଇଁ ଛୋଟ ପିଲାମାନେ ଆକର୍ଷିତ ହୋଇ ମାସ୍କ ପିନ୍ଧିବାକୁ ଆଗ୍ରହ କରିବେ ।

### ନେଟ୍ ମାସ୍କ :

ନେଟ୍‌ରୁ ମଧ୍ୟ ଷ୍ଟାଇଲିଶ୍ ମାସ୍କ ତିଆରି ହେଉଛି । ଏହାକୁ ଯେତେଦିନ ଚାହିଁବେ ପିନ୍ଧିପାରିବେ । ଏବେ ଆପଣ ଭାବୁଥିବେ ନେଟ୍ ମାସ୍କ ପିନ୍ଧିବାର କ'ଣ ଫାଇଦା ଅଛି ? କିନ୍ତୁ ନେଟ୍ କପଡ଼ା ଭିତରେ କଟନ୍ ଏବଂ ସିଲ୍କ କପଡ଼ାର ବ୍ୟବହାର କରାଯାଉଛି । ତେଣୁ ଏହି ଡିଜାଇନ୍‌ର ମାସ୍କ ପିନ୍ଧିବାରେ କୌଣସି ଅସୁବିଧା ନାହିଁ । ବରଂ ନେଟ୍ ଭିତରେ ଥିବା ସୂତା କପଡ଼ାର ପରସ୍ତ ଗରମରୁ ଆରାମ ଦେଇଥାଏ ।



### ଫ୍ଲୋରାଲ ପ୍ରିଣ୍ଟ୍ ମାସ୍କ :

ମହିଳାଙ୍କୁ ଫ୍ଲୋରାଲ ପ୍ରିଣ୍ଟ୍ ବହୁତ ପସନ୍ଦ । ଫ୍ଲୋରାଲ ଡିଜାଇନ୍‌ର ପୋଷାକ ହେଉ ବା ସୁଜ୍, ଫ୍ୟାଶନେବଲ ଲୁକ୍ ଦେଇଥାଏ । ତେଣୁ ଏହି ଡିଜାଇନ୍‌କୁ ମାସ୍କରେ ବି ସାମିଲ କରାଯାଇଛି । ଏହି ମାସ୍କକୁ ଥ୍ରି ଲେୟାର ଡିଜାଇନ୍‌ରେ ତିଆରି କରାଯାଉଛି, ଯାହାକୁ ପିନ୍ଧିବା ପରେ ସଂକ୍ରମଣର ବିପଦ ନଥାଏ । ଗରମ ଦିନେ ଫ୍ଲୋରାଲ ପ୍ରିଣ୍ଟ୍ ପୋଷାକ ଏବଂ ମାସ୍କକୁ ମ୍ୟାଚ କରି ପିନ୍ଧିପାରିବେ ।







### ବ୍ରାଇଡାଲ ମାସ୍କ :

କରୋନା ସମୟରେ ମଧ୍ୟ କପଲ୍ ବିବାହ କରୁଛନ୍ତି । କିନ୍ତୁ କଟକଣା ଭିତରେ । ମୁହଁରେ ମାସ୍କ ପିନ୍ଧୁଛନ୍ତି ଏବଂ ସାମାଜିକ ଦୂରତା ମାନୁଛନ୍ତି । ଯେଉଁଥିପାଇଁ ବ୍ରାଇଡାଲ ପୋଷାକକୁ ମ୍ୟାଚ୍ କରି ଫେସ୍ ମାସ୍କ ତିଆରି କରାଯାଉଛି । ମାସ୍କ ଉପରେ ଜର୍ଜେଟ ୱ୍ୱାର୍କ ରହୁଛି । ଏହା ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ ।



## ୩ଡି ଆର୍ଟ ମ୍ୟୁଜିୟମ୍



ବିଶ୍ୱରେ ବିଭିନ୍ନ ମ୍ୟୁଜିୟମ୍ ରହିଛି । ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଶୈଳୀର ଜିନିଷକୁ ସଂଗ୍ରହ କରାଯାଇ ମ୍ୟୁଜିୟମ୍ ତିଆରି କରାଯାଇଛି । ପୁରାତନ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଜିନିଷ ମ୍ୟୁଜିୟମ୍‌ରେ ସ୍ଥାନିତ ଅଛି । କିନ୍ତୁ ଏମିତି ଏକ ନିଆରା ମ୍ୟୁଜିୟମ୍ ଅଛି



ଯାହାକୁ ଦେଖିବାକୁ ଯେ କେହି ଉତ୍ସାହିତ ହୋଇଉଠିବେ । ଏହା ବିଶ୍ୱର ପ୍ରଥମ ୩-ଡି ମ୍ୟୁଜିୟମ୍ । ଫିଲିପାଇନ୍‌ସ୍‌ସ୍ଥ ମାନିଲାର ଉତ୍ତର ଦିଗରେ ଥିବା ଏହି ୩-ଡି ମ୍ୟୁଜିୟମ୍‌ର ନାଁ ହେଉଛି 'ଆର୍ଟ ଇନ୍ ଆଇଲାଣ୍ଡ୍' । ଏହି ମ୍ୟୁଜିୟମ୍‌ରେ ୫୦ରୁ ଅଧିକ ୩-ଡି ପାଟେରି ରହିଛି । ଏହାକୁ ଦକ୍ଷିଣ କୋରିଆରେ ୧୮ ଜଣ ମାଷ୍ଟର ପେଣ୍ଟର୍ସ ଟିମ୍ ଦ୍ୱାରା ତିଆରି କରାଯାଇଛି । ୩-ଡି ମ୍ୟୁଜିୟମ୍‌ଟି ବିଶ୍ୱ ପ୍ରସିଦ୍ଧ ।

## ମା'ଲକ୍ଷ୍ମୀଙ୍କ ନାମରେ ଜାପାନୀ ସହର

ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଏକ ଛୋଟ ସହର ହେଉଛି କିଚିଜୋଜି । ଜାପାନୀ ଭାଷାରେ କିଚିକୋଜିର ଅର୍ଥ ହେଉଛି ମା'ଲକ୍ଷ୍ମୀ । ସ୍ଥାନୀୟ ଅଞ୍ଚଳର ଲୋକ ଏ ବାବଦରେ ପର୍ଯ୍ୟଟକଙ୍କୁ ଅବଗତ କରାଇଥାନ୍ତି । ନିକଟରେ ଜାପାନର ଜନୈକ ଗବେଷକ ବେଙ୍ଗାଲୁରୁରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଆସିଥିବାବେଳେ ଏଇ ଜାପାନୀ ସହରର ନାମ ସମ୍ପର୍କିତ ସମସ୍ତ ତଥ୍ୟ ଦେଇଥିଲେ । ଜାପାନରେ ଏଭଳି ସଂଖ୍ୟାଧିକ ମନ୍ଦିର ଅଛି, ଯେଉଁଗୁଡ଼ିକ ହିନ୍ଦୁ ଦେବଦେବୀଙ୍କୁ ସମର୍ପିତ ବୋଲି ସେଠା ଲୋକ ପ୍ରକାଶ କରିଛନ୍ତି । ଗବେଷକଙ୍କ କହିବାନୁସାରେ, ଜାପାନର ପ୍ରାଚୀନ ଭାଷା ମଧ୍ୟ ସଂସ୍କୃତରୁ ଉଦ୍ଭୃତ । ଏହା ସହ ଜାପାନର ପ୍ରାୟ ୫୦୦ ଶବ୍ଦ ସଂସ୍କୃତ ଓ ତାମିଲ ଭାଷାର ମିଳନରୁ ଉତ୍ପତ୍ତି ହୋଇଥିବାର ଜଣାପଡ଼ିଛି । ଭାରତୀୟ ପରମ୍ପରା, ପୂଜାକୁ ଜାପାନୀମାନେ ଖୁବ୍ ସମ୍ମାନ ଦେଇଥାନ୍ତି ।






## ୨୫୦୦ ବର୍ଷ ପୁରୁଣା ସ୍ମରଣ ପୁସ୍ତିକାରୁ ହେଲା ଖୁଲାସା

ଗ୍ରୀସ୍‌ରେ ୨୫୦୦ ବର୍ଷ ପୂର୍ବେ ଜୀବନର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ଘୃଣା କରୁଥିବା ବ୍ୟକ୍ତି ତାଙ୍କ ମୃତ୍ୟୁ ପରେ ମଧ୍ୟ ନିନ୍ଦା କରୁଥିବା ଭଳି ତଥ୍ୟ ଜଣାପଡ଼ିଛି । ଏହି ଖୁଲାସା ପ୍ରାଚୀନ ଏଥେନ୍ସର ୨୫୦୦ ବର୍ଷ ପୁରୁଣା ୩୨ ଫୁଟ ଗଭୀର ଏକ କୁଆଁରୁ ୩୦ ଗୋଟି ସ୍ମରଣ ପୁସ୍ତିକା (ଟାବ୍‌ଲେଟ୍) ମିଳିବା ପରେ ଜଣାପଡ଼ିଛି । ଏଥିରେ ସେମାନେ ମୃତକଙ୍କ ବିଷୟରେ ଲେଖିଥିବା ଅଭିଶାପ ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ସ୍ମରଣ ପୁସ୍ତିକାକୁ 'ଗଡ୍‌ସ ଅଫ୍ ଦ ଅଣ୍ଡରୱାର୍ଲ୍ଡ' ନାମରେ ମଧ୍ୟ ଜଣାଯାଏ । ବ୍ରିଟିଶ୍ ମିଡିଆ ରିପୋର୍ଟ ଅନୁସାରେ, ଏହି ଅଭିଶାପ ନୀତି ନିୟମର ଅଂଶବିଶେଷ ଥିଲା । ସ୍ମରଣ ପୁସ୍ତିକାରେ ଲୋକେ ନିଜର ବିରୋଧି (ଅକାଳ ମୃତ୍ୟୁ ହୋଇଯାଉଥିବା ଲୋକ)ଙ୍କ ପାଇଁ ବାର୍ତ୍ତା ଲେଖୁଥିଲେ । ଏଥିରେ ବିରୋଧୀଙ୍କ ନାମ ଉଲ୍ଲେଖ ହେଉନଥିଲା । କେବଳ ଅଭିଶାପ ଦିଆଯାଉଥିବା ବ୍ୟକ୍ତିଙ୍କ ନାମ ଏଥିରେ ଉଲ୍ଲେଖ କରାଯାଉଥିଲା । ବିଶେଷଜ୍ଞଙ୍କ ମତରେ ମୃତକଙ୍କୁ ଅଭିଶାପ ଦେବାରେ ଚାରୋଟି କାରଣ ଥିବା ଦର୍ଶାଇଛନ୍ତି । ଏଗୁଡ଼ିକ କୌଣସି ମକଦ୍ଦମା ଜିତିବା, ବାଣିଜ୍ୟରେ ସଫଳତା ହାସଲ କରିବା, ଆଥେଲେଟିକ୍ସ ପ୍ରତିଯୋଗିତା ଜିତିବା, ପ୍ରେମ ଓ ଘୃଣା ମାମଲା ହୋଇଥାଇପାରେ । ସ୍ମରଣ ପୁସ୍ତିକା ମିଳିଥିବା କୁଅଁଟି ବହୁ ପୁରାତନ ଗାଧୁଆ ଘରର ଅଂଶ ଅଟେ ।

## ବାସ୍ତୁ ବିଚାରରେ ଗ୍ୟାରେଜ

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଚାରିଚକିଆ ଯାନର ବ୍ୟବହାର ଅଧିକ । ଅଧିକାଂଶ ଲୋକ ନିଜ ସୁବିଧା ପାଇଁ ଗାଡ଼ି ତ କିଣନ୍ତି, ହେଲେ ତା' ପୂର୍ବରୁ ତାକୁ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣଣ କରନ୍ତି ନାହିଁ । ଗାଡ଼ି, କିଣି ସାରିବା ପରେ ମନଇଚ୍ଛା ସ୍ଥାନରେ ଗ୍ୟାରେଜ ନିର୍ମାଣ କରନ୍ତି । ଭୁଲିବା ଉଚିତ୍ ନୁହେଁ ଯେ ଆମେ ବ୍ୟବହାର କରୁଥିବା ଅନ୍ୟ ସମସ୍ତ ବସ୍ତୁ ଓ ଦ୍ରବ୍ୟ ପରି ଗାଡ଼ିର ମଧ୍ୟ ଉଭୟ ନକରାତ୍ମକ ଓ ସକରାତ୍ମକ ଶକ୍ତି ରହିଛି । ସେଥିପାଇଁ ଗାଡ଼ି କିଣିବା ପରେ ଅଧିକାଂଶ କ୍ରେତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ, ତେଣୁ ଗାଡ଼ି କିଣିବା ପୂର୍ବରୁ ପ୍ରଥମେ ତା' ପାଇଁ ବାସ୍ତୁ ତ୍ରୁଟୀରହିତ ସ୍ଥାନ ନିରୂପଣ କରିବା ସହ ବାସ୍ତୁ ପରାମର୍ଶ ଗ୍ରହଣ କରିବା ଉଚିତ୍ ।

**ପରାମର୍ଶ :**

୧.ଗ୍ୟାରେଜ ପାଇଁ ଘରର ଉତ୍ତର-ପଶ୍ଚିମ ଦିଗ ସର୍ବୋତ୍ତମ ।
୨. ଗ୍ୟାରେଜ ଭିତରେ ଗାଡ଼ିର ମୁହଁ ପୂର୍ବ ଦିଗକୁ ରହିବା ଉଚିତ୍ ।
୩. ପାର୍କ କରିବା ପରେ ଗ୍ୟାରେଜ ଚାରିପଟେ ଯେପରି ପର୍ଯ୍ୟାପ୍ତ ସ୍ଥାନ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।
୪. ଗ୍ୟାରେଜର ଚଟାଣ ପୂର୍ବ ବା ଉତ୍ତର ଦିଗକୁ ସାମାନ୍ୟ ଗଡ଼ାଣି ରହିବା ଉଚିତ୍ ।
୫. ଗ୍ୟାରେଜର ପ୍ରବେଶ ଦ୍ୱାର ଉତ୍ତର କିମ୍ବା ପୂର୍ବ ମୁହାଁ ହେଲେ ଭଲ ।



## ୟୁ-ଟ୍ୟୁବ୍ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନ ଖୁସି




ଆମେରିକାର କାଲିଫର୍ଣ୍ଣିଆସ୍ଥିତ ସାନବ୍ରୁନୋରେ ୟୁ-ଟ୍ୟୁବ୍ ମୁଖ୍ୟ କାର୍ଯ୍ୟାଳୟ ରହିଛି । ଚାଡ୍ ହୁର୍ଲେ, ଷ୍ଟିଭେନ୍ ଚେନ୍, ଜାବେଦ୍ କରିମ୍ ୨୦୦୫ ଫେବୃଆରୀରେ ଏହି ୟୁ-ଟ୍ୟୁବ୍‌ର ଆରମ୍ଭ କରିଥିଲେ । ଇତିମଧ୍ୟରେ ୟୁ-ଟ୍ୟୁବ୍ ପ୍ରତିଷ୍ଠା ହେବାର ୧୫ ବର୍ଷ ଅତିବାହିତ ହୋଇଗଲାଣି । ପ୍ରତିଷ୍ଠାତାମାନେ ସେମାନଙ୍କ କର୍ମଚାରୀଙ୍କ କାମ କରିବାର ଶୈଳୀ ବାବଦରେ ଖୁବ୍ ସଚେତନ । ଅଧିକାଂଶ କର୍ମଚାରୀଙ୍କୁ ୧୧-୧୨ ଘଣ୍ଟା ନିରନ୍ତର କାମ କରିବାକୁ ପଡ଼େ । ସେମାନେ ଯେପରି ମାନସିକ ଭାବେ ଭାରାକ୍ରାନ୍ତ ନ ହୁଅନ୍ତି, ଏଥିପାଇଁ ମାଲିକମାନେ ସବୁ ସମୟରେ ସତର୍କ । କାମ କରୁଥିବା ସମୟରେ ମନୋରଞ୍ଜନ ପାଇଁ କର୍ମଚାରୀ କିଛି ସମୟ ଆରାମ କରିପାରିବେ । ଏହା ସହ ସେମାନେ କାର୍ଯ୍ୟାଳୟରେ ଯିବାଆସିବା ସମୟରେ ପାହାଚ, ଲିଫ୍ଟ କିମ୍ବା ସ୍ଲାଇଡର୍ ବ୍ୟବହାର କରିପାରିବାର ବ୍ୟବସ୍ଥା ଅଛି । ସ୍ଲାଇଡର୍ (ଖସଡ଼ା)ର ବ୍ୟବସ୍ଥା ହେବା ପରେ ପ୍ରତ୍ୟେକ କର୍ମଚାରୀ ଏହି ବାଟ ଦେଇ ଓହ୍ଲାଇଥିଲେ । କେତେଜଣ କର୍ମଚାରୀଙ୍କ ମତରେ ପୂରା ଦିନର ଖଟଣି ପରେ ଖସଡ଼ାରେ ଖସି ଆସିଲେ ଖୁବ୍ ମଜା ଲାଗିଥାଏ । କାମର ଚାପ ମଧ୍ୟ ଭୁଲି ହୋଇଯାଏ ବୋଲି କେତେଜଣ କର୍ମଚାରୀ କହିଛନ୍ତି ।



## ମକା ଓ ଗ୍ଲିସେରିନ୍‌ରୁ ପ୍ଲାଷ୍ଟିକ୍

ରାୟପୁରସ୍ଥିତ ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି)ର ତିନିଜଣ ଛାତ୍ର ମକା ଗ୍ଲିସେରିନରୁ ପ୍ରସ୍ତୁତ କରିଛନ୍ତି ଏକ ପ୍ରକାର ପ୍ଲାଷ୍ଟିକ । ଏହା ମାଟିରେ ବର୍ଷକ ମଧ୍ୟରେ ପୂରା ବିଘଟିତ ହୋଇପାରୁଛି । ଏହି ପ୍ଲାଷ୍ଟିକ ପରିବେଶ ପାଇଁ ବି କୌଣସି କ୍ଷତି ପହଞ୍ଚାଇବ ନାହିଁ ବୋଲି କୁହାଯାଇଛି । ଛାତ୍ରମାନେ ସେମାନଙ୍କ ଟିମ୍‌ର ନାମ ରଖିଛନ୍ତି 'ରିକଭର୍ସ' ଓ ଏହାର ମୁଖ୍ୟ ନିଖିଳ ବର୍ମା ରହିଥିବାବେଳେ ଏଥିରେ କୃଷ୍ଣେନ୍ଦୁ ଓ ନିହାଲ ପାଣ୍ଡେ ରହିଛନ୍ତି । ପରିବେଶକୁ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକ୍ ଆବିଷ୍କାର କରିଛନ୍ତି ବୋଲି କୁହନ୍ତି ନିଖିଳ । ବଜାରରେ ଉପଲବ୍ଧ ହେଉଥିବା ପ୍ଲାଷ୍ଟିକ୍‌ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ଏବେ ଉପଲବ୍ଧ ପ୍ଲାଷ୍ଟିକ୍ ବିଘଟିତ ହେବା ପାଇଁ ଶହେବର୍ଷ ଲାଗୁଥିବା ବେଳେ ଏହି ପ୍ଲାଷ୍ଟିକ ମାଟିରେ ଶତ ପ୍ରତିଶତ ମିଶିଯିବ ବୋଲି କହିଛନ୍ତି ନିଖିଳ । ଏହାର ଦାମ୍ ବି କମ୍ ରହିବ । ୩ ମାସ ମଧ୍ୟରେ ପ୍ରସ୍ତୁତ କରାଯାଇଥିବା ଏହି ପ୍ଲାଷ୍ଟିକ୍ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବିକଳ୍ପ ହୋଇପାରିବ ବୋଲି କୁହାଯାଇଛି । ଏନ୍‌ଆଇଟି ଲାବରେଟୋରିରେ ଏହାକୁ ପରୀକ୍ଷା କରାଯାଇଛି ଓ ଏଥିରେ ସଫଳତା ମଧ୍ୟ ମିଳିଛି । ଏହି ପ୍ଲାଷ୍ଟକ୍‌କୁ ବଜାରରେ ଉପଲବ୍ଧ କରିବା ସେମାନଙ୍କ ଲକ୍ଷ୍ୟ ରହିଛି ବୋଲି କୁହନ୍ତି ନିଖିଳ । ଏହି ଆବିଷ୍କାର ଲାଗି ଏନଆଇଟିରେ ଆୟୋଜିତ ପୁକାର ଗୋ ଗ୍ରୀନ୍ ଫେଷ୍ଟରେ ରିକଭର୍ସକୁ ପୁରସ୍କାର ମିଳିଛି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ଜୁନ୍ ୨୦୨୦, ରବିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମ୍ପର୍କ...

କିଛି ଦିନ ଧରି ପ୍ରତିବେଶୀ ଚୀନ ଦେଶ ସହ ଆମର ସମ୍ପର୍କ ତିକ୍ତ ହେବାରେ ଲାଗିଛି । ଗଲୱାନ ନଦୀ ଉପତ୍ୟକା ସମେତ ସୀମାନ୍ତରେ ଚୀନର ପିଏଲ୍ଏ ସୈନ୍ୟମାନେ ବିନା ପ୍ରରୋଚନାରେ ଆମର ସାମରିକ ବାହିନୀର ବୀର ଜବାନମାନଙ୍କ ଉପରେ ହମ୍‌ଲା କରିଛନ୍ତି, ତାହା ଚାରି ଦଶନ୍ଧିରୁ ଅଧିକ ସମୟରେ କେବେ ଦେଖାନଥିଲ । ଚୀନ ପଟର ବହୁ ସୈନ୍ୟ ମଧ୍ୟ ମୃତାହତ ହୋଇଛନ୍ତି । ଦୁଇ ପକ୍ଷ ଭିତରେ ସାମୟିକ ଉତ୍ତେଜନା ସତ୍ତ୍ୱେ ମିଳିଟାରି କମାଣ୍ଡର ସ୍ତର ଅଧିକାରୀଙ୍କ ଭିତରେ ବୈଠକ ପରେ ତାହା ପ୍ରାୟତଃ ଶାନ୍ତ ହୋଇଆସୁଥିଲା । ସୋମ-ମଙ୍ଗଳବାର ରାତିରେ ଯେଉଁ ଦୁର୍ଭାଗ୍ୟଜନକ କାଣ୍ଡ ସୀମାନ୍ତରେ ଘଟିଗଲା, ତାହା ଦୁଇ ଦେଶ ମଧ୍ୟରେ ରହିଥିବା ସମ୍ପର୍କକୁ ଅଧିକ ତିକ୍ତ କରିଦେଇଛି । ଭାରତ ଓ ଚୀନ ମଧ୍ୟରେ ଷଷ୍ଠ ଦଶନ୍ଧିରେ ସଂଘଟିତ ରକ୍ତକ୍ଷୟୀ ଯୁଦ୍ଧ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଓ ଚୀନ ପ୍ରଧାନମନ୍ତ୍ରୀ ଚୁ-ଏନ୍ ଲାଇଙ୍କ ମଧ୍ୟରେ ପଞ୍ଚଶୀଳ ନୀତି ଆଧାରରରେ ସୀମାନ୍ତ ସମେତ ବିଭିନ୍ନ କ୍ଷେତ୍ରରେ ସ୍ୱାଭାବିକ ସମ୍ପର୍କ ରକ୍ଷା ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା; ତାହା ସମଧିକ ଏଯାଏଁ ଚାଲିଆସିଥିଲା । ବର୍ତ୍ତମାନର ଭାରତୀୟ ନେତୃତ୍ୱ ପଡ଼ୋଶୀ ଦେଶଗୁଡ଼ିକ ସହ ଉତ୍ତମ ସମ୍ପର୍କ ରକ୍ଷା ନୀତିରେ ବିଶ୍ୱାସୀ । ତାହା ନେପାଳ, ବଙ୍ଗଳାଦେଶ ହେଉ, ଭୁଟାନ କି ମାଳଦ୍ୱୀପ ହେଉ, ସମସ୍ତଙ୍କୁ ସାଥିରେ ଧରି ଚାଲିଆସିବା ନୀତିରେ ଭାରତର ପ୍ରଧାନମନ୍ତ୍ରୀ ବିଶ୍ୱାସ ରଖିବାକୁ କଥା ବରାବର କହିଆସୁଛନ୍ତି । ପାକିସ୍ତାନ ଭଳି ଆତଙ୍କବାଦୀଙ୍କୁ ପୋଷି ଆସୁଥିବା ଦେଶକୁ ଭାରତ ସବୁ ସମୟରେ ଚେତାଇ ଆସିଛି କି, ମନ୍ଦ ନୀତି ନବଦଳାଇଲେ ତାହା ସହ ଭଲ ସମ୍ପର୍କ ରଖିବା ସମ୍ଭପର ନୁହେଁ । ଶକ୍ତିଶାଳୀ ପ୍ରତିବେଶୀ ଚୀନ ସହ ସମୟାନ୍ତରରରେ ନରମ-ଗରମ ସମ୍ପର୍କ ରହୁଥିବା ସତ୍ତ୍ୱେ ଭାରତ ଦ୍ୱିପାକ୍ଷିକ ତଥା ସାମୂହିକ ସମ୍ପର୍କକୁ ଅଧିକ ଉଷ୍ମ ରଖିବା ନୀତିରେ ବିଶ୍ୱାସୀ । ତାମିଲନାଡୁର ମହାବଳିପୁରମରେ ହେଉ, କି ମୋଦିଙ୍କ ନିଜ ରାଜ୍ୟ ଗୁଜରାଟରେ ଚୀନ ନେତା ସି.ଜିଆ କିଙ୍ଗ୍‌ଙ୍କୁ ଦିଆଯାଇଥିବା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଯଦି ପରିମାପକ ହୋଇଥାଏ, କହିହେବ ଆମ ଦେଶ ପକ୍ଷରୁ ଚୀନ ସହ କେବେ ବି ସମ୍ପର୍କ ଖରାପ କରିବା ଲାଗି ଚେଷ୍ଟା କରାହୋଇନାହିଁ । ନିକଟରେର ଗଲୱାନ ଉପତ୍ୟକାରେ ସଂଘର୍ଷ ସଂଘଟିତ ହେବାର ଅବ୍ୟବହିତ ପୂର୍ବରୁ ନେପାଳ ପକ୍ଷରୁ ସଂଶୋଧିତ ରାଜନୈତିକ ମାନଚିତ୍ର ପ୍ରଚଳନ ଭାରତୀୟ ସାର୍ବଭୌମତ୍ୱ ପ୍ରତି ଧକ୍କା ସଦୃଶ ଥିଲା । କୂଟନୈତିକ ମହଲ ବିଚାର କରନ୍ତି କି, ଏଭଳି ପ୍ରରୋଚନା ପାଇଁ ଚୀନ ପ୍ରଚ୍ଛନ୍ନ ଭୂମିକା ରହିଛି । ଏହା ପ୍ରମାଣ କରିବା ସକାଶେ ଯଦିଓ ସହସା କିଛି ପ୍ରମାଣ ହାତକୁ ଆସିନାହିଁ, କିଛି ନହେଲେ ନେପାଳ ପକ୍ଷରୁ ଭାରତୀୟ ଆଞ୍ଚଳିକ ପ୍ରଭୁତାକୁ ପ୍ରଶ୍ନ କରିବାର ଦୁଃସାହସ ପଛରେ ଚୀନ ପ୍ରଭାବ ନିହିତ ବୋଲି ବିଶ୍ୱାସ କରି ହେଉଛି । ଏବେ ସୀମାନ୍ତରେ ଉତ୍ତେଜନା ଲାଗିବାର କିଛି ଦିନ ଭିତରେ ବୈଠକ ବସି ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ସକାଶେ ସ୍ଥିର ହୋଇଥିଲା । ଅଧିକୃତ ଇଲାକାରୁ ଫେରିଯିବା ପାଇଁ ଉଭୟ ପକ୍ଷ ରାଜି ହେବାପରେ ତାହାର କାର୍ଯ୍ୟକାରିତା ନେଇ ସରଜମିନ୍ ଅନୁଧ୍ୟାନ ପାଇଁ ଲେଫ୍ଟନାଣ୍ଟ କର୍ଣ୍ଣେଲ ବି.ଅଶୋକ ବାବୁ ଯିବା ସମୟକୁ ତାଙ୍କୁ ଚୀନ ସୈନ୍ୟମାନେ ଚ୍ୟାଲେଞ୍ଜ କଲେ । ତାହାପରେ ପ୍ରରୋଚନା ନଥାଇ ତାଙ୍କ ସମେତ ଅନ୍ୟ ଯବାନଙ୍କୁ ଲୁହାଛଡ଼ରେ ପିଟିପିଟି ମାରିଦେଲେ ଚୀନ ସୈନ୍ୟମାନେ । ତାହାପରେ ଉଭୟ ଦେଶର ସୀମାନ୍ତ ପ୍ରହରୀଙ୍କ ରକ୍ତକ୍ଷୟୀ ସଂଘର୍ଷରେ ବହୁ ମୃତାହତ ହେଲେ ।

ସୀମାନ୍ତ ସଂଘର୍ଷ ନେଇ କେବଳ ଆମ ସରକାର ନୁହଁନ୍ତି, ଦେଶବାସୀ ଗଭୀର ମର୍ମାହତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରେ ନୁହେଁ, ଦୁଇଥର ନୁହେଁ ପାଞ୍ଚ ପାଞ୍ଚ ଥର ଚୀନା ନେତୃତ୍ୱ ସହ ବୈଠକ କରି ମିତ୍ରତାର ହାତ ବଢ଼ାଇଥିଲେ । ମାତ୍ର ପରିଣତିରେ ହୋଇଛି କ'ଣ ? ମିଳିଛି ପ୍ରତାରଣା, ବିଶ୍ୱାସଘାତକତା । ଏଥିରେ ଆମ ଦେଶରେ ଚୀନ-ବିରୋଧୀ ତିକ୍ତତା ଚରମ ବିନ୍ଦୁ ଛୁଇଁବାକୁ ଯାଉଛି । ସ୍ଥାନେ ସ୍ଥାନେ ଚୀନା ମାଲ୍ ବାସନ୍ଦ ପାଇଁ ସମସ୍ତେ ବାହାରି ପଡ଼ିଲେଣି । ଚୀନା ମାଲ୍‌ଗୁଡ଼ିକୁ ମଧ୍ୟ ପୋଡ଼ି ଦିଆଯାଉଛି । ଏହି ରୋଷର ଅନଳ ପ୍ରତିପକ୍ଷକୁ ଜାଳିଦେବ । ହେଲେ ଏଠାରେ ଗୋଟିଏ ପ୍ରଶ୍ନ ଉଠୁଛି କି, ଚୀନର ଚାଲ୍‌ବାଜି ବିଷୟରେ ଆମ ଦେଶର ନେତୃତ୍ୱ କିଛି ଠଉରେଇ ପାରୁନଥିବାର କ'ଣ କାରର ହୋଇପାରେ । ଆମ ନେତା ବାରମ୍ବାର ଚୀନା ନେତାଙ୍କ ସହ ଆଲିଙ୍ଗନାବଦ୍ଧ ହେବାର ବିଶ୍ୱ ଦେଖିଛି । ଏବେ ରଙ୍ଗ ବଦଳାଉଥିବା ପୋହଳା ଏଣ୍ଡୁଅର କାର୍ଯ୍ୟରେ ଆଶ୍ଚର୍ଯ୍ୟ ହେବାରେ ଦେଶ ବିରୋଧୀ ଗୋଷ୍ଠୀ ନଖ ଘଷି ସୁକୁଟ ଦେଖୁଛନ୍ତି । ପରିବର୍ତ୍ତିତ ସ୍ଥିତିରେ କୂଟନୀତି ବିଦ୍ୟାରେ କିଏ କାହାକୁ ମାତ୍ ଦେବ, ତାହା ଅଲଗା କଥା, ମାତ୍ର ସମ୍ପର୍କ ଯଦି ସ୍ୱାଭାବିକ ନରହିବ, ବୁଝିବାକୁ ହେବ ଯେ ତାହା ପ୍ରତିକୂଳ ପ୍ରଭାବ କେବଳ ଏସିଆ କ୍ଷେତ୍ର ନୁହେଁ, ବିଶ୍ୱବ୍ୟାପୀ ପରିଦୃଷ୍ଟ ହେବ ।




## ଅନାମିକା

ଧ୍ରୁବ ଚରଣ ବେହେରା

ଦିଶୁଅଛ ତୁମେ ପ୍ରୀତିର ପସରା
ରୂପସୀ ଗୋ ସୁନାଗୋରୀ
ଦେଖିଲେ ତୁମର ରୂପ ଯଉବନ
ମନ ହୋଇଯାଏ ଚୋର ॥

କେଉଁ ବିଧାତାର ହାତ ଗଢ଼ା ତୁମେ
ଜୀବନ୍ତ ସୁନ୍ଦରୀ ଟିଏ
ମୁଖ ମଧୁଶାଳା ଓଠର ଲାଲିମା
ହୃଦୟ ନିତି ଚୋରାଏ ॥

ଉରୁଜର ଠାଣରି ମନ ନିଏ କିଣି
ହସିଲେ ଝରଇ ମହୁ
ଗୋରାତନୁ ମନେ ଉପମା ଅଧିର
ଅଳସୀ ମାନସୀ ବୋହୂ ॥

ଦେଖିଲେ ତୁମକୁ ରଜନୀ ଲାଜେଇ
ସ୍ୱପ୍ନ ସବୁ ବୁଣି ଦିଏ
ଗୋରା ତନୁ ମନେ ଲାବଣ୍ୟ ଶୃଙ୍ଗାର
କୋଟି ପ୍ରାଣ ମୋହି ନିଏ ॥

କି ବର୍ଣ୍ଣିବି ତୁମ ବିଧୁର ଯୌବନ
ଶବ୍ଦ ମୋ ପଡ଼େ ଅଭାବ
ଅପସରୀ ଗଣେ ଲାଜେ ଲୁଚିଯିବେ
ଦେଖି ତୁମ ରଙ୍ଗ ଭାବ ॥

ପ୍ରେମ ପ୍ରଣୟିନୀ ତୁମେ ଅଭିମାନୀ
ଲାଜବତୀ ସୁନା ଗୋରୀ
ମୋ ପାଇଁ ତୁମେ ଅନନ୍ୟ ରୂପସୀ
ଭବିଷ୍ୟ ସ୍ୱପ୍ନ ମୟୁରୀ ॥


+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪


# ମାଲ୍‌କାନଗିରିରୁ ମାରିଚଝପି


ସୌମେନ୍ଦ୍ର ଜେନା


(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଲୋକେ ତାର ପ୍ରତିବାଦ କଲାରୁ ପୋଲିସ ସେମାନଙ୍କ ଉପରେ ଗୁଳି ଚଳାଇଲା । ଫଳରେ ୧୦ରୁ ଅଧିକ ଲୋକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ପୋଲିସମାନେ ମୃତ ଦେହଗୁଡିକୁ କୁମ୍ଭୀର ବହୁଳ କୋରାନଖାଲି ନଦୀରେ ଫିଙ୍ଗି ଦେଲେ । ଅନ୍ୟ ଲୋକମାନଙ୍କୁ ପୋଲିସ ଗିରଫ କରିନେଲା ।

୩୦ ଜାନୁଆରୀ ଅପରାହ୍ଣରେ ଏହି ଖବର ମାରିଚଝପିରେ ପହଞ୍ଚିବାପରେ ଲୋକଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଲା । ଏହାପରେ ପୋଲିସ ଘେରକୁ ଭାଙ୍ଗିବାକୁ ଲୋକେ ସ୍ଥିର କଲେ । ମହିଳାଙ୍କ ଏକ ଦଳ ଡଙ୍ଗା ନେଇ କୁମିରମାରିକୁ ପ୍ରଥମେ ଯିବେ ବୋଲି ଠିକ୍ ହେଲା । ପରଦିନ ସକାଳେ ୧୬ଜଣ ମହିଳା କୁମିରମାରି ଯିବାକୁ ନିଜ ଆଡୁ ଆଗ୍ରହ ପ୍ରକାଶ କଲେ । ତଦନୁଯାୟୀ ୩୧ ଜାନୁଆରୀ ୧୯୭୯ରେ ୧୦ଟି ହୁଲିଡଙ୍ଗାରେ ମହିଳାମାନେ ଧାଡି ହୋଇ ବାହାରିଲେ । ପୋଲିସ ସେମାନଙ୍କୁ ଫେରିଆସିବାକୁ କହିବାରୁ ସେମାନେ ଆସିବାକୁ ମନାକଲେ । ପରେ ପୋଲିସର ମଟରଲଞ୍ଚ ସେମାନଙ୍କ ହୁଲିଡଙ୍ଗାଗୁଡିକୁ ଧକ୍କା ମାରି ପାଣିରେ ବୁଡାଇ ଦେବାକୁ ମହିଳାମାନେ ଜୀବନ ବିକଳରେ ପାଣିକୁ ଡେଇଁ ପଡିଲେ । ସେମାନେ ପାଣିରେ ପହଁରି ପହଁରି ଯିବାବେଳେ ପୋଲିସ ଗୁଳିକରି ସେମାନଙ୍କ ଭିତରୁ ଦୁଇଜଣକୁ ମାରିଦେଲା । ଅନ୍ୟମାନଙ୍କୁ କିଛିଦିନ ପରେ ଅନ୍ୟ ଏକ ଦ୍ୱୀପରେ ଠାବ କରାଯାଇଥିଲା । ସେମାନଙ୍କୁ ପୋଲିସ ଏବଂ ସିପିଏମ୍ ଗୁଣ୍ଡାମାନେ ବାରମ୍ବାର ଧର୍ଷଣ କରିଥିବା ଜଣାପଡିଲା । ଗୁଳିକାଣ୍ଡ ହେବାପରେ ମାରିଚଝପିର ଲୋକେ ପୋଲିସକୁ ବିରୋଧ କରିବାପାଇଁ ପ୍ରସ୍ତୁତ ହୋଇ ବାହାରିଆସିଲେ । ଏହାପରେ ସିପିଏମ ଗୁଣ୍ଡା ଏବଂ ପୋଲିସମାନେ ଦ୍ୱୀପରେ ଆକ୍ରମଣ କରି ସେମାନଙ୍କ ଘରଗୁଡିକୁ ପୋଡିଦେଲେ । ସେମାନଙ୍କ ଜିନିଷପତ୍ର ଲୁଟ କରି ହତ୍ୟା ଓ ଧର୍ଷଣରେ ମାତି ରହିଲେ । ୩୧ ତାରିଖର ସାରାଦିନ ଏହି ବିଭତ୍ସ ଗଣହତ୍ୟା ଜାରିରହିଲା । ୫ ରୁ ୧୨ବର୍ଷ ବୟସର ୧୫ଜଣ ଛାତ୍ରଛାତ୍ରୀ ଏକ ଗୁଳିଆ ସ୍କୁଲଘରେ ସରସ୍ୱତୀ ପୂଜାପାଇଁ ପ୍ରସ୍ତୁତି ଚଳାଇଥିଲା ବେଳେ ୧ ଫେବୃଆରୀ ଦିନ ପୋଲିସ ସେଠାରେ ପହଞ୍ଚି ଗୁଳି ଚଳାଇଲା । ଗୁଳି ଫୁଟିବା ଶବ୍ଦ ଶୁଣି ଲୋକେ ପହଞ୍ଚିଲା ବେଳକୁ ମୂର୍ଚ୍ଛି ଭଙ୍ଗା ହୋଇ ପଡିଥିଲା ।

ଏହି ଗଣହତ୍ୟାରେ ମହିଳା, ଶିଶୁଙ୍କ ସମତେ ମୋଟ ୧୭୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା । ଏହି ଗଣହତ୍ୟାରୁ ବର୍ତ୍ତିଯାଇଥିବା ଲୋକେ ଉତ୍ତର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାକୁ ଗ୍ଳିଯାଇଥିଲେ । ଏହି ଘଟଣାକୁ ସେତେବେଳେ ଗଣମାଧମରେ ଅନେକାଂଶରେ ଗ୍ଳପି ଦିଆଯାଇଥିଲା । ୨୦୧୧ରେ ଶାସନକୁ ଆସିବା ପରେ ଏହି ଗଣହତ୍ୟାର ବିସ୍ତର ବିଭାଗୀୟ ତଦନ୍ତ କରାଯିବ ବୋଲି ମମତା ବାନାର୍ଜୀ ଘୋଷଣା କରିଥିଲେ ମଧ ତାହା ଏପର୍ଯ୍ୟନ୍ତ ସମ୍ଭବପର ହୋଇନାହିଁ । ଏହାର କାରଣ ହେଲା ତତ୍‌କାଳୀନ ଅନେକ ସିପିଏମ୍ ଗୁଣ୍ଡା ଏବେ ତୃଣମୂଳ କଂଗ୍ରେସରେ ନେତାଭାବେ ସକ୍ରୀୟ ରହିଛନ୍ତି ।

ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଗଣହତ୍ୟା ମଇମାସ ୧୬ତାରିଖ ଯାଏ ଗ୍ଳିଥିଲା । କାଶୀପୁର, କୁମିରମାରି ଏବଂ ମାରିଚଝପିରେ ଲୁଚିଥିବା ଲୋକଙ୍କୁ ପୋଲିସ ଖୋଜି ଖୋଜି ଗୁଳି କରିଥିଲା । ଗଣହତ୍ୟାର ସଫଳତା ପାଇଁ ସିପିଏମ୍ ପକ୍ଷରୁ ନିଜ ଗୁଣ୍ଡାବାହିନୀର ପ୍ରଶଂସା କରାଯାଇଥିଲା । ବଙ୍ଗଳାର ତଥାକଥିତ ବୁଦ୍ଧିଜୀବୀମାନେ ଏହି ଘଟଣାରେ ବୁଦ୍ଧିହଜାଇ ଚୁପ୍ ରହିଥିଲେ । ମଇ ୧୬ରେ ୩୦୦ ପରିବାରରେ ଘରକୁ ପୋଡି ଦିଆଯାଇ ସେମାନଙ୍କୁ ଓଡିଶାର ମାଲକାନଗିରି, ଛତିଶଗଡର ବସ୍ତର,ମାନା ଓ କୁରୁଟ, ତେଲେଙ୍ଗାନାର ଆଦିଲାବାଦକୁ ପଠାଇ ଦିଆଯାଇଥିଲା । ସେମାନଙ୍କ ମଧରୁ କେତେକ ବିକ୍ଷିପ୍ତ ଭାବେ ପଶ୍ଚିମବଙ୍ଗର କଦମବାଗଚି, ମାଳତୀପୁର ବାରାସାତ, ବର୍ଦ୍ଧମାନ ଏବଂ ଘୁଟିଆରୀ ସରିଫରେ ଏବେ ମଧ ବସବାସ କରୁଛନ୍ତି ।

### ଅନାଲୋଚିତ ଗଣହତ୍ୟା

ଏହି ଗଣହତ୍ୟାରେ ୪୧୩୮ପରିବାର ଛାରଖାର ହୋଇଯାଇଥିଲା । ମୁସଲିମ୍ ମୌଳବାଦୀଙ୍କ ସହ ସଂପର୍କ ରଖି ଆସିଥିବା ଏବଂ ଦେଶ ବିଭାଜନ ପୂର୍ବରୁ ସୁରାବର୍ଦ୍ଦିଙ୍କ ଡାଇରେକ୍ଟ ଆକ୍‌ସନକୁ ସମର୍ଥନ କରିଥିବା କମ୍ୟୁନିଷ୍ଟମାନେ ସ୍ୱାଧୀନତା ପରେ ନିଜର ସ୍ୱାର୍ଥ ପାଇଁ ଅନେକ ଗଣହତ୍ୟା ଓ ଦଙ୍ଗା ଘଟାଇ ନିଜ ହାତକୁ ରକ୍ତାକ୍ତ କରି ଆସିଛନ୍ତି । ନିକଟରେ ଫେବୃଆରୀ ମାସରେ ନୂଆଦିଲ୍ଲୀରେ ଯେଉଁ ବାମପନ୍ଥୀ ମୁସଲିମ ମେଣ୍ଟ ପକ୍ଷରୁ ଦଙ୍ଗା ହୋଇଥିଲା ସେଥିରେ ୫୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ବଙ୍ଗଳାରେ ଯେଉଁ ମେଣ୍ଡ ହିନ୍ଦୁ ଗଣହତ୍ୟା ପାଇଁ ଦାୟୀ ଥିଲା ଏବେ ସେମାନେ ନୂଆଦିଲ୍ଲୀରୁ ପୁଣି ପୁରୁଣା ଖେଳ ଆରମ୍ଭ କରିଛନ୍ତି । ଆମେରିକାରେ ଗ୍ଳିଥିବା ଦଙ୍ଗାକୁ ଭାରତରେ ବ୍ଲାକଦ୍ୟାଟମାଟର୍ସ ନାମରେ ଚଳାଇବା ପାଇଁ ଯୋଜନା ଜାରି ରହିଛି । ମାଲକାନଗିରିରେ ଯେଉଁମାନେ ରହିଗଲେ ସେମାନେ ବଞ୍ଚିଗଲେ ଅଥଚ ଯେଉଁମାନେ ପଶ୍ଚିମବଙ୍ଗକୁ ଗଲେ ସେମାନେ ସେଠାକାର ସାମ୍ୟବାଦୀ ସରକାରର ଗଣହତ୍ୟାର ଶିକାର ହେଲେ ।

ନିଜକୁ ଦୁର୍ବଳ ଓ ଗରିବ ଜନତାର ରକ୍ଷାକର୍ତ୍ତା ବୋଲାଉଥିବା ସାମ୍ୟବାଦୀମାନେ ଏବେ ବୈଗ୍ୱିରିକ ଓ ରାଜନୀତିକ ଦୃଷ୍ଟିରୁ ସାରା ପୃଥିବୀରେ ସଂକୁଚିତ ହୋଇଥିବା ହେତୁ ସେମାନେ ପୁଣି ମୁଣ୍ଡ ଟେକିବାପାଇଁ ମୁସଲିମ ମୌଳବାଦୀଙ୍କ ସହ ହାତମିଳାଇ କାର୍ଯ୍ୟ କରୁଛନ୍ତି । ଯେଉଁଥିପାଇଁ କମ୍ୟୁନିଷ୍ଟ ଶାସିତ କେରଳରୁ ସବୁଠୁ ଅଧିକ ସଂଖ୍ୟାରେ ମୁସଲିମ ଯୁବକ ଯୁବତୀ ସନ୍ତ୍ରାସବାଦୀ ଗୋଷ୍ଠୀରେ ସାମିଲ ହେଉଛନ୍ତି । ଆଗାମୀ ଦିନରେ ଏହି ମେଣ୍ଟର କାର୍ଯ୍ୟ ଦେଶର ଅନେକ ରାଜ୍ୟପାଇଁ ସମସ୍ୟା ସୃଷ୍ଟି କରିବ । ମାରିଚଝପିର ଗଣହତ୍ୟାପରି ଅନେକ ଗଣହତ୍ୟା ପାଇଁ ଏମାନଙ୍କର ଯୋଜନା ରହିଛି । (ସମାପ୍ତ)


+ ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩


# କେତେ ମନୋରମ ଓଡ଼ିଶାର ସମୁଦ୍ର ତଟ!


ଶରତ କୁମାର ରାଉତ




ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ। ଏଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟ ଓ ବଙ୍ଗୋପସାଗର ମଧ୍ୟରେ ଥିବା ବିଭିନ୍ନ ଦ୍ୱୀପର ଉଦାହରଣ ନିଆ ଯାଇପାରେ। ଏକ କମନୀୟ କ୍ଷୁଦ୍ର ବେଳାଭୂମି ସଦୃଶ ଅବିକଳ ଧନୁ ଆକାରର ୭.୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ମନଲୋଭା ବେଳାଭୂମି ଲମ୍ବିଛି ସାତଭାୟା ଓ ବରୁଣେଇ ମୁହାଣ ମଧ୍ୟରେ। ଯାହା ସଂଲଗ୍ନ ରହିଛି ବିଶ୍ୱ ବିଖ୍ୟାତ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ତଥା କଇଁଛ ପ୍ରଜନନ କେନ୍ଦ୍ର। ତଟବର୍ତ୍ତୀ ଅଳ୍ପ କେତୋଟି ଗ୍ରାମକୁ ଛାଡ଼ିଦେଲେ, ସାରା ଅଂଚଳ ଘଂଚ ଅରଣ୍ୟାନିରେ ପୂର୍ଣ୍ଣ। ଏହି ସୁଦୀର୍ଘ କମନୀୟ ବେଳାଭୂମି ଠାରୁ ବଙ୍ଗୋପସାଗର ଭିତରକୁ ହାରାହାରି ୧୮ କି.ମି. ଦୂରରେ ରହିଛି ଏକ ପ୍ରାକୃତିକ ଅନାମଧେୟ ଆଇଲାଣ୍ଡ୍। ଯାହା ସୁନ୍ଦର ବୃକ୍ଷରାଜି ଓ କମନୀୟ ସୌନ୍ଦର୍ଯ୍ୟରେ ଭରା ୨୪ ଏକର ପରିମିତ ଅଂଚଳ। ଏହାର ମାତ୍ର ୫ କି.ମି. ଦୂର ଦକ୍ଷିଣକୁ ବ୍ରିଟିସ୍ ବାଣିଜ୍ୟର କୋଠା ହୁକିଟେଲା ଓ ଏଠାରୁ ମାତ୍ର ୪.୫ କି.ମି. ଦୂର ଦକ୍ଷିଣକୁ ବତୀଘର ଏବଂ ଏହାର ପଶ୍ଚିମକୁ ସ୍ଥଳ ସୀମାକୁ ଲାଗି ରହିଛି ଜମ୍ବୁ ଜେଟ୍ଟୀ ଓ ଖରିନାସୀ ଜେଟ୍ଟୀ। ଜମ୍ବୁ ଜେଟ୍ଟୀ ନିକଟରୁ ୬.୫ କି.ମି. ସମୁଦ୍ର ଭିତରକୁ ଅନ୍ୟ ଏକ ଆଇଲାଣ୍ଡ ରହିଛି, ଯାହାର ନାମ ମାଦେଲି ଚଡ଼ା। ପ୍ରାୟ ୧୦୦ଏକର ପରିମିତ ଅଂଚଳର ଏହି ଆଇଲାଣ୍ଡ, ହୁକିଟେଲା ଓ ବତୀଘର ଭୌଗୋଳିକ ଦୃଷ୍ଟିରୁ ଏକ ସମବାହୁ ତ୍ରିଭୁଜ ଭିତରେ ରହିଛନ୍ତି। ଅର୍ଥାତ୍ ଏହି ଆଇଲାଣ୍ଡ ପାଖରୁ ୪.୫ କି.ମି. ଉତର-ପୂର୍ବକୁ ହୁକିଟେଲା ଓ ୪.୫ କି.ମି. ଦକ୍ଷିଣ-ପୂର୍ବକୁ ବତୀଘର ଓ ବଙ୍ଗୋପସାଗରର ରିମ୍‌ଝିମ୍ ନୀଳ ଜଳରାଶି ପ୍ରତ୍ୟେକ ନିଜ ନିଜର ଅପରୂପ ସୌନ୍ଦର୍ଯ୍ୟ ପରିପ୍ରକାଶ କରୁଥିବା ବେଳେ ଏସବୁର ଫେଂଟାଫେଂଟିରେ ଯେଉଁ ଦୁର୍ଲଭ ପ୍ରାକୃତିକ ଦୃଶ୍ୟରାଜିର ସମାହାର ଘଟୁଛି ଏଠାରେ, ତାହାର ଏଯାଏ ଉପଯୁକ୍ତ ଉପଯୋଗ ହୋଇ ପାରିନାହିଁ। ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ଭିତରକନିକା ଓ ଏହାର ଆଖପାଖ ଅଂଚଳର ବିକାଶ ତଥା କ୍ରୁଇଜ୍ ବ୍ୟବସ୍ଥା ପାଇଁ କେରଳ ଇନ୍‌ଲାଣ୍ଡ ଅଥରିଟି ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି। ସେହିପରି ୨୦୧୪ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ବତିଘର ଓ ଜମ୍ବୁ ଦ୍ୱୀପରେ ଥିବା ହୁକିଟେଲାର ଶୀଘ୍ର ବିକାଶ ହେବାର ଆବଶ୍ୟକତା ରହିଛି। ହୁକିଟେଲାରେ ଥିବା ବ୍ରିଟିସ୍ ଅମଳର କୋଠାକୁ ବିଶ୍ୱବ୍ୟାଙ୍କର ୧କୋଟି ୩ଲକ୍ଷ ୯୩ ହଜାର ଟଙ୍କା ଅନୁଦାନରେ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ହୋଇଛି। ହୁକିଟେଲା ଠାରେ ଗୋଟିଏ ଫ୍ଲୋଟିସ୍ ଜେଟି ନିର୍ମାଣ ହେବାର ପ୍ରସ୍ତାବ ରହିଥିବାବେଳେ ହୁକିଟେଲା ଯା'ଆସ ପାଇଁ ନଦୀକୂଳ ଠାରୁ ହୁକିଟେଲା ପର୍ଯ୍ୟନ୍ତ ଏକ ସଂଯୋଗ ରାସ୍ତା ନିର୍ମାଣ ହୋଇଛି। ହୁକିଟେଲା ଠାରେ ମଧ୍ୟ ଏକ ୱାଚ୍ ଟାୱାର ନିର୍ମିତ ହୋଇଛି। ବାସ୍ତବିକ ଓଡ଼ିଶାର ବେଳାଭୂମିକୁ ଉପଯୁକ୍ତ ଉପଯୋଗ କରି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଇବା ଉତ୍କଳର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କର ସ୍ୱପ୍ନ ଥିଲା ଓ ସେ ବହୁବାର ଉପକୂଳବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେ ସ୍ୱୟଂ ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁର ବେଳାଭୂମିର ଉପଯୁକ୍ତ ଉପଯୋଗ ହୋଇଥିବା ଦେଖି ଓଡ଼ିଶାର ବେଳାଭୂମିକୁ ସେହି ଢଙ୍ଗରେ ଗଢି ତୋଳିବାକୁ ଏକପ୍ରକାର ବଦ୍ଧ ପରିକର ଥିଲେ। ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହୋଇ ପାରିନଥିଲା। ହେଲେ ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ପାଇଁ କିଛି ବଡ଼ କଥା ନୁହେଁ।

ମନୋରମ ଦେଶ ଥାଇଲାଣ୍ଡ ଏକ ପ୍ରଦୂଷଣ ମୁକ୍ତ ଦେଶ ଓ ଏହା ମଧ୍ୟ ମନୋରମ ସପିଙ୍ଗ୍ କମ୍ପ୍ଲେକ୍ସ, ସୁନ୍ଦର ସଡ଼କ ଓ କମନୀୟ ଦୃଶ୍ୟରାଜି ଭରା ସମୁଦ୍ର ବେଳାଭୂମି ଏବଂ ସୁସ୍ଥ ପରିବେଶ ପାଇଁ ପ୍ରସିଦ୍ଧ। ଥାଇଲାଣ୍ଡ ଓ ତାହାର ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟରାଜି ବିଶ୍ୱରେ ପ୍ରମୁଖ ସ୍ଥାନ ଦଖଲ କରିଛି। ସବୁଠୁ ଆକର୍ଷକ ଦୃଶ୍ୟରାଜି ହେଲା, ଏହାର ପଟାୟା ସମୁଦ୍ର ବେଳାଭୂମିର କମନୀୟ ରୂପ। ଏହି ବେଳାଭୂମିର ଦୈର୍ଘ୍ୟ ମାତ୍ର ୧.୨୫ କିଲୋମିଟର ଓ ଚଉଡ଼ା ମାତ୍ର ୧୫୦ ମିଟର। ୧୭ ଏକର ବିଶିଷ୍ଟ ଏହି ଆଇଲାଣ୍ଡର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସାରା ବିଶ୍ୱରୁ ଛୁଟି ଆସନ୍ତି ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ। ଆଉ ପର୍ଯ୍ୟଟକ ମାନଙ୍କ ଆଗମନରେ ପଟାୟା ଅନେକ ସୁନ୍ଦର ଅଟ୍ଟାଳିକାକୁ ନେଇ ଏକ ଲୋଭନୀୟ ନଗରୀରେ ପରିଣତ ହୋଇଛି। ଏହା ବିଶ୍ୱ ପର୍ଯ୍ୟଟନର ବିଖ୍ୟାତ କ୍ଷେତ୍ର ସିଙ୍ଗାପୁରଠାରୁ ମଧ୍ୟ ଲୋଭନୀୟ। ସେହିପରି କେନ୍ଦ୍ରାପଡ଼ାର ମନୋରମ ସାମୁଦ୍ରିକ ପର୍ଯ୍ୟଟନ ଓ ପର୍ଯ୍ୟଟନ ସ୍ଥଳ ଗୁଡ଼ିକୁ ପଟାୟା ଭଳି ବିକଶିତ କରାଯାଇ ପାରିଲେ, ଏହା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ ମଧ୍ୟରେ ଅଦ୍ୱିତୀୟ ହୋଇ ପାରିବ। ତେବେ ଏହି ଅଂଚଳକୁ ଏକ ଦୁର୍ଲ୍ଲଭ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ହେଲେ, ଅତି ବେଶୀରେ ୫୦୦ ରୁ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ। ଏହାର ଦାୟିତ୍ୱ ରାଜ୍ୟ ସରକାର ମଧ୍ୟ କୌଣସି ଘରୋଇ ସଂସ୍ଥାକୁ ଦେଇ ପାରନ୍ତି। ଏହି ଆଶା ବାସ୍ତବରେ ପରିଣତ ହେଲେ, ଏହା ଯେ ପୃଥିବୀର ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନନ୍ୟ ଭୂମିକା ଗ୍ରହଣ କରିବ, ଏଥିରେ ତିଳେହେଁ ସନ୍ଦେହ ନାହିଁ। ଏହା ଦ୍ୱାରା ଓଡ଼ିଶା ସରକାରଙ୍କର ପ୍ରଚୁର ବୈଦେଶିକ ମୁଦ୍ରା ଆୟ ହେବା ସହ ସ୍ଥାନୀୟ ଅଂଚଳର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ଭବ ହେବ। ସେହିପରି ଆମର ୪୮୦ କିମି ବ୍ୟାପୀ ମନୋରମ ଉପକୂଳର ପ୍ରାକୃତିକ ଦୃଶ୍ୟରାଜି ଓ ରାଜ୍ୟରେ ଥିବା ଅନେକ ଅପରୂପ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି।

ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି। ମାତ୍ର ଆମ ଦେଶରେ ଏଇ ଧାରଣ, ଧାରଣାରେ ହିଁ ରହିଯାଇଛି। ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ। ଏହି ଅଂଚଳର ପର୍ଯ୍ୟଟନ କ୍ଷେତ୍ରକୁ "ବିଜୁ ପର୍ଯ୍ୟଟନ କ୍ଷେତ୍ର"ନାମରେ ନାମିତ କରାଯାଇପାରେ। ପଟାୟା ଭଳି ଦେଶ-ବିଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମତରେ, ବିଶ୍ୱର ଅନ୍ୟାନ୍ୟ ଦ୍ୱୀପ ଠାରୁ ଆମ ଓଡ଼ିଶାର ଦ୍ୱୀପଗୁଡ଼ିକ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ। ବିଶ୍ୱ ବିଖ୍ୟାତ ପର୍ଯ୍ୟଟନ ସ୍ଥଳୀ ଭଳି କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଠାରୁ ଆରମ୍ଭ କରି ସମୁଦ୍ର ଉପକୂଳର ଅପରୂପ ପ୍ରାକୃତିକ ଦୃଶ୍ୟ, ହୁକିଟେଲା, ଜମ୍ବୁ, ବ୍ରିଟିସ୍ ବାଣିଜ୍ୟର କୋଠା ଓ ମନୋରମ ଦ୍ୱୀପଗୁଡ଼ିକୁ ନେଇ ଏକ ବିଶାଳ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ଉଚିତ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି। ତେବେ ଜିଲ୍ଲାରେ ଅସୁରକ୍ଷା ବଳୟରେ ରହିଥିବା ବିଶ୍ୱବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ହେନ୍ତାଳ ଜଙ୍ଗଲ ଆଦି ଐତିହ୍ୟର ମଜଭୁତ୍ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮


# କର୍ଣ୍ଣ ଘେଲୋ: ହିନ୍ଦୁ ରାଜଶକ୍ତିର ଚରମ ବିଫଳତାର କାହାଣୀ


ଡାକ୍ତର ସୁରେନ୍ଦ୍ର ନାଥ ଦାଶ




ଗୁଜୁରାଟୀ ଲେଖକ ନନ୍ଦକିଶୋର ମେହଟାଙ୍କ ଦ୍ୱାରା ଲିଖିତ କର୍ଣ୍ଣ ଘେଲୋ କାବ୍ୟ ଚତୁର୍ଦ୍ଦଶ ଶତାବ୍ଦୀର ଏକ ଐତିହାସିକ ସତ୍ୟ ଘଟଣା ଉପରେ ଆଧାରିତ । ମୁସଲମାନଙ୍କର ଶକ୍ତିଶାଳୀ ଆକ୍ରମଣ ନିକଟରେ ହିନ୍ଦୁ ଶାସକ ମାନେ କିପରି ଅସହାୟ ହୋଇପଡିଥିଲେ, ପୁରୁଣା ପ୍ରତିଷ୍ଠିତ ରାଜ୍ୟମାନ ତାସ ପତିର ଘର ପଡି ଭାଙ୍ଗି ପଡିଥିଲା, ନିଜ ସ୍ତ୍ରୀ କନ୍ୟାର ସୁରକ୍ଷାରେ ଅସମର୍ଥ ହୋଇ ବାଧ୍ୟ ହେଇ ସେହି ମ୍ଳେଚ୍ଛ ମାନଙ୍କ ହାତରେ ସେମାନଙ୍କୁ ସମର୍ପଣ କରି ସେମାନଙ୍କ ହାରେମକୁ ପଠାଇ ଦେଇଥିଲେ, ତାହାର ଏକ ଦୁଃଖଭରା କାହାଣୀ ଏଥିରେ ଲେଖା ହୋଇଛି। ୧୧୯୨ ମସିହାରେ ଦ୍ୱିତୀୟ ତିରୋରୀ ରଣକ୍ଷେତ୍ର ରେ ପୃଥିରାଜ ଚୌହାନ ପରାସ୍ତ ଓ ନିହତ ହେଲାପରେ ଭାରତରୁ ହିନ୍ଦୁ ଶାସନ ଲୋପ ପାଇଲା । ଦିଲ୍ଲୀ ସିଂହାସନରେ ଗୋଟିଏ ପରେ ଗୋଟିଏ ମୁସଲମାନ ରାଜବଂଶ ରାଜତ୍ୱ କଲେ । ୧୨୯୬ ମସିହାରେ ସବୁଠାରୁ ଶକ୍ତିଶାଳୀ ସୁଲତାନ ଆଲାଉଦ୍ଦିନ ଖିଲିଜ,ନିଜଶ୍ୱଶୁର ଜଲାଲ ଙ୍କୁ ହତ୍ୟା କରି ସିଂହାସନରେ ବସିଲେ । ସେ ଏକ ବିଶାଳ ସୈନ୍ୟ ବାହିନୀ ଗଢି ସାମ୍ରାଜ୍ୟ ବିସ୍ତାର ରେ ମନ ବଳାଇଲେ । ଆକ୍ରମଣ କାରୀ ମୋଗଲ ମାନଙ୍କୁ ସେ ପାଂଚଥର ପରାସ୍ତ କରି ଦେଶକୁ ସେମସନଙ୍କର ଧ୍ୱଂସଲିଳାରୁ ରକ୍ଷାକଲେ । ତାଙ୍କର ମାଲିକ କାଫୁର, ଆଲପ ଖାଁ, ଜୁଲଫି ଖାଁ ନାମରେ ଅନେକ ଶକ୍ତିଶାଳୀ ସେନାପତି ମାନ ଥିଲେ । ସେମାନଙ୍କ ଆକ୍ରମଣରେ ଅନେକ ପ୍ରାଚୀନ ରାଜ୍ୟ ୱାରାଙ୍ଗଲ, ଦ୍ୱାରସମୁଦ୍ର, ହାୟଶାଳ, ପାଣ୍ଡ୍ୟ, ବାଘେଲା ରାଷ୍ଟ୍ରକୁଟ ଲୁପ୍ତ ହୋଇଗଲେ । ସେସବୁ ରାଜ୍ୟ ଆକ୍ରମଣ କରି ଅଜସ୍ର ଧନସଂପତି(କୋହିନୁର ହିରା ସମେତ) ଦିଲ୍ଲୀ ରାଜକୋଷକୁ ନେଇ ଆସିଲେ । ସୋମନାଥ ମନ୍ଦିରକୁ ସେ ଭାଙ୍ଗି ଦେଇଥିଲେ । ଚିତୋରର ଅଧିକାର ଓ ପରମରୂପବତୀ ରାଣୀ ପଦ୍ମିନୀଙ୍କର ଆମରବିସର୍ଜନ ତାଙ୍କ ସମୟରେ ହୋଇଥିଲା ।୧୨୯୯ ମସିହାରେ ଆଲାଉଦ୍ଦିନ ଗୁଜୁରାଟ ର ବାଘେଲା ରାଜ୍ୟ ଆକ୍ରମଣ କଲେ । ଏହି ରାଜ୍ୟ ବେଶ ଧନଶାଳୀ ଥିଲା ।ଏହାର ରାଜଧାନୀ ପାଟନ ବା ଅନହାଲଡପାଟଣା ଏକ ବଡ ବନ୍ଦର ଥିଲା । ଖାମ୍ଭତ ଅନ୍ୟ ଏକ ବନ୍ଦର ଥିଲା ।ବାଣିଜ୍ୟ ଦ୍ୱାରା ଏହା ବିପୁଳ ଧନ ଆୟ କରୁଥିଲା । କର୍ଣ୍ଣ ଦେବ ବାଘେଲା ଏହାର ଶାସକ ଥିଲେ, । ସେ ପରାସ୍ତ ହୋଇ ଦାକ୍ଷିଣାତ୍ୟ ର ଦେବଗିରି କୁ ପଳାୟନ କଲେ । ତାଙ୍କର ସୁନ୍ଦରୀ ରାଣୀ କମଳା ଦେବୀ ଙ୍କୁ ବନ୍ଦୀ କରି ଦିଲ୍ଲୀ ନିଆଗଲା ଓ ତାଙ୍କୁ ଆଲାଉଦ୍ଦୀନ ଜବରଦସ୍ତ ନିଜର ବେଗମ କଲେ ।

କଥା ଏତିକିରେ ସରିଲା ନାହିଁ । କମଳା ଦେବୀ ଗୁଜୁରାଟରୁ ଗଲାବେଳେ ଦେବଳା ନାମରେ ଛୋଟ ଝିଅକୁ ଛାଡ ଯାଇଥିଲେ । ଆଠ ବର୍ଷ ପରେ ଝିଅକୁ ତାଙ୍କ ପାଖକୁ ଆଣିବା ପାଇଁ ଆଲାଉଦ୍ଦିନ ଙ୍କୁ ସେ ଅନୁରୋଧ କଲେ (୧୩୦୬)। ତଦନୁସାରେ ସୁଲତାନ ଦାକ୍ଷିଣାତ୍ୟ ଅଭିଯାନ ରେ ଥିବା ସେନାପତି ମାଲିକ କାଫୁର ଙ୍କୁ ଆଦେଶ ଦେଲେ । ସେତେବେଳ କୁ ଦେବଳାଙ୍କ ବାପା କର୍ଣ୍ଣ ଦେବ ନିଜରାଜ୍ୟ ହରାଇ ସୁଦୂର ଦେବଗିରିର ଯାଦବ ରାଜା ରାମଚନ୍ଦ୍ର ଦେବଙ୍କ ଆଶ୍ରୟରେ ଥାଆନ୍ତି । ସେ ତାଙ୍କୁ ନିଜ ରାଜ୍ୟର ସୀମାନ୍ତରେ ବାଗଲାନ ନାମକ ରାଜ୍ୟର ଶାସକ କରିଥାଆନ୍ତି । ରାମଚନ୍ଦ୍ରଙ୍କ ବଡ ପୁଅ ଶଙ୍କର ଦେବଳାକୁ ବିବାହ ପ୍ରସ୍ତାବ ଦେଲେ ମଧ୍ୟ ଜାତି ପ୍ରାର୍ଥକ୍ୟ ଯୋଗୁ କର୍ଣ୍ଣ ଦେବ ତାହା ଅସ୍ୱୀକାର କରିଥିଲେ । ବର୍ତମାନ ଜଟିଳ ଅବସ୍ଥା ଦେଖି ସେ ନିଜର ସମ୍ମତି ଦେଲେ ଓ ସାଙ୍ଗେ ସାଙ୍ଗେ ଦେବଳା କୁ ନେଇ କିଛି ସୈନ୍ୟ ସହିତ ଶଙ୍କରଙ୍କ ସାନଭାଇ ସିଁହମ ଦେବଗିରି ଅଭିମୁଖେ ଯାତ୍ରା କଲେ । ସେତେବେଳକୁ ଦେବଗିରି ଦୁର୍ଗ ଅବରୁଦ୍ଧ ଥାଏ । ଏଲୋରା ଠାରେ ମୁସଲମାନ ସୈନ୍ୟ ମାନେ ଦେବଳାଙ୍କୁ ଧରିଲେ । ସାଙ୍ଗରେ ଥିବା ସୈନ୍ୟ ମାନେ ଭୟରେ ପଳାଇଲେ । ଦେବଳାଙ୍କୁ ଦିଲ୍ଲୀ ପଠାଗଲା । ସେଠାରେ ଆଲାଉଦ୍ଦିନଙ୍କ ବଡପୁଅ ଖିଜିର ଖାଁକୁ ତାଙ୍କୁ ଜବରଦସ୍ତ ବିବାହ କରାଗଲା(୧୩୧୬) । ୧୩୧୬ ମସିହାରେ ଆଲାଉଦ୍ଦିନଙ୍କର ମୃତ୍ୟୁ ଘଟିଲା । ସିଂହାସନରେ ତାଙ୍କର ଦ୍ୱିତୀୟ ପୁଅ ମୁବାରକ ବସିଲେ । କିଛିଦିନ ପରେ ଖିଜିର ନିହତ ହେଲେ (୧୩୨୦)। ଦେବଳାଙ୍କୁ ମୁବାରକ ବିବାହ କଲେ । ମାତ୍ର ଅଳ୍ପ ଦିନ ପରେ ମୁବାରକଙ୍କର ସମଲିଙ୍ଗୀ ସେନାପତି ଖୁସ୍ରୁ ତାଙ୍କୁ ହତ୍ୟା କରି ସିଂହାସନରେ ବସିଲେ ଏପ୍ରିଲ (୧୩୨୦) । ଦେବଳା ତୃତୀୟ ଥର ପାଇଁ ଖୁସ୍ରୁକୁ ବିବାହ କଲେ । ଖୁସ୍ରୁ ଆଗରୁ ହିନ୍ଦୁ ଥିଲେ । ଉଭୟ କେଇଦିନ ଖୁବ ଖୁସିରେ ରହିଲେ । ମାତ୍ର ସେପ୍ଟେମ୍ବର ୧୩୨୦ ରେ ଗ୍ୟାସଉଦ୍ଦିନ ତୋଗଲକ (ଖୁସ୍ରୁ ହାତରେ) ନିହତ ହେଲେ । ଚତୁର୍ଥ ଥର ଅନ୍ୟର ଅଙ୍କଶାୟିନୀ ହେବା ପୂର୍ବରୁ ଅଭାଗିନୀ ଦେବଳା ଆତ୍ମହତ୍ୟା କରିଦେଲ । ଏହି କାହାଣୀକୁ ନେଇ ଅନ୍ୟ କେତେକ ପ୍ରସିଦ୍ଧ ଗ୍ରନ୍ଥ ଲେଖା ହୋଇଛି । ଅମିର ଖୁସ୍ରୁଙ୍କ ଦେବଳା ଦେବି-ଖିଜିର ଖାଁ ଓ ସୁଧିର ମୌର୍ଯ୍ୟ ଙ୍କ ଦେବଳା ଦେବୀ ସେ ମଧ୍ୟରେ ପ୍ରଧାନ ଓ ବେଶ ଲୋକପ୍ରିୟ ।

୭୧୨ ମସିହାର ସିନ୍ଧୁ ଆକ୍ରମଣ, ସୋମନାଥ ମନ୍ଦିର ଲୁଣ୍ଠନ, ଚିତୋର ଦୁର୍ଗ ଧ୍ୱଂସ, ରାମଜନ୍ମଭୂମି,କାଶିର ବିଶ୍ୱନାଥ ମନ୍ଦିର, ମଥୁରାର କେଶବରାୟ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ସୂଚାଇ ଦିଏ, ଆମେ ଆମ ନିଜକୁ ରକ୍ଷା କରିବାରେ ବାରମ୍ବାର ବିଫଳ ହୋଇଛେ । ଏହି ଅବସ୍ଥାରୁ ଆମେ କେତେ ସୁଧୁରିଛେ ତାହାହିଁ ଆଜି ଭାବିବାର ବେଳ ଆସିଛି ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# କଫି କହିବ ଭବିଷ୍ୟ !



ଦକ୍ଷିଣ ଭାରତର ଲୋକପ୍ରିୟ ପାନୀୟ ଭାବେ ଜଣାଯାଉଥିବା କଫିର ଆଦର ବିଶ୍ୱର ଅନ୍ୟ ପ୍ରାନ୍ତରେ ମଧ ଅଛି । ବିଶେଷଜ୍ଞଙ୍କ ମତରେ କଫି ପିଇବାର ଉଭୟ ସୁପ୍ରଭାବ ଓ କୁପ୍ରଭାବ ରହିଛି । କଫିକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଥିବାବେଳେ ନିକଟରେ ଏହା ସମ୍ପର୍କିତ ଅନ୍ୟ ଏକ ରୋଚକ ତଥ୍ୟକୁ ନେଇ ଗଣମାଧ୍ୟମରେ ଆଲୋଚନା ହେଉଛି । ବିଦେଶୀ ରାଷ୍ଟ୍ର ଆମେରିକା, ଇଉରୋପରେ କଫି ପାନୀୟ ଜରିଆରେ ଲୋକେ ନିଜ ଭବିଷ୍ୟତ ଜାଣିପାରୁଛନ୍ତି । ଇଟାଲୀରେ ସାନ୍ ମାଥ୍ୟୁଙ୍କର ଏକ କେଫେ ରହିଛି, ତାହାର ନା 'କଫି ଫୁଚର୍' । ଏହି କେଫେରେ ଗ୍ରାହକ ବସି କଫି ପିଇବା ସହ ନିଜ ଭବିଷ୍ୟତ ସମ୍ପର୍କରେ ମଧ ଜାଣିପାରିବେ । ମାଥ୍ୟୁଙ୍କ କହିବାନୁସାରେ, ଏଇ ଭବିଷ୍ୟ ପଢ଼ିବାର କଳା ସେ ଜେନେଭାରୁ ଶିଖିଆସିଛନ୍ତି । ତାଙ୍କ କେଫେରେ କେବଳ ତୁର୍କୀ କଫି ଓ ସାଉଥ୍ ଇଣ୍ଡିଆନ୍ ନୋ-ଫିଲ୍ଟର କଫି ହିଁ ମିଳିଥାଏ । ଗ୍ରାହକ ପାନୀୟ ପିଇବା ପୂର୍ବରୁ ସେମାନଙ୍କୁ ସର୍ତ୍ତ ଅବଗତ କରାଯାଏ ।

- ଗରମ କଫି କପ୍‌ରେ ଗ୍ରାହକଙ୍କୁ ଦିଆଯାଏ । ନ ଫୁଙ୍କି ସେମାନେ ୩ ଥର ଅଳ୍ପ ପରିମାଣରେ କଫି ପିଇ କପ୍ ରଖିବେ । ଏହା ପରେ ଗ୍ରାହକଙ୍କୁ ବଳକା କଫି ଆରାମରେ ପିଇବାକୁ କୁହାଯାଏ । କଫି କପ୍‌ରୁ ଶେଷ ହେବା ପୂର୍ବରୁ କପ୍ ରଖିବାକୁ କୁହାଯିବା ସହ ଏବେ କପ୍‌ରେ ବଳକା ଥିବା କଫିକୁ ସେମାନେ ସମ୍ମୁଖରେ ଥିବା ଏକ ପ୍ଲେଟରେ ଢାଳନ୍ତି । ଏହା ପରେ କଫି ରିଡର୍ ମାଥ୍ୟୁଙ୍କର କାମ ଆରମ୍ଭ ହୁଏ । ନିୟମିତ ତାଙ୍କ ପାଖକୁ ସଂଖ୍ୟାଧିକ ଗ୍ରାହକ ଆସୁଥିବାବେଳେ ଅଧିକାଂଶ ପର୍ଯ୍ୟଟକ ଗ୍ରାହକ ସହକାରେ ଆସୁଥିବାର ଜଣାପଡ଼ିଛି । ଜଣେ ଗ୍ରାହକ କଫି ଜରିଆରେ ନିଜ ଭବିଷ୍ୟତ ଜାଣିବାକୁ ଚାହୁଁଥିଲେ, ପ୍ରଥମେ ୯ ହଜାର ଟଙ୍କା ପଇଠ କରିବାକୁ ପଡ଼େ । ଅତିବେଶୀରେ ୫ ଟି ପ୍ରଶ୍ନ ଗ୍ରାହକ ମାଥ୍ୟୁଙ୍କୁ ପଚାରିପାରିବେ । ଅଧିକ ଜାଣିବାକୁ ଆଗ୍ରହ ହେଲେ, ଗ୍ରାହକଙ୍କୁ ପାଉଣା ମଧ ବଢ଼ାଇବାକୁ ପଡୁଥବାରୁ ଜଣାପଡ଼ିଛି ।

# ବର୍ ଓ ବରଯାତ୍ରୀଙ୍କ ପାଇଁ ସତନ୍ତ୍ର ମାସ୍କ

କରୋନା ଭାଇରସ୍ ପ୍ରକୋପରୁ ରକ୍ଷା ପାଇବାକୁ ହେଲେ ବିଶେଷଜ୍ଞ ଦଳ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଉଛନ୍ତି । ଲୋକେ ମଧ ଏହାକୁ ଗୁରୁତ୍ୱ ଦେଇ ପାଳନ କରୁଛନ୍ତି । ଫେଶନ୍ ଜଗତ ପ୍ରଥମେ ବଧୂଙ୍କ ପାଇଁ ପୋଷାକ ସହ ମ୍ୟାଚିଂ ମାସ୍କ ତିଆରି କରି ଚର୍ଚ୍ଚା ପରିସରକୁ ଆସିଲା । ବର୍ତ୍ତମାନ ଭାରତର ପ୍ରମୁଖ ଡିଜାଇନରମାନେ ବରଙ୍କ ପୋଷାକ ସହ ମ୍ୟାଚିଂ କରି ମାସ୍କର ବଜାର ପ୍ରବେଶ କରାଇଛନ୍ତି । ରାଜସ୍ଥାନର ବିକାନେର୍ ସହରରେର ନାମୀ ଦାମୀ ପୋଷାକ ଶୋ'ରୁମ୍ ମାନ ଅଛି । ବିବାହ ଋତୁ ଆରମ୍ଭ ହୋଇଗଲାଣି, ସେସବୁ ସ୍ଥାନରେ ଗ୍ରାହକ ନିଜ ପୋଷାକ ବରାଦ ଦେଲେଣି । ବିକାନେର୍‌ରେ ଥିବା ଅନ୍ୟତମ ବଡ଼ ଶୋ' ରୁମ୍‌ର ମାଲିକ ଦିନେଶ ତିୱାରୀ କହିଛନ୍ତି, ୫-୬ ଦିନ ହେବ ତାଙ୍କ ଦୋକାନକୁ ନୂଆ ଡିଜାଇନର ଶେରୱାନୀ ସହ ମ୍ୟାଚିଂ ମାସ୍କ ଆସିଛି । ଯୁବପିଢ଼ି ଏସବୁ ଖୁବ୍ ପସନ୍ଦ କରିଥିବାବେଳେ



ବରଯାତ୍ରୀଙ୍କ ପାଇଁ ମଧ ଗୋଟିଏ ଡିଜାଇନ୍‌ର ମାସ୍କ କିଣିବାକୁ ବରାଦ୍ ଦେଉଛନ୍ତି । ଶେରୱାନୀ ସହ ବିକ୍ରି ହେଉଥିବା ମ୍ୟାଚିଂ ମାସ୍କର ମୂଲ୍ୟ ୧,୨୦୦ ଟଙ୍କାରୁ ଆରମ୍ଭ ହୋଇଇ ୭,୦୦୦ ଟଙ୍କ ପର୍ଯ୍ୟନ୍ତ ରହିଛି ।

# ୬୦ ସେକେଣ୍ଡ୍‌ରେ ଫିଟ୍ ରୁହନ୍ତୁ

**ପରିବର୍ତ୍ତନଶୀଳ ଜୀବନଶୈଳୀରେ ନିଜକୁ ଫିଟ୍ ରଖିବା ଜରୁରୀ । ହେଲେ ଛୋଟ ଛୋଟ କଥାକୁ ଆପଣାଇ କିପରି ଫିଟ୍ ରହିହେବ ସେକଥା ଖୁବ୍ କମ୍ ଲୋକ ଜାଣନ୍ତି ।**



**ଜୋତା ଘର ବାହାରେ ରଖନ୍ତୁ:**
ଘର ଭିତରକୁ ଯିବା ସମୟରେ ଜୋତା ବାହାରେ ରଖନ୍ତୁ । ଫଳରେ ଧୂଳି, ମାଟି ଓ କେମିକାଲଜନିତ ସମସ୍ୟାରୁ ରକ୍ଷା ପାଇବେ । ଏହି ଅଭ୍ୟାସ ଦ୍ୱାରା ଘର ସଫାସୁତୁରା ରଖିପାରିବେ ।

**ଖାଲି ଜାଗାରେ ଛିଙ୍କନ୍ତୁ ନାହିଁ:**
ଛିଙ୍କ ଆସିଲେ ଯଦି ଟିଶୁ କି ନାପ୍‌କିନ୍ ନାହିଁ ତେବେ କାନ୍ଧ ବା କହୁଣୀରେ ନାକ ଢାଙ୍କିଦିଅନ୍ତୁ । ଏହାଦ୍ୱାରା କୀଟାଣୁଜନିତ ସଂକ୍ରମଣ ହେବାର ସମ୍ଭାବନା କମ୍ ଥାଏ ।

**ଆଖିକୁ ଆରାମ ଦିଅନ୍ତୁ:**
କର୍ମଜୀବୀ ଲୋକ ଓ ଛାତ୍ରଛାତ୍ରୀ ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବିତାଇଥାନ୍ତି । କମ୍ପ୍ୟୁଟର ସ୍କ୍ରିନ୍‌ର ଲାଇଟ୍ ଆଖି ଉପରେ ପ୍ରଭାବ ପକାଇଥାଏ । ଆଉ ସ୍ପେଶାଲିଷ୍ଟ ଏଥିପାଇଁ ୨୦-୨୦-୨୦ର ନିୟମ କରିଛନ୍ତି । ପ୍ରତି ୨୦ ମିନିଟ୍‌ରେ କମ୍ପ୍ୟୁଟର ସ୍କ୍ରିନ୍‌ରୁ ଦୂରେଇ ରହିବାକୁ ହେଲେ ୨୦ ସେକେଣ୍ଡ୍ ପାଇଁ ୨୦ ଫୁଟ୍ ଦୂରରେ ଥିବା କୌଣସି ବସ୍ତୁକୁ ଦେଖନ୍ତୁ । ଏପରି କରିବା ଦ୍ୱାରା ଆଖିକୁ ଆରାମ ଦେଇପାରିବେ ।

**ପାଣି ପିଅନ୍ତୁ:**
ବହୁତ ପାଣି ପିଅନ୍ତୁ । କୁହାଯାଏ କି ପ୍ରତିଦିନ ୮ ଗ୍ଲାସ୍ ପାଣି ପିଇବା ଉଚିତ । ଆମ ଶରୀରରେର ୭୦ ପ୍ରତିଶତ ପାଣି ରହିଛି । ପାଚନ, ଅବଶୋଷଣ, ପୋଷକ ତତ୍ତ୍ୱକୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ପହଞ୍ଚାଇବା ଓ ଶରୀରର ତାପମାନ ରକ୍ଷା କରିବା ପାଇଁ ତରଳ ପଦାର୍ଥର ଆବଶ୍ୟକତା ରହିଛି ।

**କ୍ରୋଧ ଆସିଲେ ୨୦ ପର୍ଯ୍ୟନ୍ତ ଗଣନ୍ତୁ:**
ଯଦି ଅଧିକ ରାଗ ଲାଗୁଛି ତେବେ ୨୦ ପର୍ଯ୍ୟନ୍ତ ଗଣନ୍ତୁ ଓ ଜୋର୍‌ରେ ନିଃଶ୍ୱାସ ନିଅନ୍ତୁ । ଏପରି କରିବା ଦ୍ୱାରା ରାଗ ଶାନ୍ତ ହୋଇଯିବ । ଦୀର୍ଘ ନିଃଶ୍ୱାସ ନର୍ଭସ୍ ସିଷ୍ଟମ ଉପରେ ପ୍ରଭାବ ପକାଇ ଶାନ୍ତ ରଖିଥାଏ ।

# ହରିଣଙ୍କୁ ପାଉଁରୁଟି ଓ ଫଳ ଖୁଆଇଲେ ମହିଳା

## ଲାଗିଲା ୩୯ ହଜାର ଟଙ୍କା ଜରିମାନା




ଆମେରିକାର କୋଲୋରାଡୋର ଜଣେ ମହିଳା ହରିଣ ମୋହରେ ହରଡଘଣାରେ ପଡ଼ିଛନ୍ତି । ତାଙ୍କ ଘର ନିକଟକୁ ଆସିଥିବା ଏକ ହରିଣ ପଲକୁ ନିଜ ଘରକୁ ଟାକି ଆଣିଥିଲେ । ଲିଭିଙ୍ଗ ରୁମ୍ ପର୍ଯ୍ୟନ୍ତ ହରିଣ ଗୁଡ଼ିକ ଚାଲିଆସିବାରୁ ଏହି ମହିଳା ଜଣକ ହରିଣଙ୍କୁ ଖାଇବାକୁ ପାଉଁରୁଟି ଏବଂ ଫଳ ଦେଇଥିଲେ । ଭୋକିଲା ଥିବା ତିନୋଟି ହରିଣ ଏସବୁକୁ ଖାଇଦେଇଥିଲେ । ଏହାର ଭିଡିଓକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ହେଲେ ଭାଇରାଲ ହୋଇଯାଇଥିବା ଏହି ଭିଡିଓଗୁଡ଼ିକୁ ଯେତେବେଳେ ପାର୍କ ଏବଂ ବନ୍ୟଜନ୍ତୁ ଅଧିକାରୀଙ୍କୁ ସୂଚନା ମିଳିଲା, ସେମାନେ ତୁରନ୍ତ ଉକ୍ତ ମହିଳାଙ୍କୁ ଗିରଫ୍ କରିଥିଲେ । ଲରି ଡିକ୍ସନ୍ ନାମକ ଏହି ମହିଳା ନାମକ ଉପରେ ୩୯୧୭୨(୫୫୦ ଡଲାର) ହଜାର ଟଙ୍କାର ଜରିମାନା ଦଣ୍ଡ ଦେଇଛନ୍ତି । କୋଲୋରାଡୋ ପାର୍କ ଏବଂ ୱାଇଲ୍ଡ ଲାଇଫ୍ ନର୍ଥଇଷ୍ଟ ରିଜନରର ବନ୍ୟ ଅଧିକାରୀଙ୍କ କହିବା ମୁତାବକ, 'କୋଲେରାଡୋରେ ଜଙ୍ଗଲି ଜନ୍ତୁଙ୍କୁ ପୋଷା ବନାଇବା ଦଣ୍ଡନୀୟ ଅପରାଧ ଅଟେ । ଲରି ବନ୍ୟ ଜନ୍ତୁଙ୍କ ପ୍ରାକୃତିକ ଅଭ୍ୟାସକୁ ଭାଙ୍ଗିଥିଲେ । ହରିଣ ଗୁଡ଼ିକୁ ଫଳ ଏବଂ ପାଉଁରୁଟି ଖାଇବାରେ ଅଭ୍ୟସ୍ତ ନୁହଁନ୍ତି ବୋଲି ସେ କହିଛନ୍ତି । ସୂଚନା ଥାଉ ଯେ, ମହିଳା ଜଣକ ହରିଣଙ୍କୁ କଦଳୀ, କଟା ହୋଇଥିବା ସେଓ, ଗାଜର ଏବଂ ପାଉଁରୁଟି ଖାଇବାକୁ ଦେଇଥିଲେ ।

# ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ । ସମସ୍ତେ ଏହି କତାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

# ଝିଟିପିଟି ଘରେ ରହିବେନି

**ପ୍ରାୟ ପ୍ରତ୍ୟେକଙ୍କ ଘରେ ଝିଟିପିଟି ଦେଖାଯାଇଥାଏ । ଏମାନଙ୍କୁ ଯେତେ ତଡିଲେ ବି ବାରମ୍ବାର ଆସୁଥାନ୍ତି । ଅସରପା ଏବଂ ଝିଟିପିଟି ଏ ଦୁଇଟି ଜୀବ ଘରେ ଦେଖାଯିବା ସାଧାରଣତ କଥା ହୋଇଥିଲେ ବି ଅନେକେ ଏହାକୁ ଭୟ କରନ୍ତି । ଝିଟିପିଟିଠାରୁ ମୁକ୍ତ ପାଇବାର କେତେକ ସାଧାରଣ ଘରୋଇ ଉପାୟ ଜାଣନ୍ତୁ-**

-ଦିନରେ ବାରମ୍ବାର ଘର କାନ୍ଥକୁ ପାଣି ଛାଟିଲେ ବି ଝିଟିପିଟି ଦାଉରୁ ମୁକ୍ତି ମିଳେ । ଖାଲି ପାଣି ବଦଳରେ ଏକ ପାତ୍ରରେ ପିଆଜ ଓ ରସୁଣ ରସ ନେଇ ସେଥିରେ ପାଣି ମିଶାଇ କାନ୍ଥରେ ଏବଂ ଝିଟିପିଟି ବେଶୀ ଆସୁଥିବା ସ୍ଥାନରେ ଛାଟିଲେ ସୁଫଳ ମିଳିଥାଏ । ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ ବି ଛିଞ୍ଚିପାରିବେ । କାରଣ, ଏଗୁଡ଼ିକର ତୀବ୍ର ଗନ୍ଧ ଝିଟିପିଟି ସହିପାରେ ନାହିଁ ।

-ମୟୂର ପୁଚ୍ଛକୁ ଝିଟିପିଟି ଭୟ କରେ । ତେଣୁ ଯେଉଁଠାରେ ବେଶୀ ଝିଟିପିଟି ଦେଖାଯାଉଛନ୍ତି, ସେ ସ୍ଥାନରେ କିମ୍ବା ଫୁଲଦାନିରେ ବି କେତୋଟି ମୟୂର ପୁଚ୍ଛ ରଖିଦିଅନ୍ତୁ ।



# ତ୍ୱଚା ପାଇଁ ଫଳର ମାସ୍କ

**ବୟସର ଛାପ ପଡ଼ିଲେ ତ୍ୱଚା ରୁକ୍ଷ ହେବା ।ସହ ଭାଙ୍ଗ ପଡ଼ିବା ଆରମ୍ଭ କରେ । ପାର୍ଲରର ଦାମୀ ଫେସିଆଲ୍ ପରିବର୍ତ୍ତେ ଘରୋଇ ଉପାୟରେ ଏହାର ଚର୍ଚ୍ଚା କରନ୍ତୁ । ଦିନକେଇଟାରେ ଆପଣଙ୍କ ତ୍ୱଚାରେ ଏକ ନୂଆ ଚମକ ଅନୁଭବ କରିପାରିବେ ।**

◆ଖରାଦିନେ ବଜାରରେ ଅଙ୍ଗୁରର ପସରା ଦେଖିବାକୁ ମିଳେ । ଅଙ୍ଗୁର ରସ ଦେହ ପାଇଁ ହିତକର ହୋଇଥିବାବେଳେ ତ୍ୱଚାର ଯତ୍ନ ମଧ ଏହା ଦ୍ୱାରା ନେଇହେବ । ବିଶେଷଜ୍ଞଙ୍କ ମତରେ ଉଭୟ ଅଙ୍ଗୁର ଓ ସେଓରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ୧୦-୧୨ଟି ଅଙ୍ଗୁର ଓ ଫାଳେ ସେଓ ନେଇ ଗ୍ରାଇଣ୍ଡିଂ କରିନେବେ । ପରେ ସେହି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇନେବେ । ସପ୍ତାହରେ ୨-୩ଥର ଏଇ ପ୍ୟାକ୍ ଲଗାନ୍ତୁ । ଫରକ୍ ନିଜେ ହିଁ ଜାଣିପାରିବେ ।

◆ଆମ୍ବ ଫଳରେ ଭିଟାମିନ୍ସ, ମିନେରାଲ୍ସ, ନ୍ୟୁଟ୍ରିସନ୍ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏହାର ପ୍ୟାକ୍ ମଧ ତ୍ୱଚାର ରଙ୍ଗ ସଫା କରିବା ସହ ସନ୍-ଟ୍ୟାନ୍ ଦୂର କରେ । ଅଧ କପ୍ ଆମ୍ବ ରସରେ ମୁଲତାନି ମାଟି ଓ ବେସନ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ପ୍ୟାକ୍ ଶୁଖିବା ପରେ ତ୍ୱଚାକୁ ଭଲଭାବେ ଧୋଇନିଅନ୍ତୁ । ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ ଲାଭ ମିଳେ ।




# ଓଟସ୍ ଖାଇ ସୁସ୍ଥ ରୁହନ୍ତୁ

**ବଲିଉଡ ଓ ହଲିଉଡ ସିନେତାରକାଙ୍କ ପ୍ରମୁଖ ଖାଦ୍ୟ ପାଲଟିଛି ଓଟସ୍ । ବଜାରରେ ମଧ ବିଭିନ୍ନ ସୁଆଦର ଓଟସ୍ ଉପଲବ୍ଧ ହେଉଥିବା ବେଳେ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରୋଲ୍ଡ ଓଟସ୍ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏକ ପ୍ରକୃଷ୍ଟ ଖାଦ୍ୟ ।**

■ଜଣେ ବ୍ୟକ୍ତି ସକାଳ ଜଳଖିଆ ହେଉ କିମ୍ବା ଦ୍ୱିପହର ଭୋଜନ ଅବା ରାତ୍ରିଭୋଜନ ଯେ କୌଣସି ସମୟରେ ଓଟସ୍ ଖାଇପାରିବ ।

-ଓଟସ୍‌କୁ ଖିରରେ ଅବା ଦହିରେ ମିଶାଇ ନଚେତ୍ ଓଟସ୍ ଖେଚୁଡ଼ି କରି ମଧ ଖାଇହେବ । ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରପୂର ଏହି ଓଟସ୍ ଯୁବ ପିଢ଼ି ଓ ବୟସ୍କ ବର୍ଗ ଉଭୟ ଖାଇପାରିବେ । ସକାଳବେଳା ଜଳଖିଆରେ ଏହା ଖାଇଲେ ଅନେକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନାହିଁ ।



■କୋଲେଷ୍ଟରଲ୍ କମ୍ ଥିବା ଏଇ ଖାଦ୍ୟ ମେଦବହୁଳ ରୋଗୀଙ୍କ ନିମନ୍ତେ ଖୁବ୍ ଭଲ ।

# ଶ୍ରଦ୍ଧା କପୁର ଏବେ ସୁଟିଂକୁ ଫେରିବେ ନାହିଁ

ଲକ୍‌ଡାଉନ୍ ସମୟରେ ସମସ୍ତ ସୁଟିଂ ବନ୍ଦ ରହିଥିବା ବେଳେ ଏବେ ଅନ୍-ଲକ୍:୧ ରେ ଧୀରେ ଧୀରେ ସବୁ ପୂର୍ବାବସ୍ଥାକୁ ଫେରିବାକୁ ଲାଗିଛି । ଏଥିସହ ବିଭିନ୍ନ ଚଳଚ୍ଚିତ୍ର, ଧାରାବାହିକ ଓ ବିଜ୍ଞାପନ ସୁଟିଂ ମଧ୍ୟ ଆରମ୍ଭ ହୋଇଗଲାଣି । କିନ୍ତୁ ଏବେ ଶ୍ରଦ୍ଧା କପୁର ଚଳଚ୍ଚିତ୍ରକୁ ଫେରିବେ ନାହିଁ ବୋଲି ଶକ୍ତି କପୁର ସ୍ପଷ୍ଟ ମନା କରିଦେଇଛନ୍ତି । ଲକ୍‌ଡାଉନ୍ ଆସ୍ତେ ଆସ୍ତେ ଖୋଲୁଥିଲେ ମଧ୍ୟ କରୋନା ଭୂତାଣୁ ଭାରତରୁ ଯାଇ ନାହିଁ । ଆଗକୁ ପରିସ୍ଥିତି ଆହୁରି ସଙ୍ଗିନ୍ ହେବାକୁ ଯାଉଛି । ଏଣୁ ମୁଁ ଶ୍ରଦ୍ଧାକୁ ଏବେ ବାହାରକୁ ସୁଟିଂ ପାଇଁ ଯିବାକୁ ଅନୁମତି ଦେବି ନାହିଁ । ମୁଁ ନିଜେ ମଧ୍ୟ ଏବେ କୌଣସି ସୁଟିଂ କରିବି ନାହିଁ ବୋଲି ଶକ୍ତି କପୁର ଏକ ସାକ୍ଷାତକାରରେ କହିଛନ୍ତି ।



# ସେପ୍ଟେମ୍ବର ସୁଦ୍ଧା ଶେଷ ହେବ ରାଉରକେଲା ସ୍ୱେରେଜ୍ ବ୍ୟବସ୍ଥା

ଭୁବନେଶ୍ୱର,୨୦।୬ (ନି.ପ୍ର): ରାଜ୍ୟର ବିଭିନ୍ନ ସହରାଂଚଳମାନଙ୍କରେ ସ୍ୱେରେଜ୍ ବ୍ୟବସ୍ଥା ସମ୍ପର୍କରେ ପଂଚାୟତିରାଜ, ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ପ୍ରକାଶ ଯେ ୨୩୮.୯୬ କୋଟି ଟଙ୍କା ବ୍ୟୟ ଅଟକଳରେ ରାଉରକେଲା ସହରରେ ନିର୍ମାଣ କରାଯାଉଥିବା ସ୍ୱେରେଜ୍ ବ୍ୟବସ୍ଥା ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧାଏହା ସମ୍ପୂର୍ଣ୍ଣ ହେବ। ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ୮୩ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ସମ୍ବଲପୁର ସହରରେ ୨୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରାଯାଇଥିବା ସ୍ୱେରେଜ୍ ବ୍ୟବସ୍ଥା ବିଭିନ୍ନ କାରଣ ଯୋଗୁ ଏହାର ବିଶେଷ ଅଗ୍ରଗତି ହୋଇପାରିନାହିଁ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କାର୍ଯ୍ୟ କରୁଥିବା ସମ୍ପୃକ୍ତ ସଂସ୍ଥା ସହିତ ଆଲୋଚନା କରିକାର୍ଯ୍ୟକୁ ଆଗେଇନେବା ପାଇଁସେ ପରାମର୍ଶ ଦେଇଛନ୍ତି। ସ୍ୱେରେଜ୍ ବୋର୍ଡ ତରଫରୁ କଟକ, ସମ୍ବଲପୁର, ପୁରୀ, ରାଉରକେଲାରେ ୭୫୭ ଲକ୍ଷ ଟଙ୍କା ବ୍ୟୟରେ ୮ଟି ସେପ୍ଟେଜ୍ ନିର୍ମାଣ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୮୭.୯୬ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ଟି ଯାକଜିଲ୍ଲାରେସେପ୍ଟେଜ୍ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତୃତୀୟ ପର୍ଯ୍ୟାୟରେ ୯୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେପ୍ଟେଜ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ବର୍ତମାନ ତା'ର ମୂଲ୍ୟାୟନ କରାଯାଉଛି। ଏଥି ସହିତ ସ୍ୱେରେଜ୍ ବୋର୍ଡର କାର୍ଯ୍ୟକାଳ ଅବଧି ସରିଯାଇଥିବା ବେଳେ ତାକୁ ପୁନର୍ଗଠନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଲୋକସେବା ଭବନ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ବୋର୍ଡର ସଦସ୍ୟ ସଚିବ ଅମୂଲ୍ୟ ମଲ୍ଲିକ, ଭୁବନେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ବିନୋଦ ସାହୁ, କଟକର ପ୍ରକଳ୍ପ ନିର୍ଦ୍ଦେଶକ ରତୀନ୍ଦ୍ର ନାଥ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ରାହୁଲ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ବରୀରେ ଶୁଖିଲା ଖାଦ୍ୟ ବଂଟନ

ଧର୍ମଶାଳା,୨୦।୬ (ନି.ପ୍ର): କଂଗ୍ରେସର ଯୁବନେତା ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ । ଏହି ଅବସରରେ ଆଜି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ବରୀ କଂଗ୍ରେସ ଯୁବନେତା ଉମେଶ ଜେନାଙ୍କ ନେତୃତ୍ୱରେ ଅଜଣାଛକରେ ପ୍ରବାସୀ ଓଡିଆ ଓ ଅସହାୟ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଯୁବନେତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ୩୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ : ଶ୍ରମ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୦।୬ (ନି.ପ୍ର): ଶ୍ରମିକମାନଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ଉପକରଣ କିଣାରେ କୋଟି କୋଟି ଟଙ୍କାର ହେରଫେର ହୋଇଥିବା ଅଭିଯୋଗ ଆଣିଛି କଂଗ୍ରେସ । ଏହିଭଳି ଶ୍ରମ ବିଭାଗରେ ପ୍ରାୟ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି କଂଗ୍ରେସ କହିଛି। ଏଥିସହ ଶ୍ରମ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ କହିଛନ୍ତି ଯେ ବର୍ତମାନ ଓଡ଼ିଶାରେ ୩୦ଟି ଜିଲ୍ଲାରେ ୨୮,୨୨,୬୯୬ ଜଣ ନିର୍ମାଣ ଶ୍ରମିକ ନାମ ପଞ୍ଜିକରଣ କରିଛନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ସାମଗ୍ରୀ ନିମନ୍ତେ ୧ ହଜାର ଟଙ୍କା ଓ କାର୍ଯ୍ୟଉପକରଣ ନିମନ୍ତେ ୩୯୯୯ ଟଙ୍କା ଏହିଭଳି ମୋଟ ୪୯୯୯ ଟଙ୍କା ପ୍ରଦାନ କରାଯାଇଥାଏ। ଏଥି ନିମନ୍ତେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ବିଭିନ୍ନ ସଂସ୍ଥାକୁ ଏହି ଉପକରଣ ଯୋଗାଇବା ପାଇଁ ଟେଣ୍ଡର ଦେଇଥାନ୍ତି ଓ ଜିଲ୍ଲା ଶ୍ରମ ଅଧିକାରୀ ଏହି କାର୍ଯ୍ୟର ସଠିକତା ସଂପର୍କରେ ତଦାରଖ କରିଥାନ୍ତି। ତେବେ ସବୁ ଜିଲ୍ଲାରେ ଉପକରଣ ଗୁଡ଼ିକର ପ୍ରକୃତ ଦାମ ଠାରୁ ଯଥେଷ୍ଟ ଅଧିକ ଦାମରେ କିଣାଯାଇ ସରକାରୀ ତହବିଲକୁ ତୋଷରପାତ କରାଯାଇଛି । ମାଲକାନଗିରି, ଅନୁଗୁଳ ଓ କଟକ ଜିଲ୍ଲାରେ ଗୋଟିଏ ବେଲ୍‌ଚାର ଦାମ ୧୭୦ ଟଙ୍କାରେ କିଣାଯାଇଥିବା ବେଳେ ସରକାର ଟେଣ୍ଡର ନେଇଥିବା ସଂସ୍ଥା ଠାରୁ ୩୯୭ ଟଙ୍କାରେ କିଣିଛନ୍ତି। ସେହିଭଳି ସୁରକ୍ଷା ଯୋତା ୧୧୦-୨୮୦ଟଙ୍କା ପ୍ରକୃତ ଦାମ ଥିବା ବେଳେ ସରକାର ୪୧୩ ଟଙ୍କାରେ କିଣିଛନ୍ତି ଓ ମାସ୍କର ଦାମ ଟ୨.୫୦ରୁ ଟ୧୦.୦୦ ବଜାର ଦର ଥିବାବେଳେ ସରକାର ୮୦ଟଙ୍କାରେ କିଣିଛନ୍ତି । ଗରୀବ ଜନସାଧାରଣଙ୍କର ଅର୍ଥକୁ ଏଭଳି କୋଟି ଟଙ୍କା ଲୁଟ କରି ପ୍ରାୟ ୩୦୦ କୋଟି ଟଙ୍କା ଆତ୍ମସାତ କରିବା ଅତ୍ୟନ୍ତ ନିନ୍ଦା ଓ ଶ୍ରମିକମାନଙ୍କ ପେଟକୁ ନାତ ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଗରିବ ପାଇଁ କାନ୍ଦୁଥିବା ରାଜ୍ୟ ମୁଖ୍ୟମନ୍ତ୍ରୀ ଏ ସଂପର୍କରେ ତଦନ୍ତ କରି ଶ୍ରମ ମନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଶ୍ରମମନ୍ତ୍ରୀଙ୍କୁ ତାଙ୍କ ପଦବୀରୁ ବରଖାସ୍ତ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ସ୍ମୃତିରେଖା ପହି, ରଶ୍ମି ମହାପାତ୍ର ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଏବିଭିପି ପକ୍ଷରୁ ଗାଲୱାନରେ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୨୦।୬ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଗାଲୱାନ ଘାଟୀର ଚୀନ୍ ସେନାଙ୍କ ଆକ୍ରମଣରେ ସହିଦ ଭାରତୀୟ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ସ୍ମୃତିସଭାରେ ଏବିଭିପି ବାଲେଶ୍ୱର ଜିଲ୍ଲା ପ୍ରମୁଖ ପ୍ରତ୍ୟୁଷ ବେହେରା, ଜିଲ୍ଲା ସଂଯୋଜକ ରଜତ କୁମାର ପାତ୍ର, ନଗର ଉପ-ସଭାପତି ସ୍ମୃତିରଂଜନ ବେହେରା ପ୍ରମୁଖ ଯୋଗଦେଇ ଚୀନ ସରକାରଙ୍କ ଆକ୍ରୋଶମୂଳକ ଅଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ତେବେ ପ୍ରଧାନମନ୍ତ୍ରୀଙ୍କ ଅନୁସାରେ ସହିଦ୍ ଭାରତୀୟ ଯବାନ୍‌ଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି ଏବିଭିପିର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । ତେବେ ଚୀନ୍‌କୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ପ୍ରତ୍ୟେକ ଭାରତୀୟ ଚାଇନା ସାମଗ୍ରୀ ବର୍ଜନ ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସହିଦ୍ ଭାରତୀୟ ଯବାନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବ ପ୍ରାର୍ଥନା ମାଧ୍ୟମରେ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ଭୋଗରାଇ ସଂଯୋଜକ ଚିନ୍ମୟ ପଣ୍ଡା, ସହ-ସମ୍ପାଦିକା ଶତାବ୍ଦୀ ଦତ୍ତ, ତାପସ କୁମାର ସାହୁ, ସୁବ୍ରତ କୁମାର ମାଝୀ, ସଂଗ୍ରାମ ବିଶ୍ୱାଳ, ପ୍ରଭାତ କୁମାର ପରିଡ଼ା, ଗୌରାଙ୍ଗ ପରିଡ଼ା ପ୍ରମୁଖଙ୍କ ସମେତ ବହୁ ଛାତ୍ରନେତା ଏଥିରେ ଯୋଗଦେଇ ସହିଦ୍ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଡେଲାଙ୍ଗ ବ୍ଲକରେ କୋଭିଡ ଯୋଦ୍ଧାଙ୍କୁ ସମ୍ମାନ



ଡେଲାଙ୍ଗ,୨୦।୬ (ନି.ପ୍ର): ବିଶ୍ୱମହାମାରୀ କରୋନା ଭୁତାଣୁ କୋଭିଡ-୧୯ ଯୁଦ୍ଧରେ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଦିନରାତି ଏକ କରିଦେଇଥିବା କୋଭିଡ ଯୋଦ୍ଧାମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ମହତ କାର୍ଯ୍ୟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡିଆ ପରବାର ,ପକ୍ଷରୁ ପରିଚାଳନା ନିଦ୍ଦେର୍ଶକ ଦିଲ୍ଲୀପ କୁମାର ଧାଉଡିଆଙ୍କ ତତ୍ତ୍ୱାବଧନରେ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ସମ୍ମିଳନୀ ପ୍ରକୋଷ୍ଠରେ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ବିଡିଓ କ୍ଷିରୋଦ୍ର ପ୍ରଧାନ, ତହସିଲଦାର ରାଜେନ୍ଦ୍ର କୁମାର ଆଚରିଆ, ଆଇଆଇସି ରଶ୍ମିରଂଜନ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି କବିନ୍ଦ୍ର ବଳବନ୍ତରାୟ, ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ,ମିଶନଶକ୍ତି ମହିଳା ମହାସଙ୍ଘର ସମ୍ପାଦିକା ବାସନ୍ତୀ ସାହୁ ,ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସମେତ କାର୍ଯ୍ୟରତ ସମସ୍ତ ବୈଦ୍ୟୁତିକ ଏବଂ ପ୍ରୀଣ୍ଟ ମିଡିଆ /ଗଣମାଧ୍ୟମର ସାମ୍ବାଦିକ ମାନଙ୍କୁ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡିଆ ପରବାର, ପକ୍ଷରୁ ଉତ୍ତରୀ, ପୁଷ୍ପଗୁଚ୍ଛ, କୋଭିଡ ପ୍ରଶଂସାପତ୍ର ପ୍ରଦାନ କରାଯାଇ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା । ପ୍ରଥମେ ଲଦାଖ ସୀମାନ୍ତରେ ଦେଶ ପାଇଁ ସହିଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ସ୍ୱରୁପ ୨ମିନିଟ୍ ସାମୁହିକ ନିରବ ପ୍ରର୍ଥନା କରାଯାଇଥିଲା। ସାମ୍ବାଦିକ ପସନ୍ନ ତ୍ରିପାଠୀ, ଦୀପକ ମିଶ୍ର ,ବିଜୟ ମହାପାତ୍ର, ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୁପେ ପରିଚାଳନା କରିଥିଲା ବେଳେ ଟ୍ରଷ୍ଟି ଗୀତାରାଣୀ ରଣଜିତ ସେଚ୍ଛାସେବୀ ଆଲୋକମୟ ହରିଚନ୍ଦନ, ବେଣୁଧର ମଙ୍ଗରାଜ, ରବିନ୍ଦ୍ର କୁମାର ସାହୁ ଏଥିରେ ସହଯୋଗ କରିଥିଲେ ।

# ଆତ୍ମନିର୍ଭର ଭାରତ ଦିଗରେ ପ୍ରୟାସ : ଉଠାଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ମାଇକ୍ରୋ କ୍ରେଡିଟ ଯୋଜନାର ଶୁଭାରମ୍ଭ

ନୂଆଦିଲ୍ଲୀ,୨୦।୬ (ନି.ପ୍ର): ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ଏସଆଇଡିବିଆଇ) ମଧ୍ୟରେ ଆଜି ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଉଠାଦୋକାନୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଲଘୁ-ଋଣ (ମାଇକ୍ରୋ କ୍ରେଡିଟ) ସୁବିଧା - ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ ଭେଣ୍ଡର୍ସ ଆତ୍ମ ନିର୍ଭର ପାଣ୍ଠି (ପିଏମ ସ୍ୱନିଧି)କୁ କାର୍ଯ୍ୟକାରୀ କରିବା। ଏଥିରେ ଏସଆଇଡିବିଆଇ କାର୍ଯ୍ୟାନ୍ୱୟନ ଏଜେନ୍ସି ଭାବେ ସାମିଲ ହେବ। ଏହି ବୁଝାମଣାପତ୍ରରେ ଆବାସ ଓ ସହରାଂଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଶ୍ରୀ ହରଦୀପ ସିଂ ପୁରୀଙ୍କ ଉପସ୍ଥିତିରେ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ସଞ୍ଜୟ କୁମାର ଏବଂ ଏସଆଇଡିବିଆଇର ଉପ-ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭି. ସତ୍ୟ ଭେଙ୍କଟ ରାଓ ସ୍ୱାକ୍ଷର କରିଥିଲେ। ବୁଝାମଣାର ସର୍ତ ଅନୁଯାୟୀ, ଏସଆଇଡିବିଆଇ ପିଏମ ସ୍ୱନିଧି ଯୋଜନାକୁ ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ମାର୍ଗଦର୍ଶନରେ ଲାଗୁ କରିବ। ଏହା ସୂକ୍ଷ୍ମ ଏବଂ ଲଘୁ ଉଦ୍ୟୋଗ ଲାଗି କ୍ରେଡିଟ ଗ୍ୟାରେଂଟି ଫଣ୍ଡ ଟ୍ରଷ୍ଟ (ସିଜିଟିଏମଏସଇ) ମାଧ୍ୟମରେ ଋଣ ପ୍ରଦାନକାରୀ ସଂସ୍ଥାନଗୁଡ଼ିକୁ କ୍ରେଡିଟ ଗ୍ୟାରେଂଟି ପରିଚାଳନା ସୁବିଧା ମଧ୍ୟ ପ୍ରଦାନ କରିବ। ଏହା ଏକ ସ୍ୱତନ୍ତ୍ର ଭାବେ ନିର୍ମିତ ଏବଂ ସମନ୍ୱିତ ଆଇଟି ପ୍ଲାଟଫର୍ମ ବିକଶିତ କରିବ ଯାହା ସହରାଂଚଳ ସ୍ଥାନୀୟ ପ୍ରଶାସନ (ୟୁଏଲବି), ଋଣ ପ୍ରଦାନକାରୀ ସଂସ୍ଥାନ, ଡିଜିଟାଲ ପଇଠ ସଂଗ୍ରାହକ ଏବଂ ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ଏବଂ ସୂଚନା ପ୍ରସାର ସୁବିଧା ପ୍ରଦାନ କରିବ। ପୋର୍ଟାଲ ଓ ମୋବାଇଲ ଆପ ମାଧ୍ୟମରେ ସମସ୍ତ ପ୍ରକ୍ରିୟା ତଥା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନର କାଗଜପତ୍ର ପ୍ରସ୍ତୁତ କରିବା ସହିତ ସମ୍ପୂର୍ଣ୍ଣ ସମାଧାନ ଯୋଗାଇ ଦିଆଯିବ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ଅଧିସୂଚିତ ବାଣିଜ୍ୟିକ ବ୍ୟାଙ୍କ (ଏସସିବି), ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାନ (ଏନବିଏଫସି), ସୂକ୍ଷ୍ମ ଆର୍ଥିକ ସଂସ୍ଥାନ(ଏମଏଫଆଇ), ସମବାୟ ବ୍ୟାଙ୍କ, ଲଘୁ ଆର୍ଥିକ ବ୍ୟାଙ୍କ (ଏସଏଫବି), ଆଂଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି) ଆଦି ଭଳି ଋଣପ୍ରଦାନକାରୀ ସଂସ୍ଥାନଗୁଡ଼ିକର ନେଟୱର୍କର ଲାଭ ନିଆଯିବ। ଏସଆଇଡିବିଆଇ ପ୍ରଭାବୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରକଳ୍ପ ପରିଚାଳନା ୟୁନିଟ (ପିଏମୟୁ) ମଧ୍ୟ ଉପଲବ୍ଧ କରାଇବ। ଏଥିରେ ପିଏମ ସ୍ୱନିଧି ଅବଧି ଅର୍ଥାତ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ପ୍ରଶିକ୍ଷଣ/କ୍ଷମତା ନିର୍ମାଣ, ବ୍ୟାଙ୍କିଙ୍ଗ, ଏନବିଏଫସି ଏବଂ ଏମଏଫଆଇ ଆଦି କ୍ଷେତ୍ରର ବିଶେଷଜ୍ଞମାନେ ସାମିଲ ରହିବେ। ସୂଚନାଯୋଗ୍ୟ ଯେ ଆବାସ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ୧ଜୁନ, ୨୦୨୦ରେ ପିଏମ ସ୍ୱନିଧି ଯୋଜନାର ଶୁଭାରମ୍ଭ କରିଥିଲା। ଏହାର ଉଦ୍ଦେଶ୍ୟ କୋଭିଡ-୧୯ ଲକଡାଉନ କାରଣରୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିବା ଉଠାଦୋକାନୀମାନଙ୍କୁ ନିଜର ଜୀବିକା ଆରମ୍ଭ କରିବା ଲାଗି ଶସ୍ତା କାର୍ଯ୍ୟଶୀଳ ପୁଞ୍ଜି ଋଣ ଉପଲବ୍ଧ କରାଇବା। ଏହି ଯୋଜନାର ଲକ୍ଷ୍ୟ ୫୦ ଲକ୍ଷରୁ ଅଧିକ ଉଠାଦୋକାନୀମାନଙ୍କୁ ଲାଭ ପହଁଚାଇବା। ଏହାର ଅନ୍ତର୍ଗତ ଉଠାଦୋକାନୀମାନଙ୍କୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟଶୀଳ ପୁଞ୍ଜି ଋଣ ନେଇପାରିବେ। ଏହାକୁ ସେମାନେ ଗୋଟିଏ ବର୍ଷର ଅବଧି ମଧ୍ୟରେ ମାସିକ କିସ୍ତି ଆକାରରେ ସୁଝିପାରିବେ। ନିର୍ଦ୍ଧାରିତ ସମୟରେ/ଶୀଘ୍ର ଋଣ ପରିଶୋଧ କରିବା ଉପରେ ୭ପ୍ରତିଶତର ବାର୍ଷିକ ସୁଧ ସବସିଡି ସୁବିଧା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଯୋଗାଇ ଦିଆଯିବ। ପ୍ରତ୍ୟେକ ତ୍ରୈମାସ ଆଧାରରେ ଏହି ଅର୍ଥ ସେମାନେଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ। ଋଣ ଶୀଘ୍ର ପରିଶୋଧ ପାଇଁ କୌଣସି ଜୋରିମାନା ଲାଗୁ ହେବ ନାହିଁ। ଏହି ଯୋଜନା କ୍ୟାଶ ବ୍ୟାକ ପ୍ରୋତ୍ସାହନ ରୂପରେ ପ୍ରତ୍ୟେକ ମାସ ୧୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ପ୍ରଦାନ କରି ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବ। ଏହାବ୍ୟତୀତ ଉଠାଦୋକାନୀମାନେ ନିର୍ଦ୍ଧାରିତ ସମୟରେ/ଶୀଘ୍ର ଋଣ ପରିଶୋଧ କରି ଋଣ ସୀମା ବଢ଼ାଇବାର ସୁବିଧା ପାଇପାରିବେ। ଏହାଦ୍ୱାରା ସେମାନେ ଆର୍ଥିକ ବିକାଶର ମାର୍ଗରେ ଆଗକୁ ବଢ଼ି ନିଜର ମହତ୍ୱାକାଂକ୍ଷାକୁ ପୂରଣ କରିପାରିବେ। ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଏହି ଯୋଜନାର ଦିଶାନିର୍ଦ୍ଦେଶକ ସମସ୍ତ ଅଂଶୀଦାର ବ୍ୟାଙ୍କ, ଏମଏଫଆଇ, ଏନବିଏଫସି, ଏସଆଇଡିବିଆଇ ଏବଂ ଉଠାଦୋକାନୀ ସଂଘ ସମେତ ରାଜ୍ୟ ଓ ଅନ୍ୟ ଅଂଶୀଦାରମାନଙ୍କୁ ପଠାଇ ଦେଇଛି। ଯାହାଫଳରେ ସେମାନଙ୍କୁ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ବିଷୟରେ ସଚେତନ କରାଯାଇପାରିବ। ପିଏମ ସ୍ୱନିଧି ଲାଗି ସମନ୍ୱିତ ଆଇଟି ପ୍ଲାଟଫର୍ମକୁ ଜୁନ ୨୦୨୦ର ଚତୁର୍ଥ ସପ୍ତାହ ସୁଦ୍ଧା ଶୁଭାରମ୍ଭ କରାଯିବାର ସମ୍ଭାବନା ରହିଛି। ଯୋଜନାର ପ୍ରଥମ ପର୍ଯ୍ୟାୟକୁ ସେପ୍ଟେମ୍ବର ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ କରିବା ଲାଗି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ପରାମର୍ଶକ୍ରମେ ୧୦୮ଟି ସହରର ଚୟନ କରାଯାଇଛି। ଜୁଲାଇ ୨୦୨୦ ଠାରୁ ଋଣ ଆବଂଟନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି।

# ଭିଜିଲାନ୍ସ ଜାଲରେ ଧରାପଡିଲେ ଲାଂଚୁଆ କନିଷ୍ଠ ଯନ୍ତ୍ରୀ

କେନ୍ଦୁଝର,୨୦।୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟସ୍ଥିତ ସଦର ବ୍ଲକରେ କାର୍ଯ୍ୟରତ ଜଣେ ଲାଂଚୁଆ କନିଷ୍ଠ ଯନ୍ତ୍ରୀ ଆଜି ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଏହି ଲାଂଚ ବାବଦ ଟଙ୍କା ତାଙ୍କ ଠାରୁ ଜବତ ହୋଇଅଛି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପଛପଟେ ଅବସ୍ଥିତ ସଦର ବ୍ଲକ କାର୍ଯ୍ୟାଳୟରେ ଅବସ୍ଥାପିତ ଜୁନିୟର ଇଞ୍ଜିନିୟର ପ୍ରମୋଦ କୁମାର ପଣ୍ଡା ଠିକାଦାର ଯୁଧିଷ୍ଠିର ମହାନ୍ତଙ୍କ ଠାରୁ ଏକ କଂକ୍ରିଟ୍ ରାସ୍ତାର ପୁରୁଣା ବିଲ୍ କରି ଦେବାକୁ ୬ ହଜାର ଟଙ୍କା ଓ ଏକ ନୂଆ କାମ ଦେବା ବାବଦକୁ ୫ ହଜାର ଟଙ୍କା ଏଭଳି ମୋଟ ୧୧ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ । ଏବଂ ସମସ୍ତ ଟଙ୍କା ନଦେବା ପର୍ଯ୍ୟନ୍ତ ବିଲ୍ କରି ଦେବେନାହିଁ ବୋଲି ରୋକଠୋକ୍ ଶୁଣାଇଥିଲେ । ଫଳରେ ଯୁଧିଷ୍ଠିର ମହାନ୍ତ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଯୁଧିଷ୍ଠିରଙ୍କ ଘର ସଦର ଥାନା ଅନ୍ତର୍ଗତ ବଉଳମାଳ ବୋଲି ଜଣାପଡିଛି । ଅଭିଯୋଗ ପାଇବା ପରେ ଏହି ଲାଂଚୁଆ ଅଧିକାରୀଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା । ଶୁକ୍ରବାର ଦିନ ଲାଂଚୁଆ ଜୁନିୟର ଇଞ୍ଜିନିୟର ପ୍ରମୋଦ ପଣ୍ଡା ତାଙ୍କ କାର୍ଯ୍ୟାଳୟରେ ଠିକାଦାର ଯୁଧିଷ୍ଠିର ମହାନ୍ତଙ୍କ ଠାରୁ ୧୧ ହଜାର ଟଙ୍କା ଲାଂଚ ଗ୍ରହଣ କରୁଥିବା ବେଳେ ବାଲେଶ୍ୱର ଡିଭିଜନର ଭିଜିଲାନ୍ସ ଅଫିସରମାନେ ତାଙ୍କୁ କାବୁ କରି ନେଇଥିଲେ । ତାଙ୍କ ଠାରୁ ଲାଂଚ ଟଙ୍କା ମଧ୍ୟ ଜବତ କରିଥିଲେ। ଉକ୍ତ ଟଙ୍କାରେ କେମିକାଲ ରଙ୍ଗ ଦିଆଯାଇଥିବା ଦୃଷ୍ଟିରୁ ପ୍ରମୋଦ ପଣ୍ଡାଙ୍କର ହାତ ଧୋଇବା ପରେ ହାତରୁ ରଙ୍ଗପାଣି ବାହାରିଥିଲା । ଭିଜିଲାନ୍ସ ପକ୍ଷରୁ ତାଙ୍କର ଅଫିସ ରୁମ୍ ସହ କାଶିପୁରସ୍ଥିତ ତାଙ୍କ ଭଡା ଘର ଓ ଭଦ୍ରକର ଜଗନ୍ନାଥ ପୁର ସ୍ଥିତ ତାଙ୍କର ପୈତୃକ ଘର ଉପରେ ଏକ କାଳୀନ ଚଢଉ ହୋଇଛି । ବାଲେଶ୍ୱର ପି .ଏସ. କେସ ନଂ ୧୭ /୨୦୨୦ ଏକ କେଶ ରେଜିଷ୍ଟର ହୋଇଛି । କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସଦର ବ୍ଲକ ଅନ୍ତର୍ଗତ ବରଦାପାଳ, କାଉଁରିକଳା, ରାଇକଳା ପଚାଂୟତର ଦାୟିତ୍ୱରେ ଥିଲେ ।

# ହତ୍ୟାକାରୀକୁ ଗିରଫ ପାଇଁ ଏସପି ଙ୍କୁ ଭେଟିଲେ ପରିବାର

କେନ୍ଦ୍ରାପଡ଼ା,୨୦।୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଳପାଟଣା ଅଂଚଳରେ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଥିଲା । ଆଳି ଥାନା ଅଧିକାରୀ ୧୦୨/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରୁନଥିବା ନେଇ ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମୀରପାଟଣା ଲକ ରୋଡ ଅଂଚଳରେ ରହୁଥିବା କୈଳାସ ଚନ୍ଦ୍ର ସେଠୀ ତାଙ୍କ ବଡ ଝିଅ କଲ୍ୟାଣୀ ସେଠୀଙ୍କୁ ୨୦୦୮ ମସିହାରେ ଆଳି ଅଂଚଳର ଶିକ୍ଷକ ଭୀମସେନ ସେଠୀଙ୍କୁ ବିବାହ କରିଥିଲେ । ବିବାହ ସମୟରେ ସମସ୍ତ ଜାନି ଯୌତୁକ ଦେଇଥିଲେ । ଗତ କିଛି ବର୍ଷ ପରେ ଅଧିକ ଯୌତୁକ ପାଇଁ ଭୀମସେନ ଯୌତୁକ ନିର୍ଯ୍ୟାତନା ଦେଉ ଥିବାର ଅଭିଯୋଗ ହୋଇ ଆସୁଥିଲା । ଗତ ଜୁନ ୪ ତାରିଖରେ କଲ୍ୟାଣୀ ମୃତ୍ୟୁବରଣ କରିଥିବା ନେଇ ଝିଅର ବାପାଙ୍କୁ ଖବର ଦିଆ ଯାଇଥିଲା । ଶ୍ରୀ ସେଠୀ ଘଟଣାସ୍ଥଳରେ ପହଁଚି ତାଙ୍କ ଝିଅକୁ ମାରି ଦିଆ ଯାଇଥିବାର ଆଳି ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରୁ ନଥିବାରୁ ସେ ଏସପିଙ୍କୁ ଅଭିଯୋଗ କରିଥିଲେ ।

# ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ : କରୋନା ପରୀକ୍ଷଣର ସର୍ବାଧିକ ମୂଲ୍ୟ ସ୍ଥିର କରୁ କେନ୍ଦ୍ର

ନୂଆଦିଲ୍ଲୀ,୨୦।୬ (ନି.ପ୍ର): କରୋନା ପରୀକ୍ଷଣର ସର୍ବାଧିକ ମୂଲ୍ୟ ସ୍ଥିର କରିବାକୁ ଏବଂ ଏହି ରୋଗରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତଦେହକୁ ସମ୍ମାନର ସହ ଡାକ୍ତରଖାନାରେ ରଖିବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟମାନେ ଚାହିଁଲେ କେନ୍ଦ୍ର ଅପେକ୍ଷା କମ୍ ମୂଲ୍ୟ ରଖିପାରିବେ। କୋର୍ଟ କହିଛନ୍ତି ଯେ କରୋନା ରୋଗୀଙ୍କ ୱାର୍ଡରେ ସିସିଟିଭି କ୍ୟାମେରା ଲଗାଯିବା ଉଚିତ। ସେହିପରି ସମସ୍ତ ରାଜ୍ୟରେ ରୋଗୀ ଭର୍ତି ହେବାଏବଂ ଡିସଚାର୍ଜ କରିବାର ସମାନ ନୀତି ରଖିବାକୁ କୋର୍ଟ କହିଛନ୍ତି। ଶୁଣାଣି ସମୟରେ ଦିଲ୍ଲୀ ସରକାର ସୁପ୍ରିମୋଙ୍କୁ ଜଣାଇଛନ୍ତି ଯେ ବର୍ତମାନ କୌଣସି ଡାକ୍ତର ଏବଂ ଡାକ୍ତରଖାନା କର୍ମଚାରୀଙ୍କ ଉପରେ ଏଫଆଇଆର ନାହିଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ମହାରାଷ୍ଟ୍ରର କରୋନା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ କରୋନା ପରୀକ୍ଷା ନକରାଇବାକୁ ଭୁଲ୍ ବୋଲି କହିବା ସହ ମହାରାଷ୍ଟ୍ର ସରକାର ଏହାର ନିଷ୍ପତି ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଦିଲ୍ଲୀରେ କରୋନା ନମୁନା ପରୀକ୍ଷା ହ୍ରାସ ଉପରେ କୋର୍ଟ ପ୍ରଶ୍ନ କରିଛନ୍ତି। ଦିଲ୍ଲୀରେ ବହୁତ କମ୍ ପରୀକ୍ଷା କରାଯାଉଛି । ଅଧିକରୁ ଅଧିକ ପରୀକ୍ଷା ହେବା ଉଚିତ ଯାହା ଦ୍ୱାରା ଲୋକମାନେ ଠିକ୍ ସମୟରେ ସତର୍କତା ଅବଲମ୍ବନ କରିପାରିବେ। ଗଣମାଧ୍ୟମ ରିପୋର୍ଟରୁ ରୋଗୀଙ୍କ ଦୁଃଖ ବିଷୟରେ ଆମେ ସୂଚନା ପାଇଛୁ ବୋଲି କୋର୍ଟ କହିଛନ୍ତି। ସେମାନଙ୍କୁ ଶବ ସହିତ ରହିବାକୁ ପଡୁଛି। ଅମ୍ଳଜାନ ପରି ସୁବିଧା ଉପଲବ୍ଧ ନାହିଁ । ସରକାରୀ ଡାକ୍ତରଖାନାରେ ଶଯ୍ୟା ଖାଲି ଥିବାବେଳେ ଲୋକମାନେ ରୋଗୀଙ୍କୁ ନେଇ ଘୁରି ବୁଲଉଛନ୍ତି। ରୋଗୀର ମୃତ୍ୟୁ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଉ ନାହିଁ। ଅନେକ କ୍ଷେତ୍ରରେ ସେ ଅନ୍ତିମ ସଂସ୍କାରରେ ମଧ୍ୟ ଯୋଗ ଦେଇପାରିନାହାନ୍ତି। କୋର୍ଟ କହିଛନ୍ତି ଯେ ୧୫ ମାର୍ଚ୍ଚରେ କେନ୍ଦ୍ର ଶବ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି। ଏହାକୁ ଅନୁସରଣ କରାଯାଉନାହିଁ। ଦିଲ୍ଲୀ, ମହାରାଷ୍ଟ୍ର, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ଚିକିତ୍ସାର ଅବସ୍ଥା ଅତ୍ୟନ୍ତ ଖରାପ। ଏହି ରାଜ୍ୟଗୁଡିକ ବ୍ୟତୀତ କୋର୍ଟ ଦିଲ୍ଲୀର ଏଲଏନଜେପି ହସ୍ପିଟାଲକୁ ପୃଥକ ନୋଟିସ୍ ଜାରି କରିଛନ୍ତି।

## ଚଳିତ ବର୍ଷ ଏସଟିଏଫ୍ ଜବତ କଲା ୧୨ କେଜିରୁ ଉର୍ଦ୍ଧ୍ୱ ବ୍ରାଉନ ସୁଗାର

ଭୁବନେଶ୍ୱର,୨୦।୬ (ନି.ପ୍ର): ଚଳିତ ବର୍ଷ ଏସଟିଏଫ୍ ୧୨ କେଜିରୁ ଉର୍ଦ୍ଧ୍ୱ ବ୍ରାଉନ ସୁଗାର ଜବତ କରିଛି ବୋଲି ଡିଜିପି ପ୍ରକାଶ କରିଛନ୍ତି । ଅତୀତରେ ଏତେ ପରିମାଣରେ ବ୍ରାଉନସୁଗାର ଜବତ କରାଯାଇନାହିଁ। ରସୁଲଗଡ଼ ଅଂଚଳରୁ ୪ କେଜି ୪୮୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି । ଏ ସମ୍ପର୍କରେ ୩ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ କ୍ୱିକ୍ ଆକ୍ସନ ଟିମ୍ ଏବଂ ଜଟଣୀ ପୋଲିସ ଏହି ବ୍ରାଉନସୁଗାର କାରବାର ଅଭିଯୋଗରେ ଅନ୍ୟ ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୭୦୬ ଗ୍ରାମର ବ୍ରାଉନ ସୁଗାର, ୩ଟି ମୋବାଇଲ, ସ୍କୁଟି, କାର ଜବତ ହୋଇଛି । ଏମାନେ ଜଳେଶ୍ୱରରୁ ଆଣି ରାଜଧାନୀ ଉପକଣ୍ଠସ୍ଥ ବଡ଼ ରଘୁନାଥପୁରଠାରେ ବିକ୍ରି କରୁଥିବା ବେଳେ ଧରା ପଡ଼ିଥିବାର ଜଣାପଡ଼ିଛି ।

## ବିଦ୍ୟୁତ ସଟ୍ ସର୍କିଟ ରୁ ଘରପୋଡି

କେନ୍ଦ୍ରାପଡ଼ା,୨୦।୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଂଚାୟତର ବିଲ ମୁଗବାଡି ଗ୍ରାମରେ ମନୋଜ ପାତ୍ରଙ୍କ ଘରେ ବିଦ୍ୟୁତ ସଟ୍ ସର୍କିଟ୍ ଯୋଗୁଁ ଅଗ୍ନି କାଣ୍ଡ ଘଟି ଘରଟି ତାଙ୍କର ସଂପୂର୍ଣ୍ଣ ପୋଡି ଯାଇଛି । ଘଟଣାଟି ଗତକାଲି ବିଳମ୍ବିତ ରାତିରେ ବିଦ୍ୟୁତ ସଟ୍ ସକ୍ରିଟ୍ ଯୋଗୁଁ ମନୋଜ ଏବଂ ତାଙ୍କ ପରିବାର ଲୋକ ଘର ଭିତରୁ କୌଣସି ଆସବାପତ୍ର ଏବଂ ବର୍ଷକର ଧାନ, ଖାଦ୍ୟଶସ୍ୟ ଇତ୍ୟାଦି ବାହାରକୁ ବାହାର କରି ପାରି ନଥିଲେ ।

# ମୟୁରଭଂଜରେ ମନରେଗା ସହଯୋଗ କେନ୍ଦ୍ର ଉଦ୍‌ଘାଟିତ



ଉଦଳା,୨୦।୬ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଉଦଳାଠାରେ ଆଜି ୧୯ ତାରିଖ ଶୁକ୍ରବାର ଜିଲ୍ଲାସ୍ତରୀୟ ମନରେଗା ସହଯୋଗ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜନଜାଗୃତି ମଂଚର ଉଦଳା ବ୍ଲକ୍ ସଭାପତି ରାଇମଣି ବାସ୍କେ ପ୍ରଦୀପ ପ୍ରଜ୍ୱଳନ ଓ ନାଲି ଫିତା କାଟି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନଜାଗୃତି ମଂଚର ମୟୂରଭଂଜ ଟିମ୍ ଲିଡର ଗଦାଧର ଦାଶ, ସହଯୋଗ କେନ୍ଦ୍ରର ଜିଲ୍ଲା ଦାୟିତ୍ୱରେ ଥିବା ବିର୍ସାବାହିନୀର ସୁବ୍ରତ କୁମାର ମହାନ୍ତି, ଉଦଳା ବ୍ଲକ୍ କୋର୍ଡ଼ିନେଟର ଲାଲ୍ ମୋହନ ବିନ୍ଧାଣୀ, କପ୍ତିପଦା ବ୍ଲକ କୋର୍ଡ଼ିନେଟର ହିରପ୍ରିୟା ଦାସ, ଝୁଂଟା ବ୍ଲକ୍ କୋର୍ଡ଼ିନେଟର ଆରତୀ ଖଣ୍ଡାପାତ୍ର, ଜନସାଥୀ ରୁପାୟ ବାସ୍କେ, ରାମଚନ୍ଦ୍ର ସିଂ, ରବିନ୍ଦ୍ର ଖଣ୍ଡେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଟିମ୍ ଲିଡର ଶ୍ରୀଯୁକ୍ତ ଦାଶ ସହଯୋଗ କେନ୍ଦ୍ରର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ଏହାପରେ ବିର୍ସାବାହିନୀର ଜିଲ୍ଲା ସହଯୋଗ କେନ୍ଦ୍ର ଦାୟିତ୍ୱରେଥିବା ଶ୍ରୀଯୁକ୍ତ ମହାନ୍ତି କିପରି ସମସ୍ତଙ୍କର ସହଯୋଗ ଏଥିପ୍ରତି ଆବଶ୍ୟକ ଏବଂ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ।

# ସାରସକ୍ଷେତ୍ର ଓ ଶୂନ୍ୟମାଧବ କ୍ଷେତ୍ରର ମନ୍ଦିର ବେଢାରେ ହେବ ଶ୍ରୀଗୁଣ୍ଡିଚା ନିତିକାନ୍ତି



ସାରସକଣା ,୨୦।୬ (ନି.ପ୍ର): ମୟୂରଭ ଜିଲ୍ଲାର ପର୍ଶ୍ଚିମବଙ୍ଗ ଓ ଝାଡଖଣ୍ଡ ସୀମାନ୍ତ ସାରସ କ୍ଷେତ୍ର ଓ ଶୂନ୍ୟମାଧବ କ୍ଷେତ୍ରର ଶ୍ରୀ ଜଗନ୍ନାଥଙ୍କ ପୀଠରେ ମନ୍ଦିର ବେଢା ଭିତରେ ଶ୍ରୀଜଗନ୍ନାଥଙ୍କ ନିତିକାନ୍ତି ହେବା ବିଷୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାରସକ୍ଷେତ୍ରରେ ଶୁକ୍ରବାର ଦିନ ଅପରାହ୍ନରେ ଚଳିତ ବର୍ଷ ରଥଯାତ୍ରା ବାତିଲକୁ ନେଇ ମନ୍ଦିର ପରିଚାଳନା ଟ୍ରଷ୍ଟ ଓ ଶ୍ରୀଜଗନ୍ନାଥ ପ୍ରଚାର ସମିତି ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଦେଶର ମାନ୍ୟବର ସର୍ବଚ୍ଚ ଅଦାଲତ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଉପରେ ସଦସ୍ୟ ମାନେ ବ୍ୟାପକ ବିଚାର ଆଲୋଚନା କରି ସମ୍ପ୍ରତି ବିଶ୍ୱରେ କରୋନା ମହାମାରୀ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ନହୋଇ ଦେଉଳ ପରିସର ମଧ୍ୟରେ ମୁହଁରେ ମାସ୍କ ଲଗାଇ ସାମାଜିକ ଦୂରତା ବଜାୟ ରଖି ଦେଉଳର ପୁରୋହିତ ଓ ସେବକ ମାନଙ୍କ ଦ୍ୱାରା ଗୁଣ୍ଡିଚାର ସମସ୍ତ ନିତିକାନ୍ତି ଯଥାବିଧି ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଥିବାର ଜଣାଯାଇଛି । ରଥଯାତ୍ରା କମିଟିର ସଦସ୍ୟ ବାସୁଦେବ ସାହୁ, ପ୍ରଦୀପ କୁମାର ପାଲିତ, ଜଗନ୍ନାଥ ସାହୁ, ଯତୀନ ଚନ୍ଦ୍ର ସାହୁ, ନବକିଶୋର ସେଠୀ, ଅନ୍ତର୍ଯ୍ୟାମୀ ସାହୁ, ନିର୍ମଳ କୁମାର ଦତ, ଦୈତାରୀ ଚନ୍ଦ୍ର ସାହୁ, ରବିନ୍ଦ୍ର କୁମାର ସାହୁ, ଅତୁଳ ଚନ୍ଦ୍ର ଦାସ, ହିମାଂଶୁ ଶେଖର ସାହୁ, ଦୟାନିଧି ସାହୁ, ରବିନ୍ଦ୍ର ନାଥ ଭୋଳ, ସୁନୀଲ କୁମାର ସାହୁ, ରତିକାନ୍ତ ସେଠୀ, ଗାୟକ ପଦ୍ମଲାଭ, ମନୋଜ କୁମାର ଦାଶ, ଦୁର୍ଗାପ୍ରସାଦ ନନ୍ଦି, ଅକ୍ଷୟ କୁମାର କର, ତପନ କୁମାର ଦଣ୍ଡପାଟ, ଆଲୋକ ମିଶ୍ର, ଅତନୁ କର ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ ମନ୍ଦିର ପରିଚାଳନାର ମ୍ୟାନେଜିଂ ଟ୍ରଷ୍ଟି ପଦ୍ମନାଭ ସାହୁ ବୈଠକରେ ପୌରହିତ୍ୟ କରିଥିଲେ । ସେହିପରି ଶିର୍ଷା ସ୍ଥିତ ଶୂନ୍ୟମାଧନ କ୍ଷେତ୍ର ପରିଚାଳନା କମିଟି ଟ୍ରଷ୍ଟର ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ କେବଳ ମନ୍ଦିର ପରିସରରେ ସେବାୟତ ଓ ପୁରୋହିତ ମାନଙ୍କ ଦ୍ୱାରା ମହାପ୍ରଭୁଙ୍କ ସମସ୍ତ ରଥ ଓ ବାହୁଡା ନିତିକାନ୍ତି ସମ୍ପାଦିତ ହେବାର ନିଷ୍ପତି ନିଆଯାଇଥିବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ଫେରାର ଅଭିଯୁକ୍ତଙ୍କ ବିରୁଦ୍ଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କୁ ଭେଟିଲେ ପୀଡ଼ିତା

କୋରେଇ, ୨୦ ଜୁନ୍ (ହି.ସ.) – ଧର୍ମଶାଳା ଥାନା ଅନ୍ତର୍ଗତ କୋତପୁର ଭଗବାନପୁର ଗ୍ରାମର ଦୀନବନ୍ଧୁ ସାମଲଙ୍କ ପୁଅ ଅଶ୍ୱିନୀଙ୍କ ଅଭିଯୋଗ ମୁତାବକ ତାଙ୍କ ବଡ଼ଭାଇ ଅଭିମନ୍ୟୁ ଓ ଭାଉଜ ଶର୍ମିଷ୍ଠା ପୂର୍ବରୁ ଘର ଛାଡ଼ି ଭୁବନେଶ୍ୱରରେ ରହୁଥିବା ବେଳେ ଏବେ ୬ ମାସ ହେବ ଗାଁରେ ରହୁଛନ୍ତି । ବାପା ଓ ମା ଦୁଇଜଣ ଦୁଇ ଭାଇଙ୍କ ପାଖରେ (ବଡ଼ ଭାଇ ପାଖରେ ମା ଓ ସାନଭାଇ ପାଖରେ ବାପା) ରହୁଛନ୍ତି । ହେଲେ ବିପିଏଲ କାର୍ଡ଼ରେ ମିଳିଥିବା ଚାଉଳକୁ ଭାଗ ବଂଟାକୁ କେନ୍ଦ୍ର କରି ବାପା ଓ ମା ମଧ୍ୟରେ ବିବାଦ ଉପୁଜିବାର ବାପାଙ୍କ ମାଡ଼ରେ ମା ଆହତ ହୋଇଥିଲେ । ଏହା ଦେଖି ଅଭିମନ୍ୟୁ ବାପାକୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ । ଘଟଣାସ୍ଥଳରେ ଅଶ୍ୱିନୀ ପହଂଚି ଉଭୟ ବାପା ମାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରି ଘରକୁ ଆଣି ଛାଡ଼ିଥିଲେ । ଘଂଟାଏ ପରେ ଅଶ୍ୱିନୀର ସ୍ତ୍ରୀ ରଶ୍ମିପ୍ରଭା ଶ୍ୱଶୁରଙ୍କୁ ଖାଇବାକୁ ଦେବା ଦେଖି ଅଭିମନ୍ୟୁ ଉତ୍କ୍ଷିପ୍ତ ହେବା ସହ ତାଙ୍କ ସ୍ତ୍ରୀ ଶର୍ମିଷ୍ଠା ରଶ୍ମି ହାତରୁ ଖାଦ୍ୟ ଫୋପାଡ଼ି ଦେଇଥିଲେ । ସ୍ୱାମୀ ସ୍ତ୍ରୀ ଏକ ପନିଖି ଆଣି ରଶ୍ମିକୁ ଆକ୍ରମଣ କରିଥିଲେ । ପ୍ରଥମ ଚୋଟ ସୌଭାଗ୍ୟ ବଶତଃ ମୁଣ୍ଡରେ ନ ବାଜି ପିଠିରେ ବାଜିଥିଲା । ଆହତ ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ରଶ୍ମି ଘରୁ ବାହାରି ଆସିବାରୁ ପୁଣି ଏକ ଚୋଟ ବେକକୁ ଦେଇଥିଲେ । କିଛିମାତ୍ରା ବେକ ହଣାରୁ ତ୍ରୁଟି ରକ୍ଷା କରିଥିଲା । ସେ ସଂଜ୍ଞାହୀନ ହୋଇ ରାସ୍ତା ମଝିରେ ପଡ଼ିଯିବାରୁ ମରି ଯାଇଥିବା ଭାବି ଅଭିଯୁକ୍ତମାନେ ଛାଡ଼ି ଚାଲିଯାଇଥିଲେ । ଖବର ପାଇ ଅଶ୍ୱିନୀ ସେଠାରେ ପହଂଚି ରଶ୍ମିକୁ ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏଭଳି ମରଣାନ୍ତକ ଆକ୍ରମଣ ମାମଲାରେ ପୁଲିସ ହାତବାନ୍ଧି ବସିବା ନେଇ ସନ୍ଦେହ ପ୍ରକଟ କରି ଏସପିଙ୍କୁ ଭେଟିଛନ୍ତି ରଶ୍ମି ଓ ଅଶ୍ୱିନୀ ।

## ରଥ ଗଡିବାକୁ ନେଇ ଆଶା ଆଶଙ୍କା ମଧରେ ବିଶ୍ୱକର୍ମା ମହାରଣା

### ଚତୁର୍ଦ୍ଧାମୂର୍ତିଙ୍କ ଆଗମନକୁ ଚାହିଁ ରହିଛନ୍ତି ରଥର ଅଶ୍ୱ

ପୁରୀ,୨୦।୬ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଅନୁଷ୍ଠିତ ହେବ କି ନାହିଁ ତାହା ଏବେ ମଧ ରହସ୍ୟ ମଧରେ ରହିଛି । ସୁପ୍ରିମକୋର୍ଟଙ୍କ ଆଦେଶର ପୁର୍ନବିଚାର ପାଇଁ ଆବେଦନ କରାଯାଇଛି । ଯାହାକୁ ନେଇ ଏବେ ମଧ ଭକ୍ତ ଓ ସେବାୟତଙ୍କ ମନରେ ରଥ ଯାତ୍ରା ନେଇ ସଂଶୟ ଜାରୀ ରହିଛି । ଅପରପକ୍ଷେ ରଥ ଖଳାରେ ବିଶ୍ୱକର୍ମା ମହାରଣା ମାନେ ରଥ ଗଡ଼ିବାକୁ ନେଇ ସନ୍ଦେହ ରହିଥିଲେ ମଧ ଆଶାଆଶଙ୍କା ମଧରେ ରଥ ନିର୍ମାଣ କାର୍ଯ୍ୟ ଜାରୀ ରଖିଛନ୍ତି । ତିନି ରଥର ଆସ୍ଥାନ ଓ ସିଂହାସନ ଲଗାଯିବା ପରେ ବେଢ଼ା ବାଡ଼ ଫିଟିଙ୍ଗ କରାଯାଇଥିଲା । ଦୁଆର ବେଢ଼ା ଉପରେ କନା ମଣ୍ଡଣି କରାଯାଇଛି । ଏହା ପରେ ରଥ କନା ମଣ୍ଡଣି କରାଯିବ । ପୂର୍ତ ବିଭାଗ ଯନ୍ତ୍ରୀ ମାନେ ରଥର ଫିଟନେସ୍ ସାର୍ଟିଫିକେଟ ଦେବା ପରେ ରଥ ଦକ୍ଷିଣ ମୋଡ଼ ହୋଇ ସିଂହଦ୍ୱାରରେ ଦଣ୍ଡାୟମାନ ହେବ । ଏହାପରେ ବିଶ୍ୱକର୍ମ ମହାରଣାଙ୍କ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବ । ହେଲେ ଧାର୍ମିକ କାର୍ଯ୍ୟ ରଥ ପ୍ରତିଷ୍ଠା ଓ ରଥ ଗଡିବାକୁ ନେଇ ଏବେ ମଧ ସୁପ୍ରିମକୋର୍ଟଙ୍କ ପରବର୍ତି ନିଷ୍ପତିକୁ ଅପେକ୍ଷା କରାଯାଇଛି । ଗୁଣ୍ଡିଚା ମନ୍ଦିରରୁ ତିନିରଥର ୧୨ଟି ଅଶ୍ୱକୁ ଅଣାଯାଇ ରଥଖଳାରେ ରଙ୍ଗ କରାଯାଇଥିଲା । ଅଶ୍ୱମାନେ ପ୍ରଭୁଙ୍କୁ ବୋହିନେବା ପାଇଁ ସଂକଳ୍ପ କରି ଠିଆ ହୋଇଥିବା ଦୃଶ୍ୟମାନ ହୋଇଛି । ଅଶ୍ୱମାନେ ରଙ୍ଗ ହୋଇ ପ୍ରଭୁଙ୍କ ଆଗମନକୁ ଚାହିଁ ରହିଛନ୍ତି । ବିଶ୍ୱକର୍ମା ମହାରଣାମାନେ ମଧ ଘରଦ୍ୱାର ଛାଡି ଭକ୍ତ ନିବାସରେ ରହି ପ୍ରତିଦିନ ଥର୍ମାଲସ୍କ୍ରିନିଂ ହୋଇ ଏତେ ସୁନ୍ଦର ରଥ ନିର୍ମାଣ କରିବାରେ ସଫଳ ହୋଇଛନ୍ତି । ସେହିପରି ଓଡ଼ିଶା ସମବାୟ କତା ନିଗମରୁ ଗତ ୪ ତାରିଖରେ ଶ୍ରୀକ୍ଷେତ୍ରରେ ପହଂଚିଥିଲା ୨୦ ଟି ଦଉଡ଼ି । ଯାହାକି ରଥଯାତ୍ରାରେ ରଥଟଣା କାର୍ଯ୍ୟରେ ବ୍ୟବହୃତ ହେବ । ଏହି ୨୦ଟି ଦଉଡ଼ି ମଧରେ ୧୪ଟି ରଥ ଟଣା ପାଇଁ ଏବଂ ଅନ୍ୟ ୬ଟି କର୍ଦ୍ଦନ ଦଉଡ଼ି ଭାବେ ବ୍ୟବହୃତ ହେବା ନେଇ ସୂଚନା ମିଳିଛି ।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା : ଘଟଣା ରହସ୍ୟ ଘେରରେ

ଭଦ୍ରକ,୨୦।୬ (ନି.ପ୍ର): ଏହି ଜିଲାର ବନ୍ତ ବ୍ଲକ୍‌ର ଦେବତାଗଡିଆ ଗ୍ରାମରେ ଜନୈକ ବିଧବା ମହିଳା ଆଜି ରଶି ଲଗାଇ ଆତ୍ମହତ୍ୟା କରିଥିବା ଭଳି ଅଭାବନୀୟ ଘଟଣା ଘଟିଛି । ଘଟଣାରୁ ପ୍ରକାଶ, ଟିଲୋ ପଂଚାୟତର ଦେବତାଗଡିଆ ଗ୍ରାମର ରାମମନ୍ଦିର ନିକଟସ୍ଥ ଲକ୍ଷ୍ମୀଧର ସାହୁଙ୍କ ବୋହୂ ସ୍ୱପ୍ନାରାଣୀ ସାହୁ (୩୩) ରଶି ଲଗାଇ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି । ଘଟଣା ଅନୁଯାୟୀ ମୃତକଙ୍କ ୯ମ ଓ ୧୦ ଶ୍ରେଣୀରେ ପଢୁଥିବା ୨ ଝିଅ ଦୀର୍ଘ ସମୟ ଧରି ମା'ଙ୍କୁ ଖୋଜି ନପାଇବାରୁ ବ୍ୟସ୍ତ ହୋଇ ଗ୍ରାମର ସାହିପଡିଶା ଘର ଖୋଜିବା ସହିତ ନିଜର ଏକ ପୁରୁଣା ଆଜବେଷ୍ଟସ୍ ଘରେ ଅପରାହ୍ନ ପ୍ରାୟଃ ୪ଟାବେଳେ ରଶିରେ ଝୁଲୁଥିବା ଅବସ୍ଥାରେ ଦେଖି କାନ୍ଦ ବୋବାଳି ଆରମ୍ଭ କରିବା ସହିତ କାଳେ ବଂଚିଯିବ ଭାବି ଭାଇ ଘରିଆ ଲୋକଙ୍କ ସାହାଯ୍ୟରେ ରଶିରୁ କାଟି ତଳକୁ ଆଣିଥିଲେ ମଧ ସେ ଆଉ ଜୀବନରେ ନଥିଲେ । ପରେ ପରିବାର ଲୋକ ଜାଣିବା ସଂଗେ ସଂଗେ ସାହିପଡିଶା ଓ ଗ୍ରାମବାସୀ ଭିଡ ଜମାଇଥିଲେ ମଧ ଭିତରକୁ କାହାରିକୁ ଛାଡିନଥିଲେ । ବିଶେଷସୂତ୍ରରୁ ଖବର ପାଇ ବନ୍ତ ଥାନାଧିକାରିଣୀ ମୀନା ବିନ୍ଧାଣି ଓ ଷ୍ଟାଫ୍ ଯାଇ ଘଟଣା ସ୍ଥଳରେ ପହ୍‌ଂ ଶବକୁ ଜବତ କରି ରାତି ହୋଇଯିବା ହେତୁ ଗ୍ରାମବାସୀଙ୍କ ହେପାଜତରେ ରଖିବା ସହିତ ସକାଳେ ପୋଷ୍ଟମର୍ଟମ୍ ପାଇଁ ପଠାଯିବାର ବନ୍ଦୋବସ୍ତ କରାଯିବା ଏବଂ ଏ ସଂପର୍କରେ ତୁରନ୍ତ ଥାନାରେ ଅଭିଯୋଗ ଦାଖଲ କରିବାକୁ କହିବା ସହିତ ଗ୍ରାମବାସୀ ଓ ଘରଲୋକଙ୍କୁ ପଚରା ଉଚରା କରିଥିଲେ । ପୁଲିସ୍ ପହ୍‌ଂବାର କିଛି ସମୟ ପୂର୍ବରୁ ମୃତକର ପରିବାର ବର୍ଗ ସୁକିନ୍ଦାରୁ ଆସି ତାଙ୍କ ଝିଅକୁ ମାରି ଦିଆଯାଇଛି ବୋଲି ମୌଖିକ ଅଭିଯୋଗ କରିଥିବାବେଳେ ଗ୍ରାମରେ ଉତ୍ତେଜନା ଲାଗି ରହିଛି । ପ୍ରକାଶ ଥାଉକି ପ୍ରାୟଃ ୭ ବର୍ଷ ତଳେ ମୃତକଙ୍କ ସ୍ୱାମୀ ଧନେଶ୍ୱର ସାହୁ ମଧ ଗ୍ରାମ ନିକଟରେ ଥିବା ପରଦେଶୀ ଗଡିଆ ନିକଟରେ ଏକ ଜାମୁ ଗଛରେ ରଶି ଦେଇ ଆତ୍ମହତ୍ୟା କରିଥିବାର ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ଏପରି ଏକ ଅଭାବନୀୟ ଘଟଣା ସଂପୃକ୍ତ ଅଂଚଳରେ ଶୋକର ଛାୟା ଖେଳାଇବା ସହିତ ଚର୍ଚ୍ଚାରେ ରହିଛି । ମୃତକର ବାପଘର ତରଫରୁ ଝିଅକୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦିଆଯାଉଥିଲା ଏବଂ ଆଗରୁ ଅନେକ ଥର ଭଦ୍ରଲୋକ ଡକାଇ ସମାଧାନ କରାଯାଇଥିଲେ ମଧ କିଛି ପରିବର୍ତ୍ତନ ହୋଇନାହିଁ । ଶେଷରେ ଜୀବନରେ ମାରି ଦିଆଯାଇଥିବାର ଅଭିଯୋଗ କରିଥିବାବେଳେ ୨ ଝିଅ ମଧ ୨/୩ ଦିନ ତଳେ ଶ୍ୱଶୁର ଓ ବୋହୂ ମଧରେ ଝଗଡା ହୋଇଥିବାର କହୁଥିବାବେଳେ ଏହି ଆତ୍ମହତ୍ୟା ଘଟଣା ରହସ୍ୟ ମଧକୁ ଟାଣି ହୋଇଆସୁଛି ।

## କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନ,୨୦।୬ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ଓଡିଶ ଗ୍ରାମ ନିକଟସ୍ଥ ବେଲପାଳ କାଜୁ ଜଙ୍ଗଲରୁ ଜଣେ ଯୁବକ ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି ।ଏ ସଂପର୍କରେ ଭୁବନ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଁଚି ଶବ ଜବତ କରି ତଦନ୍ତ ଚଳାଇଛି । ମୃତ ଯୁବକ ଙ୍କ ନାମ ଶିବ ପାତ୍ର (୨୬) ଓ ତାଙ୍କ ଘର କଙ୍କଡାହାଡ ଥାନା ରାଇବୋଲ ପଂଚାୟତର କଙ୍କଣା ମହିଧରପୁର । ମୃତ ଯୁବକ ଜଣକ ଓଡିଶ ଗ୍ରାମର ଜନୈକା ଯୁବତୀ ଙ୍କୁ ପ୍ରେମ କରୁଥିଲେ । ତେବେ ପ୍ରେମରେ ବିଫଳ ହୋଇ ସେ ଆତ୍ମହତ୍ୟା କରିଛନ୍ତି ନା ପ୍ରେମିକା ଙ୍କ ପରିବାର ତରଫରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି । ଏ ନେଇ ଭିନ୍ନଭିନ୍ନ ଆଲୋଚନା ହେଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

## ବାଲେଶ୍ୱରରେ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ



ବାଲେଶ୍ୱର,୨୦।୬ (ନି.ପ୍ର): ସେବା ଓ ତ୍ୟାଗର ପ୍ରତୀକ ତଥା ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପବିତ୍ର ଶ୍ରାଦ୍ଧ ଦିବସ ବାଲେଶ୍ୱରରେ ଆଜି ପାଳିତ ହୋଇଯାଇଛି । ବାଲେଶ୍ୱର ସଂସ୍କରଣ ପକ୍ଷରୁ ଷ୍ଟେସନ ଛକ କାର୍ଯ୍ୟାଳୟରେ ସକାଳ ୭ଟାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶାଖା ପରିଚାଳକ ମଧୁସୂଦନ ଦାସ, ବ୍ୟୁରୋ ଇନଚାର୍ଜ କୁଳମଣି ବାରିକ, ଡେସ୍କ ଇନଚାର୍ଜ ଶଶୀରଞ୍ଜନ ମଲ୍ଲିକ, ଜିଲ୍ଲା ପ୍ରତିନିଧି ରତିକାନ୍ତ ପାଢ଼ୀଙ୍କ ସହ ଅନ୍ୟମାନେ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ । ପରେ ଗୋପବନ୍ଧୁ ପାର୍କରେ ଥିବା ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ବିଜେଡ଼ି ଏସସି ସେଲର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶେଷରେ ଖାନନଗରରେ ଥିବା ପ୍ରିଣ୍ଟିଂ ପ୍ରେସରେ ଥିବା ଆବକ୍ଷ ପ୍ରତିମୂର୍ତ୍ତିରେ ସମସ୍ତ କର୍ମଚାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳମଣିଙ୍କ ଜୀବନାଦର୍ଶ ଓ ଓଡ଼ିଆ ଜାତି ପାଇଁ ତାଙ୍କର ଅବଦାନ ସମ୍ପର୍କରେ ସମସ୍ତେ ସ୍ମୃତିଚାରଣ କରିଥିଲେ । ସଟ୍ ଡାଉନ୍ ମଧ୍ୟରେ ସାମାଜିକ ଦୂରତା ରକ୍ଷା ସହ ବାଲେଶ୍ୱରରେ ଆଜି ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା ।

## ଭୁବନ ଜଗନ୍ନାଥ ମନ୍ଦିରରେ ନେତ୍ରୋତ୍ସବ

ଭୁବନ,୨୦।୬ (ନି.ପ୍ର): ଭୁବନର ତୃତୀୟାଜୀୟୁ ଜଗନ୍ନାଥ ମନ୍ଦିର ଓ ତିନି ରଥରେ ଆଜି ନେତ୍ରୋତ୍ସବ ପାଳିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶୁଭେନ୍ଦୁ ସାହୁ ଓ ସ୍ୱଳ୍ପ ସଂଖ୍ୟକ କର୍ମକର୍ତାଙ୍କ ଉପସ୍ଥିତିରେ ନିରାଡମ୍ବର ଭାବେ ସେବାୟତ ମାନେ ମନ୍ଦିରରେ ନେତ୍ରୋତ୍ସବ କରିଥିଲେ । ଆସନ୍ତାକାଲି ଗ୍ରହଣ ଶେଷ ପରେ ମହାପ୍ରଭୁ ଙ୍କର ନବଜୌବନ ବେଶ ଅନୁଷ୍ଠିତ ହେବ । ରଥ ନିର୍ମାଣ ସରିଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ରଥଯାତ୍ରା ଉପରେ ଅଙ୍କୁଶ ଲଗାଇଥିବା ଯୋଗୁ ଜଗନ୍ନାଥ ପ୍ରେମୀ ମାନେ ହତାଶ ହୋଇପଡିଛନ୍ତି । ଆସନ୍ତା ୨୨ ତାରିଖ ସୋମବାର ଦିନ ସର୍ବୋଚ୍ଚ ନ୍ୟାୟାଳୟ ଯଦି ତାଙ୍କ ରାୟର ପୁନଃବିଚାର କରି ଶଂଶୋଧିତ ରାୟ ପ୍ରଦାନ କରନ୍ତି ତାହେଲେ ରଥଯାତ୍ରା ହେବ ନଚେତ ବିକଳ୍ପ ବ୍ୟବସ୍ଥାରେ ମନ୍ଦିର ପରିସର ମଧରେ ବିଧିରକ୍ଷା ପୂର୍ବକ ନୀତିକାନ୍ତି କରାଯାଇ ରୀତିନୀତି ଅନୁଯାୟୀ ବିନା ଭକ୍ତରେ ରଥଯାତ୍ରା ହେବ ବୋଲି ସୂଚନା ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗରିବ କଲ୍ୟାଣ ରୋଜଗାର....

୫୦ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ଗ୍ରାମାଂଚଳରେ କାମ ଯୋଗାଇଦେବା ପାଇଁ ୨୫ ପ୍ରକାରର କାର୍ଯ୍ୟ କରାଯିବା ଲାଗି ଚିହ୍ନଟ କରାଯାଇଛି । ଚିହ୍ନଟ କରାଯାଇଥିବା କାର୍ଯ୍ୟ ପ୍ରଣାଳିଗୁଡିକ ମଧରେ ଗ୍ରାମାଂଚଳରେ ଗରିବମାନଙ୍କୁ ଗୃହ ଯୋଗାଣ, ବୃକ୍ଷ ରୋପଣ, ଜଳ ଜୀବନ ମିଶନ ଅଧୀନରେ ପାନୀୟ ଜଳ ସୁବିଧା, ପଂଚାୟତ ଭବନ, ଗୋଷ୍ଠୀ ଶୌଚାଳୟ, ଗ୍ରାମାଂଚଳ ହାଟ, ଗ୍ରାମ ସଡକ, ଗୋରୁ ଗୁହାଳ, ଅଙ୍ଗନୱାଡି କେନ୍ଦ୍ର ଇତ୍ୟାଦି ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ଅଭିଯାନ ଗ୍ରାମାଂଚଳରେ ଆଧୁନିକ ସୁବିଧା ସୁଯୋଗ ମଧ ଯୋଗାଇଦେବ । ପ୍ରତ୍ୟେକ ଘରକୁ ଦ୍ରୁତ ଗତି ଯୁକ୍ତ ଇଂଟରନେଟ ଯୋଗାଇ ଦେବା ଯୋଗୁଁ ଏହା ଯୁବକ, ଯୁବତୀ ଓ ପିଲାମାନଙ୍କୁ ସହାୟକ ହେବ । ପ୍ରଥମଥର ପାଇଁ ଗ୍ରାମାଞ୍ଚଳ ସହରାଞ୍ଚଳ ତୁଳନାରେ ଅଧିକ ଇଣ୍ଟରନେଟ ବ୍ୟବହାର କରୁଛି ବୋଲି ସେ କହିଥିଲେ । ସେ ଦୃଷ୍ଟିରୁ ଫାଇବର କେବୁଲ ବିଛାଯାଇ ଇଣ୍ଟରନେଟ ସଂଯୋଗ ଦେବା ଏହି ଅଭିଯାନର ଏକ ଅଂଶବିଶେଷ ହେବ ବୋଲି ସେ କହିଛନ୍ତି । ନିଜ ଗ୍ରାମ ଓ ପରିବାର ସହିତ ରହି ପ୍ରବାସୀ ଶ୍ରମିକମାନେ ଏହି କାର୍ଯ୍ୟ କରିବେ । ଆତ୍ମନିର୍ଭର ଭାରତ ପାଇଁ ଆତ୍ମନିର୍ଭର କୃଷକଙ୍କର ମଧ ଆବଶ୍ୟକତା ରହିଛି । ସରକାର ନେଇଥିବା କେତେକ ବ୍ୟବସ୍ଥା ଯୋଗୁଁ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡିକୁ ଦେଶର ଯେକୌଣସି ସ୍ଥାନରେ ଏବଂ ବ୍ୟବସାୟୀ ମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ କରି ବିକ୍ରି କରି ଅଧିକ ଲାଭବାନ ହୋଇପାରିବେ । ଚାଷୀମାନେ ବଜାର ସହିତ ଯେପରି ପ୍ରତ୍ୟକ୍ଷ ଯୋଗାଯୋଗରେ ରହିବେ ସେଥିପାଇଁ ସରକାର ୧ ଲକ୍ଷ କୋଟି ପୁଞ୍ଜି ବିନିଯୋଗ କରି ଶୀତଳ ଭଣ୍ଡାର ଇତ୍ୟାଦିର ବ୍ୟବସ୍ଥା କରିଛନ୍ତି । ୧୨୫ ଦିନିଆ ଏହି ଅଭିଯାନ ମିଶନ ମୋଡରେ ଚାଲିବ ଓ ୧୧୬ଟି ଜିଲ୍ଲାରେ ପ୍ରବାସୀ ଶ୍ରମିକମାନେ ୨୫ଟି ବିଭିନ୍ନ ପ୍ରକାର କାର୍ଯ୍ୟରେ ନିୟୋଜିତ ହେବେ । ସର୍ବାଧିକ ପ୍ରବାସୀ ଶ୍ରମିକ ଥିବା ଏହି ୬ଟି ରାଜ୍ୟ ହେଲା – ବିହାର, ଉତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଝାଡଖଣ୍ଡ ଏବଂ ଓଡିଶା । ଏହି ଅଭିଯାନ କାଳରେ ହେଉଥିବା କାର୍ଯ୍ୟ ପାଇଁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଅଭିଯାନରେ ୧୨ଟି ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ସଂଶ୍ଳିଷ୍ଟ ରହିବେ । ବିଭାଗଗୁଡିକ ହେଲା ଗ୍ରାମାଂଚଳ ବିକାଶ, ପଂଚାୟତିରାଜ, ସଡକ ପରିବହନ ଓ ରାଜମାର୍ଗ, ଖଣି, ପାନୀୟ ଜଳ ଓ ପରିମଳ, ପରିବେଶ, ରେଳବାଇ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ, ନୂତନ ଓ ଅକ୍ଷୟ ଶକ୍ତି, ସୀମା ସଡକ, ଦୂରସଂଚାର ଏବଂ କୃଷି । ଏହି ଅଭିଯାନର ମୂଳ ଲକ୍ଷ୍ୟଗୁଡିକ ହେଲା – ଫେରିଥିବା ପ୍ରବାସୀମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇବା, ଗ୍ରାମଗୁଡିକୁ ରାସ୍ତା, ଘର, ଅଙ୍ଗନୱାଡି, ପଂଚାୟତ ଭବନ, ଗୋଷ୍ଠୀ କେନ୍ଦ୍ର ଭଳି ବିଭିନ୍ନ ଭିତିଭୂମି ଯୋଗାଇ ରୋଜଗାର ସୁଯୋଗ ସୃଷ୍ଟି କରିବା , ବିଭିନ୍ନ ପ୍ରକାରର କାର୍ଯ୍ୟ ଯୋଗୁଁ ପ୍ରତ୍ୟେକ ପ୍ରବାସୀ ଶ୍ରମିକ ଆସନ୍ତା ୧୨୫ ଦିନ ପାଇଁ ନିଜର କୌଶଳ ମୁତାବକ ରୋଜଗାର ସୁଯୋଗ ପାଇପାରିବ । ଏହି କାର୍ଯ୍ୟକ୍ରମ ଦୀର୍ଘକାଳୀନ ଭିତିରେ ଜୀବିକା ବିକାଶର ରାସ୍ତା ଖୋଲିବ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଭିଯାନର ମୁଖ୍ୟ ମନ୍ତ୍ରଣାଳୟ ହୋଇଥିବା ବେଳେ କାର୍ଯ୍ୟକ୍ରମଗୁଡିକ ରାଜ୍ୟ ସରକାରମାନଙ୍କ ଉତମ ସମନ୍ୱୟ ବଳରେ ତ୍ୱରାନ୍ୱିତ ହେବ । ଜଣେ ଯୁଗ୍ମ ସଚିବ ଭଳି ଉଚ୍ଚ ପଦାଧିକାରୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ନଜର ରଖିବେ ।

### ଆଜି ସୂର୍ଯ୍ୟ ...

ପାକତ୍ୟାଗ ତଥା ଅନ୍ନଭୋଜନ ଏବଂ ଦେବନୀତି ନିଷେଧ ରହିବ । ଏହି ସୂର୍ଯ୍ୟ ପରାଗ ଦର୍ଶନ ମେଷ, ବୃଷ, ସିଂହ, ମକର, କୁମ୍ଭ ଓ ମୀନ ରାଶିଙ୍କ ପାଇଁ ଶୁଭଙ୍କର ହେବ ବୋଲି ଜ୍ୟୋତିର୍ବିଦ୍ ମତ ଦେଇଛନ୍ତି । ଅପରପକ୍ଷରେ ଖାଲି ଆଖିରେ ସୂର୍ଯ୍ୟ ପରାଗ ଦେଖିବାକୁ ବାରଣ କରାଯାଇଛି । ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି ଯେ ଦେଶର ଦକ୍ଷିଣ ଆଡକୁ ଏହି ସୂର୍ଯ୍ୟ ପରାଗ କମ୍ ଦୃଶ୍ୟମାନ ହେବ । ଓଡିଶାର ମୟୁରଭଂଜରେ ୭୨ ପ୍ରତିଶତ ପରାଗ ଦେଖାଯିବାକୁ ଥିବା ବେଳେ ମାଲକାନଗିରିରେ ଏହା ୬୦ ପ୍ରତିଶତ ଦେଖାଦେବ । ସେ ଆହୁରି କହିଛନ୍ତି ଯେ ଉପଯୁକ୍ତ ସାବଧାନତା ଅବଲମ୍ବନ କରି ଏହି ବିରଳ ଦୃଶ୍ୟଗୁଡ଼ିକ ଉପଭୋଗ କରିହେବ । ସୌର ଚଷମା, ୧୪ ନମ୍ବର ୱେଲଡିଂ କାଚ, ପିନକଣା ପ୍ରକ୍ଷେପଣ ଓ ଦର୍ପଣ ମାଧମରେ ପ୍ରତିଫଳନ କରି ପରାଗ ଦେଖିପାରିବେ ।

### ସରକାର ଡରିକି ....

ବାସ୍ତବରେ ରଥଯାତ୍ରା ହେଲେ ମଧ ଲୋକ ଆସିବେ ନାହିଁ ତାର ମୁଖ୍ୟ କାରଣ ହେଉଛି କରୋନା ମହାମାରୀ କଟକଣାକୁ ସ୍ୱତଃପ୍ରବୃତ ଭାବେ ଜନସାଧାରଣ ମାନି ନେଇଛନ୍ତି । ଏହାର ବଳିଷ୍ଠ ଉଦାହରଣ ହେଉଛି ବସ ଓ ଟ୍ରେନରେ କଟକଣା କୋହଳ ହେବା ସତ୍ତ୍ୱେ ଲୋକଙ୍କ ଯାତାୟତ ସାଧାରଣ ଭାବେ ହେଉନାହିଁ । ସର୍ବସାଧାରଣ ସ୍ଥାନରେ ଲୋକ ଏକାଠି ହେଉନାହାଁନ୍ତି । ଯଦି ସ୍ନାନ ପୂର୍ଣ୍ଣିମାକୁ ଅତି ଶୃଙ୍ଖଳାର ସହିତ ସରକାର କରାଇପାରିଲେ ସେହି ପରି ସାରା ଓଡ଼ିଶାକୁ ସଟ୍‌ଡାଉନ ଘୋଷଣା କରି ଭକ୍ତ ଶୂନ୍ୟରେ ପୋଲିସ୍ ଆଉ ସେବାୟତଙ୍କୁ ନିୟୋଜିତ କରି ରଥଯାତ୍ରା କରାଇପାରିଲେ ତେବେ କଳାପାହାଡ଼ର କଳାନାମା ଇତିହାସରେ ଲେଖା ହୁଅନ୍ତା ନାହିଁ କି ଯେଉଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର କଥା କହୁଛନ୍ତି ସେ କଥା ବା ଇତିହାସ ସମାପ୍ତ ହୁଅନ୍ତା ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ।

### ଗଲୱାନ ଘାଟି : ୭୨ ....

ନଦୀ ଉପରେ ଯିବା ଆସିବା ପାଇଁ ସେନା ଗାଡ଼ି ସହିତ ସବୁ ପ୍ରକାର ସୈନ୍ୟ ଗାଡ଼ି ଦ୍ରୁତ ଗତିରେ ଯିବା ଆସିବା କରିପାରିବ । ସେହିପରି ମଂଗଳବାର ଦିନ ଚୀନର ସୈନ୍ୟ ଅଧିକାରୀଙ୍କ ସହିତ ବାର୍ତା ଚାଲିଥିବା ବେଳେ ଅନ୍ୟ ପଟରେ ଏହି ପୋଲର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ସେନା ଇଂଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଚୀନର ବିରୋଧ ସତ୍ତ୍ୱେ ସେନା ଇଂଜିନିୟର ପୋଲର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଦିନ ରାତି କଠିନ ପରିଶ୍ରମ କରିଥିଲେ । ସେନା ଇଂଜିନିୟର ମଙ୍ଗଳବାର ଓ ବୁଧବାର ରାତିରେ ମଧ କାର୍ଯ୍ୟ ଜାରି ରଖି ୭୨ ଘଂଟା ଭିତରେ ଗୁରୁବାର ଦିନ ବେଲି ବ୍ରିଜ ଶେଷ କରିଥିଲେ ଏବଂ ସେନା ୨ ଘଂଟା ପର୍ଯ୍ୟନ୍ତ ଏହି ପୋଲି ଉପରେ ଗାଡ଼ି ଚଲାଇ ପରୀକ୍ଷା ବି କରିଥିଲେ । ଏହି ପୋଲ ହେବା ଦ୍ୱାରା ଭାରତୀୟ ସେନା ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲଏସି) ରେ ପହଂଚିବା ପାଇଁ ବହୁତ ସୁବିଧା ହୋଇଗଲା । ଚୀନ ସହିତ ଚାଲିଥିବା ଉତେଜନାକୁ ଦେଖି ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଇଂଜିନିୟର ମାନଙ୍କୁ ସୁରକ୍ଷା ଦେବା ପାଇଁ ସେନାର ଇଂନଫ୍ରେନଟ୍ରି ୟୁନିଟକୁ ନିର୍ଦ୍ଦେଶ ଦିଆଯାଇଥିଲା । ମୋଟ ଉପରେ ଦୁଇଟି ମୌଳିକ ଭିତିଭୂମି ଭିତରୁ ଗୋଟିଏ ସମ୍ପୂର୍ଣ୍ଣ ହେଲା । ଗଲୱାନ ଘାଟି ରେ ଏହି ପୋଲ ଦ୍ୱାରା ସେନା ପହଂଚିବାରେ ସହଜ ହେଲା ଏବଂ ଚୀନ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସୁବଧା ହେଲା । ଭାରତର ଦ୍ୱିତୀୟ ନିଶାନ ସୋକ ନଦୀର ପୂର୍ବ ତଟରେ ଡିଏସଡିବିଓ ରାସ୍ତା ଯାହା ଭାରତକୁ କେବଳ ଗଲୱାନ ଘାଟି ପର୍ଯ୍ୟନ୍ତ ନୁହେଁ ଯାହା ପୁରା ଉତର କ୍ଷେତ୍ରରେ ପହଂଚିବା ପାଇଁ ସୁବିଧା ହୋଇଯିବ ।

### ଦେଶ ଆତ୍ମନିର୍ଭର ଭାରତ....

୫୦,୦୦୦ କୋଟି ଟଙ୍କା ମୂଲ୍ୟର ଏକ କଲ୍ୟାଣକାରୀ ନିଯୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୬ ଟି ରାଜ୍ୟର ୧୧୬ ଟି ଜିଲ୍ଲାର ଗ୍ରାମ ସାମିଲ ହେବ । ଗୃହମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଲୋକମାନେ ଚାକିରୀ ଖୋଜିବା ପାଇଁ ସହରକୁ ଯାଉଥିଲେ, କିନ୍ତୁ ବର୍ତମାନ 'ଗରିବ କଲ୍ୟାଣ ରୋଜଗାର ଅଭିଯାନ୍' ମାଧମରେ ସେମାନଙ୍କୁ ସେମାନଙ୍କ ଦକ୍ଷତା ଆଧାରରେ ଘର ନିକଟରେ ଚାକିରୀ ଯୋଗାଇ ଦିଆଯିବ । ସେମାନଙ୍କର ପ୍ରତିଭା ଗ୍ରାମୀଣ କ୍ଷେତ୍ରର ବିକାଶରେ ବ୍ୟବହୃତ ହେବ, ଯାହା ଗ୍ରାମୀଣ ଅର୍ଥନୀତିକୁ ଅଧିକ ଶକ୍ତି ଦେବ । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ସରକାର ଗ୍ରାମଗୁଡିକର ବିକାଶ, ପ୍ରବାସୀ ଶ୍ରମିକ ଏବଂ ଗରିବଙ୍କ ଜୀବିକା ତଥା ଆତ୍ମ ସମ୍ମାନ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ।

### ଆଉ ୧୭୯ କରୋନା....

ଅନୁସାରେ ଗଂଜାମ ଜିଲ୍ଲାରୁ ଆଜି ସବୁଠାରୁ ଅଧିକ ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଖୋର୍ଧା ଜିଲ୍ଲାରୁ ୨୭ ଜଣ ଓ କେନ୍ଦୁଝର ଜିଲ୍ଲାରୁ ୧୮ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି । କଟକ ଜିଲ୍ଲାରୁ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୁରଭଂଜ ଜିଲ୍ଲାରୁ ୧୦ ଜଣ ନୂଆ ଆକ୍ରନ୍ତ ଚିହ୍ନଟ ହୋଇଛନ୍ତି । ଅନୁଗୁଳ ଜିଲ୍ଲାରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ, ରାୟଗଡା ଓ କେନ୍ଦ୍ରାପଡାରୁ ୫- ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪ ଜଣ , ଯାଜପୁର ଜିଲ୍ଲାରୁ ୩ ଜଣ, ବରଗଡ ଓ ମାଲକାନଗିରିରୁ ୨-୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ନବରଙ୍ଗପୁର ଓ ଦେବଗଡରୁ ଜଣେ – ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପର୍ଶ୍ଚିମ ବଙ୍ଗର ଅମ୍ପାନ ଡ୍ୟୁଟିରୁ ଫେରିଥିବା ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ୧୮ ଜଣ ଜବାନ କରୋନା ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## କରୋନା ମୁକାବିଲା : ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ସୂଚନାରେ ତାଳମେଳ ରହୁନାହିଁ

ବାରିପଦା,୨୦।୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ଼-୧୯ ସମ୍ପର୍କିତ ସୂଚନା ସାମାଜିକ ଗଣମାଧମ ଯଥା ହ୍ୱାଟ୍ସ ଆପ୍ସ, ଟୁଇଟର ଆଦିରେ ଅନ୍ୟ ଜିଲ୍ଲାମାନଙ୍କ ଠାରୁ ବିଳମ୍ବରେ ପ୍ରଦାନ କରାଯାଉଥିବା ବେଳେ ଦିଆଯାଉଥିବା ତଥ୍ୟରେ ତାଳମେଳର ଅଭାବ ପରିଲକ୍ଷିତ ହୋଇଛି । ଯାହାକୁ ନେଇ ପ୍ରଶାସନ ଉପରକୁ ଉଠିଛି ଅଙ୍ଗୁଳି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଟୁଇଟରରେ ଗତ ଜୁନ ୧୮ ତାରିଖ କରୋନା ସମ୍ପର୍କିତ ଜାରି କରାଯାଇଥିବା ସୂଚନା ଆଧାରରେ ଉକ୍ତ ଦିନ ଜିଲ୍ଲାରେ କୌଣସି ପଜିଟିଭ କେଶ ଆସି ନାହିଁ । ଏଥି ସହିତ ୧୮ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ପଜିଟିଭ ସଂଖ୍ୟା ୧୨୬ ରହିଥିବା ବେଳେ ୨୪ ଘଂଟା ମଧରେ କୋଭିଡ଼ ହସପିଟାଲରୁ ୯ ଜଣ ସୁସ୍ଥହୋଇ ଫେରିଛନ୍ତି ଏବଂ ୧୮ ତାରିଖ ସୁଦ୍ଧା ଜିଲ୍ଲାରେ କୋଭିଡ଼ ହସପିଟାଲରୁ ମୋଟ ୮୨ ଜଣ ସୁସ୍ଥ ହୋଇଥିବା ବେଳେ ସକ୍ରିୟା କେଶ ୪୩ ରହିଛନ୍ତି । ତେବେ ଜିଲ୍ଲାରେ ମୋଟ ୧୨୬ ପଜିଟିଭ କେଶ ଚିହ୍ନଟ ହୋଇଛନ୍ତି । ସୁସ୍ଥ ସଂଖ୍ୟା ୮୨ ଓ ସକ୍ରିୟ ସଂଖ୍ୟା ୪୩ କୁ ମିଶାଇଲେ ୧୨୫ ହେଉଥିବା ବେଳେ ଅବଶିଷ୍ଟ ୧କୁ ନେଇ ଉଠିଛି ଅଙ୍ଗୁଳି । ଏଥି ସହିତ ସ୍ୱଚ୍ଛତା ଧ୍ରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି ।

# ଷ୍ଟେସନ ଅଂଚଳ ସାନିଟାଇଜ୍ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୦।୬ (ନି.ପ୍ର): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶନାମା ଅନୁସାରେ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ରେଳବାଇ ଅଂଚଳ ବିଶେଷ ଭାବେ ଷ୍ଟେସନ ଅଂଚଳ ମାନଙ୍କରେ ସ୍ୱଚ୍ଛତା ପ୍ରୋଟୋକଲ ପାଇଁ ବିସ୍ତୃତ ପଦକ୍ଷେପ ହାତକୁ ନେଇଛି ଯାହାଦ୍ୱାରା ପରିମଳ, ସ୍ୱଚ୍ଛତା ଓ ବିଶୁଦ୍ଧିକରଣ କରାଯାଉଛି। କୋଭିଡ-୧୯ ରୋଗର ବିସ୍ତାରକୁ ପ୍ରତିବନ୍ଧ କରିବା ପାଇଁ ପୂର୍ବତଟ ରେଳପଥ ଏହାର ବିଭିନ୍ନ ଷ୍ଟେସନ ଅଂଚଳ, ଟ୍ରେନ ଓ ଷ୍ଟେସନର ଚଳପ୍ରଚଳ ପାଇଁ ଉଦ୍ଦିଷ୍ଟ ବିସ୍ତୃତ ଅଂଚଳ ଏବଂ ଏହାର ଆବାସିକ ସ୍ଥାନ ଯଥା ବିଭିନ୍ନ କଲୋନୀ ମାନଙ୍କରେ ସ୍ୱଚ୍ଛତା ପ୍ରୋଟୋକଲ ପାଳନ କରୁଛି ।

ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ମାନଙ୍କୁ ପରିଚାଳନା କରୁଥିବା ରେଳପଥର ସମସ୍ତ ଷ୍ଟେସନ ମାନଙ୍କ ଠାରେ ଟ୍ରେନ ଆସିବା ପୂର୍ବରୁ ଏବଂ ଟ୍ରେନ ଛାଡିବା ପରେ ବ୍ୟାପକ ଭାବେ ସ୍ୱଚ୍ଛ କରାଯାଉଛି ଏବଂ ଦରକାର ପଡିଲେ ସ୍ଥାନୀୟ ପ୍ରଶାସନ ମାନଙ୍କର ସହାୟତା ନିଆଯାଉଛି ଟ୍ରେନ କୁ ଚଢିବା ଏବଂ ଓହ୍ଲାଇବା ବେଳେ ଯାତ୍ରୀ ମାନଙ୍କର ଶରୀରର ତାପମାନ ମପାଯାଉଛି। ଦରକାର ହେଲେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଉଛି । ଇତି ମଧ୍ୟରେ ଭୁବନେଶ୍ୱର ଷ୍ଟେସନ ଠାରେ ସ୍ୱୟଂଚାଳିତ ସାନିଟାଇଜର ଡିସ୍ପେନସର ମେସିନ ବ୍ୟବସ୍ଥା କରାଯାଇଛି। ଏହା ସହିତ ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେସନ ସହିତ ଅନ୍ୟ କିଛି ଷ୍ଟେସନ ମାନଙ୍କ ଠାରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଆଧାରିତ ଥର୍ମାଲ ଫୋଟୋ ଇମେଜିଙ୍ଗ କ୍ୟାମେରା ବ୍ୟବସ୍ଥା କରାଯାଇଛି ଯାହାଦ୍ୱାରା ଯାତ୍ରୀମାନେ ପ୍ଲାଟଫର୍ମମଧ୍ୟକୁପ୍ରବେଶ କରିବା ସମୟରେ ସେମାନଙ୍କର ତାପମାତ୍ରା ଫଟ ମାଧ୍ୟମରେ କମ୍ପ୍ୟୁଟର ସ୍କ୍ରିନ ମାଧ୍ୟମରେ ଦେଖାଯିବ।

ସାଧାରଣ ଚଳପ୍ରଚଳ ସ୍ଥାନ ଯଥା ଷ୍ଟେସନ ଅଂଚଳ ଓ ଆବାସିକ ଅଂଚଳ ଗୁଡିକୁ ବିଶୁଦ୍ଧିକରଣ କରି ସ୍ୱଚ୍ଛତା ବଜାୟ ରଖିବାକୁ ପୂର୍ବତଟ ରେଳପଥ ପ୍ରଶାସନ ପକ୍ଷରୁ ଏହାର ସମସ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କୁ କୁହାଯାଇଛି ।

# ୨୭୭ରେ ପହଞ୍ଚିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

## ତୃତୀୟ ସପ୍ତାହ ସଟ୍ ଡାଉନର ପ୍ରଥମ ଦିନରେ ବାଲେଶ୍ୱର



ବାଲେଶ୍ୱର,୨୦।୬ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ସମେତ ୧୧ଟି କରୋନା ପ୍ରବଣ ଜିଲ୍ଲାରେ ଲାଗୁ ହୋଇଥିବା ସାପ୍ତାହିକ ଦୁଇଦିନିଆ ସଟ୍ ଡାଉନ୍‌ର ଆଜି ଥିଲା ତୃତୀୟ ସପ୍ତାହର ପ୍ରଥମ ଦିନ। ପୂର୍ବର ଦୁଇ ସପ୍ତାହ ଭଳି ଆଜି ମଧ୍ୟ ବାଲେଶ୍ୱରରେ ଏହାର ପ୍ରଭାବ ବେଶ ପରିଲକ୍ଷିତ ହୋଇଥିଲା। ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି। ଅନ୍ୟ ସପ୍ତାହ ଭଳି ପ୍ରଶାସନ ପକ୍ଷରୁ ମାଇକ୍ ଜରିଆରେ ପ୍ରଚାର ମଧ୍ୟ କରାଯାଇଥିଲା। ସେହିକ୍ରମରେ ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ବାଲେଶ୍ୱର ଜିଲ୍ଲା କରୋନା ସଂକ୍ରମଣରେ ରାଜ୍ୟର ପଞ୍ଚମ ସ୍ଥାନରେ ପହଞ୍ଚିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ୨୭୭ ଛୁଇଁଚି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀ ସରକାରଙ୍କ ନିୟମକୁ ମାନି ସଟ୍ ଡାଉନ୍ ପାଳନ କରିଥିବା ପରିଲକ୍ଷିତ ହୋଇଛି। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ ନ ପଡ଼ିଲେ ବା ମେଡିକାଲକୁ ଯିବା ଭଳି ଜରୁରୀ ସ୍ଥିତିରେ କାଁ ଭାଁ ଲୋକେ ଘରୁ ବାହାରୁ ଥିଲେ। ତାହା ପୁଣି ପ୍ରଶାସନର ଅନୁମତି ନେଇ। ସେହିଭଳି ଏହି ଦୁଇଦିନିଆ ସଟ୍ ଡାଉନ୍‌ର ସଫଳତା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯିବା ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଅନୁରୂପ ଭାବେ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିଛନ୍ତି। ଆବଶ୍ୟକ ପଡ଼ିଲେ ଯାଞ୍ଚ ବି କରୁଛନ୍ତି। ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଛି। ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖୁଛନ୍ତି। ମୋଟ୍ ଉପରେ ଜିଲ୍ଲାବାସୀଙ୍କ ସହଯୋଗରୁ ସରକାର ସଟ୍ ଡାଉନ୍ ନିୟମ ବାଲେଶ୍ୱରରେ ବେଶ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପୁଲିସ, ପ୍ରଶାସନ ଏମିତିକି ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ଯଦିଚଃ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୨୦୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି, ତଥାପି ଆହୁରି ୭୫ ଜଣ ଏକ୍ଟିଭ୍‌ଙ୍କର ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା ଜାରି ରହିଛି। ସେହିଭଳି ଅନ୍ୟରାଜ୍ୟରୁ ଜିଲ୍ଲାକୁ ପ୍ରବାସୀ ଶ୍ରମିକଙ୍କ ଆଗମନ ବି ଜାରି ରହିଛି। ଅଦ୍ୟାବଧି ମୋଟ ୫୦ ହଜାର ୩୦୩ ଜଣ ପ୍ରବାସୀ ଜିଲ୍ଲାକୁ ଆସିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାର ମୋଟ ୧୦୧୭ ଗୋଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର (ଟିଏମସି)ରେ ୪୨ ହଜର ୩୮୪ ଜଣ ସଂଗରୋଧରେ ରହି ଡିସଚାର୍ଜ ହୋଇ ଘରକୁ ଚାଲି ଗଲେଣି। ଏବେ ଜିଲ୍ଲାରେ କାର୍ଯ୍ୟକ୍ଷମ ୩୮୪ଟିରେ ୮୮୧୩ ଜଣ ସଙ୍ଗରୋଧରେ ରହିଛନ୍ତି। ସେହିଭଳି ଜିଲ୍ଲାରେ ଅଦ୍ୟାବଧି ୩୩ ହଜାର ୧୯୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ବେଳେ ୧୧ ହଜାର ୧୧୮ ଜଣଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯାଇଛି ଏବଂ ୧୦ ହଜାର ୬୯୧ ଜଣଙ୍କର ରିପୋର୍ଟ ଆସିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ବି ଜିଲ୍ଲାରେ କରୋନାର କାୟା ବିସ୍ତାର ରୋକିବା ପାଇଁ ।ମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି।

# ପଡୋଶୀ ଛତିଶଗଡ଼ରେ କରୋନା ସଂକ୍ରମିତ ସଂଖ୍ୟା ୨୦୧୮ : ମୃତ୍ୟୁ ସଂଖ୍ୟା ୧୦, ସକ୍ରିୟ ମାମଲା ୭୦୩

ରାୟପୁର, ୨୦ ଜୁନ୍ (ହି.ସ.) – ପଡୋଶୀ ଛତିଶଗଡ଼ରେ କରୋନା ସଂକ୍ରମିତ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜ୍ୟରେ ନୂଆ ୭୨ ଜଣ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଥିଲେ। ଏଥିରେ ମେଡ଼ିକାଲ କଲେଜର ଏକ ସିନିୟର ଏବଂ ଜୁନିୟର ଡାକତର ସହିତ ୨ ଜଣ ସ୍ୱାସ୍ଥ୍ୟ କର୍ମୀ ତଥା ମୁଖ୍ୟମନ୍ତ୍ରୀଙ୍କ ନିବାସର ଏକ ସୁରକ୍ଷାକର୍ମୀ ଓ ୩ ଜଣ ପରିବା ବିକ୍ରେତା ସାମିଲ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ କହିଛି ଯେ, ଶୁକ୍ରବାର ସୁଦ୍ଧା ୧୦ ଜଣ ମୃତ୍ୟୁବରଣ କଲେଣି । ଗତ ମଙ୍ଗଳବାର ଦିନ ରାଜନାନ୍ଦଗାଓଁରେ ଏକ ୩୪ ବର୍ଷୀୟ ବ୍ୟକ୍ତିର ମୃତ୍ୟୁ ଘଟିଛି । ମୃତକ ବ୍ୟକତ ଜଣକର ଥଣ୍ଡା, କାଶ ଓ ଜ୍ୱର ଥିଲା । ମଙ୍ଗଳବାର ଦିନ ସିଏମଏଚଓ ଡାକ୍ତର ମିଥିଳେଶ ଚୌଧୁରୀ କହିଛନ୍ତି ଯେ, କରୋନା ଯୋଗୁଁ ଏହି ମୃତ୍ୟୁ ଘଟିଛି । ଶୁକ୍ରବାର ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ମୁତାବକ ରାଜ୍ୟରେ କରୋନା ସଂକ୍ରମିତଙ୍କ ସୁସ୍ଥ ୬୪.୭ ପ୍ରତିଶତରେ ପହଂଚିଛି । ଯାହାକି ପୁରା ଦେଶରେ ଏହା ୫୨ ପ୍ରତିଶତ ଅଛି। ଦିଆଯାଇଥିବା ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାଂଜଗିର-ଚାମ୍ପାରେ ୧୮, ବଲୋଦା ବଜାରରେ ୮, ରାୟପୁରରେ ୯, ଯଶପୁରରେ ୬, ମୁଂଗେଲିରେ ୪, ରାଜନାନ୍ଦଗାଓଁରେ ୩, ବିଳାସପୁରରେ ୨, ବାଲୋଦରେ ୨ ତଥା ସରଗୁଜା, ବଳରାମପୁର ଏବଂ କୋରିଆରେ ଜଣେ ଲେଖାଏଁ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜଧାନୀ ରାୟପୁରରେ ସବୁଠାରୁ ଅଧିକ ୧୦୨ ଆକ୍ଟିଭ କରୋନା ପଜିଟିଭ ଅଛନ୍ତି। କରୋନା ଭାଇରସ କେଉଁ ସୂତ୍ରରୁ ଆସୁଛି ଏହାକୁନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡ଼ିଛି । ସ୍ୱାସ୍ଥ୍ୟ ସଚିବ ସିଏମଏଚଓ ମୀରା ବଘେଲଙ୍କୁ ଏହାକୁ ତଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖନୀୟ ଯେ, ରାଜଧାନୀ ରାୟପୁରରେ ପ୍ରାୟ ଅନେକ ସ୍ଥାନରୁ କରୋନା ପଜିଟିଭ ଦେଖାଦେଇଛି । ରାୟପୁର ସିଏଚଏମଓ ମୀରା ବଘେଲ କହିଛନ୍ତି ଯେ, ଅଧିକ ସାମ୍ପଲ ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବିଭାଗର ଟିମ୍ ସର୍ଦ୍ଦି, କାଶ ଏବଂ ଜ୍ୱର ଥିବା ରୋଗୀଙ୍କୁ ଚିହ୍ନଟ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗର ପ୍ରବକ୍ତା ଏବଂ ଉପ ସଂଚାଳକ ଡାକ୍ତର ଅଖିଳେଶ ତ୍ରିପାଠୀ କହିଛନ୍ତି ଯେ, ରାଜ୍ୟରେ ଗୁରୁତର ରୋଗୀଙ୍କ ସଂଖ୍ୟା କମ୍ ଅଛି। ଯାହାକି ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଅଛି । କରୋନା ପଜିଟିଭ ରୋଗୀଙ୍କ ସଂଖ୍ୟା ବଢ଼ିପାରେ କିନ୍ତୁ ଆଗ ଅପେକ୍ଷା ଲୋକମାନେ ଅଧିକ ସତର୍କ ହୋଇଛନ୍ତି।

## କରୋନା ରୋଗରେ ଆକ୍ରାନ୍ତ ହୋଇ ଓଡ଼ିଆ ଡାକ୍ତରଙ୍କ ଦିଲ୍ଲୀରେ ମୃତ୍ୟୁ

ଭୁବନେଶ୍ୱର,୨୦।୬ (ନି.ପ୍ର): କରୋନା ରୋଗରେ ଆକ୍ରାନ୍ତ ହୋଇ ଜଣେ ଓଡ଼ିଆ ଡାକ୍ତରଙ୍କର ଦିଲ୍ଲୀରେ ମୃତ୍ୟୁ ଘଟିଛି । ଖବର ନେବାରୁ ଜଣାଯାଏ ଯେ, ମୃତକ ଡାକ୍ତର ଦିଲ୍ଲୀର ଏନଏଚଏସଆରସି ରେ କାର୍ଯ୍ୟରତ ଡାକ୍ତର ଥିଲେ । ଗତ ୧୯ ତାରିଖରେ କରୋନା ରୋଗରେ ଆକ୍ରାନ୍ତ ହୋଇଥିବାର ଚିହ୍ନଟ ହୋଇଥିଲା । ତାଙ୍କୁ ରାଜୀବଗାନ୍ଧୀ ସୁପରସ୍ପେସିଆଲିଟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ଡାକ୍ତର ଅଶ୍ୱିନୀ କୁମାର ପ୍ରତାପଙ୍କ ଘର କଟକ ଜିଲ୍ଲାର ବାଙ୍କି ଠାରେ । ସେ ଏମକେସିଜି ମେଡ଼ିକାଲ କଲେଜରୁ ଡାକ୍ତରୀ ପାସ୍ କରିଥିଲେ ।

# ଶହିଦ୍ ଯବାନ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ଉଦଳା ,୨୦।୬ (ନି.ପ୍ର): ନିକଟରେ ଚୀନ୍‌ର ବର୍ବରୋଚିତ ଫଳରେ ଶହୀଦ ହୋଇଥିବା ୨୦ ଜଣ ଭାରତୀୟ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଚଳିତ ଜୁନ ୧୯ତାରିଖ ଶୁକ୍ରବାର ଦିନ ଗୋପବନ୍ଧୁ ମୋମୋରିଆଲ୍ ସେବା ଟ୍ରଷ୍ଟ ଉଦଳା ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶହିଦ୍ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ପରେ ଉପସ୍ଥିତ ସଦସ୍ୟମାନେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ପରେ ସଭାରେ ଉପସ୍ଥିତ ରବିକାନ୍ତ ମହାପାତ୍ର, ନରେନ୍ଦ୍ର ରାଉତ, ସୁରେନ୍ଦ୍ରଶତପଥୀ, କରୁଣାକର ଦାସ, ସତୀଶ ବ୍ରହ୍ମଚାରୀ, ପ୍ରତାପ ଷଡ଼ଙ୍ଗୀ, ମମତା ସାହୁ, ସତ୍ୟବ୍ରତ ମିଶ୍ର, ସୁବାଶିନୀ ବେହେରା, ବସନ୍ତ କୁମାର ପରିଡ଼ା, ସୁବ୍ରତ୍ କୁମାର ମହାନ୍ତି ପ୍ରମୁଖ ଶହିଦ୍ ମାନଙ୍କ ଗୁଣଗାନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ଶେଷରେ ଚୀନ ତିଆରି ସମସ୍ତ ଜିନିଷ ବର୍ଜନ କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ।

# 'ନେସ୍କୋ'ସିକ୍ୟୁରିଟି ଗାର୍ଡ଼ଙ୍କ ଝୁଲନ୍ତା ମୃତଶରୀର ଉଦ୍ଧାର : ମୃତ୍ୟୁର କାରଣ ଅସ୍ପଷ୍ଟ



ବାଲେଶ୍ୱର,୨୦।୬ (ନି.ପ୍ର): ଶୋଇବା ଘରୁ ନେସ୍କୋ ସୁକ୍ୟୁରିଟି ଗାର୍ଡ଼ ଅନୋଜ କୁମାର ମିଶ୍ର(୪୭)ଙ୍କର ଝୁଲନ୍ତା ମୃତଦେହକୁ ପରିବାର ଲୋକେ ଆଜି ଉଦ୍ଧାର କରିଛନ୍ତି। ପତ୍ନୀ କଳ୍ପନା ମିଶ୍ର ଓ ୭ମ ଶ୍ରେଣୀରେ ପଢୁଥିବା ସାନପୁଅ ସହ ଅନୋଜ ଗତକାଲି ରାତିରେ ଟାଉନ ଥାନା ଅନ୍ତର୍ଗତ ମାନସିଂବଜାରର ନିଜଘରେ ଶୋଇଥିଲେ। ରାତି ପ୍ରାୟ ୨ଟା ୩୦ ସମୟରେ କଳ୍ପନା ହଠାତ ନିଦରୁ ଉଠି ଅନୋଜଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଶୋଇବା ଘର ଫ୍ୟାନରେ ରଶିଦେଇ ସେ ଆତ୍ମହତ୍ୟା କରିଥିବା କଳ୍ପନା ଦେଖିବାକୁ ପାଇଥିଲେ। ତେବେ ଏଭଳି ସ୍ଥିତିରେ କ'ଣ କରିବେ କିଛି ଭାବି ନପାରି ସେ ଭଦ୍ରକ ମାଉସୀଘରକୁ ଯାଇଥିବା ବଡ଼ପୁଅ ଓ ବାପା ବଟେଶ୍ୱର ଅଞ୍ଚଳର ଅରୁଣ ପଣ୍ଡାଙ୍କୁ ଫୋନ କରିଥିଲେ ବୋଲି କଳ୍ପନା କହିଛନ୍ତି। ତେବେ ୧୫ ମିନିଟ ମଧ୍ୟରେ ବାପଘର ଲୋକେ ପହଞ୍ଚିବା ପରେ ସମସ୍ତେ ମିଶି ଫ୍ୟାନରେ ଲାଗିଥିବା ଫାଶି ଦଉଡ଼ି କାଟି ଅନୋଜଙ୍କ ମୃତଦେହ ତଳକୁ ଓହ୍ଲାଇଥିଲେ। ଖବର ପାଇ ଆଜି ସକାଳେ ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ୍ କରିବା ସହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ତେବେ ରାତି ସାଢ଼େ ୩ଟାରୁ ଖବର ପାଇ ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଅଞ୍ଚଳର ପୈତୃକ ଘରେ ରହୁଥିବା ଅନୋଜଙ୍କ ବଡ଼ଭାଇ, ପୁତୁରା ଓ ପଡ଼ୋଶୀମାନେ ଆଜି ଭୋର ମାନସିଂବଜାରରେ ପହଞ୍ଚିଥିଲେ। ସାନଭାଇ ଅନୋଜଙ୍କ ଆତ୍ମହତ୍ୟାକୁ ସେ ସହଜରେ ଗ୍ରହଣ କରିପାରି ନଥିଲେ। ତାଙ୍କୁ ମାରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ନେଇ ସେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଆସିବା ପୂର୍ବରୁ ଅନୋଜଙ୍କ ମୃତଦେହକୁ କାହିଁକି ତଳକୁ ଅଣାଯାଇଥିଲା ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି। ଏହି ଘଟଣାର ତଦନ୍ତ ସହ ପ୍ରକୃତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅନୋଜଙ୍କ ବଡ଼ଭାଇ ଦାବି କରିଛନ୍ତି। ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ଅଞ୍ଚଳର ସ୍ୱର୍ଗତ ଶ୍ରୀକାନ୍ତ ମିଶ୍ରଙ୍କ ସାନପୁଅ ଅନୋଜ ମିଶ୍ର ୧୯ ବର୍ଷ ପୂର୍ବରୁ ଟାଉନଥାନା ଅନ୍ତର୍ଗତ ବଟେଶ୍ୱର ଅଞ୍ଚଳର ଅରୁଣ ପଣ୍ଡାଙ୍କ ଦ୍ୱିତୀୟ କନ୍ୟା କଳ୍ପନାଙ୍କୁ ବିବାହ କରିଥିଲେ। ତେବେ ଗତ ୧୦ ବର୍ଷଧରି ଅନୋଜ୍ କାଳୀମନ୍ଦିରସ୍ଥିତ ନେସ୍କୋ ୟୁଟିଲିଟି ସେଣ୍ଟରରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟ କରିବା ସମୟ ମଧ୍ୟରେ ନିଜର ଶାଳକଠାରୁ ଜମିକିଣି ମାନସିଂବଜାରରେ ଘର କରି ରହିଆସୁଥିଲେ। ତାଙ୍କର ଏବେ ଦୁଇପୁଅ ଅଛନ୍ତି। ତେବେ ଦୀର୍ଘଦିନ ଧରି କଳ୍ପନା ଓ ଅନୋଜଙ୍କ ମଧ୍ୟରେ ପାରିବାରିକ କଳିଲାଗି ରହୁଥିଲା ବୋଲି ପଡ଼ୋଶୀମାନେ କହିଛନ୍ତି।

## ଗୋଟିଏ ଦିନରେ ସୁସ୍ଥ ହେଲେ ସର୍ବାଧିକ ୨୩୭ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୦।୬ (ନି.ପ୍ର): ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ଶନିବାର ଦିନ ରାଜ୍ୟରେ ସର୍ବାଧିକ ୨୩୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ରାଜ୍ୟର ୧୮ଟି ଜିଲ୍ଲାରୁ ୨୩୭ ଜଣ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୫୩୪ ରେ ପହଂଚିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। କଟକ ଜିଲ୍ଲାରୁ ସର୍ବାଧିକ ୭୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିଭଳି ଖୋର୍ଦ୍ଧାରୁ ୫୪ ଜଣ, ଜଗତ୍‌ସିଂହପୁରରୁ ୨୦ ଜଣ, କନ୍ଧମାଳରୁ ୧୯ ଜଣ, ଗଂଜାମରୁ ୧୭ ଜଣ, ଭଦ୍ରକ ଓ ମୟୂରଭଂଜରୁ ୯ ଜଣ ଲେଖାଏଁ, କେନ୍ଦୁଝରରୁ ୮ ଜଣ, ଢେଙ୍କାନାଳ ଓ ପୁରୀରୁ ୭-୭ ଜଣ, କେନ୍ଦ୍ରାପଡ଼ା ଓ ନୟାଗଡ଼ରୁ ୪-୪ ଜଣ ସୁସ୍ଥ ହୋଇଛନ୍ତି। ସେହିଭଳି କଳାହାଣ୍ଡି, ମାଲକାନଗିରି, ସମ୍ବଲପୁର ଜିଲ୍ଲାରୁ ୨ ଜଣ ଲେଖାଏଁ ଓ ବୌଦ୍ଧ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ଅତିରଞ୍ଜିତ ଓ ଏକ ଖରାପ ଢଙ୍ଗରେ ପ୍ରଚାର କରିବା ପାଇଁ ହେଉଛି ପ୍ରଚେଷ୍ଟା – ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ

ନୂଆଦିଲ୍ଲୀ,୨୦।୬ (ନି.ପ୍ର): ଗତକାଲିର ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ମନ୍ତବ୍ୟକୁ ଅତିରଞ୍ଜିତ ଓ ଏକ ଖରାପ ଢଙ୍ଗରେ କେତେକ ସ୍ଥାନରେ ପ୍ରଚାର କରିବା ପାଇଁ ପ୍ରଚେଷ୍ଟା ଚାଲିଛି । ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପ୍ରକୃତ ନିୟନ୍ତ୍ରଣ ରେଖାର ଉଲଂଘନକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ । ସେ ନିର୍ଦ୍ଦିଷ୍ଟ ଭାବେ ଜୋର ଦେଇ କହିଛନ୍ତି ଯେ, ଅତୀତରେ ଏହାକୁ ଅବହେଳା କରାଯାଇଥିଲେ ମଧ ଭାରତୀୟ ସେନା ପ୍ରକୃତ ନିୟନ୍ତ୍ରଣ ରେଖାର ଉଲଂଘନକୁ ଜୋରଦାର ପ୍ରତିହତ କରିବେ । ସର୍ବଦଳୀୟ ବୈଠକରେ ସୂଚନା ଦିଆଯାଇଥିଲା ଯେ, ଚୀନ ସେନାର ଏକ ବଡ ଦଳ ନିୟନ୍ତ୍ରଣ ରେଖା ନିକଟରେ ଠୁଳ ହୋଇଥିଲେ ମଧ ଭାରତୀୟ ସେନା ଏହାର କଡା ଜବାବ ଦେଇଥିଲା । ନିୟନ୍ତ୍ରଣ ରେଖାର ଉଲଂଘନ ସମ୍ପର୍କରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଜୁନ ୧୫ ତାରିଖ ଦିନ ଗଲୱାନ ଘାଟିରେ ଚୀନ ପକ୍ଷରୁ ନିୟନ୍ତ୍ରଣ ରେଖା ନିକଟରେ ନିର୍ମାଣ କାର୍ଯ୍ୟ କରାଯାଇଥିଲା ଓ ସେମାନଙ୍କୁ ନିବେଦନ ସତ୍ତ୍ୱେ ସେମାନେ ସେଥିରୁ ନିବୃତ ହୋଇନଥିଲେ । ଜୁନ ୧୫ ତାରିଖ ଦିନ ଗଲୱାନ ଘାଟିରେ ଶହୀଦ ହୋଇଥିବା ୨୦ ଜଣ ଭାରତୀୟ ଯବାନଙ୍କ ବଳିଦାନ ଉପରେ ମଧ ପ୍ରଧାନମନ୍ତ୍ରୀ ମନ୍ତବ୍ୟ ରଖିଥିଲେ । ଚୀନ ସେନାର ଅନୁଚିତ କାର୍ଯ୍ୟର ଦୃଢ ମୁକାବିଲା କରି ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଥିବା ଆମ ସଶସ୍ତ୍ର ସେନାର ଯବାନମାନଙ୍କ ଦେଶପ୍ରେମ ଓ ସାହସିକତା ପ୍ରତି ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଆମ ସେନାର ସାହସିକତା ଯୋଗୁଁ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟକୁ ଚୀନ ସୈନିକମାନେ ଆସିପାରିନଥିଲେ । ଷୋଡଶ ବିହାର ରେଜିମେଣ୍ଟର ସୈନିକମାନଙ୍କ ତ୍ୟାଗ ଯୋଗୁଁ ଚୀନ ପକ୍ଷରୁ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିନଥିଲା ଓ ସେମାନଙ୍କର ନିୟନ୍ତ୍ରଣ ରେଖା ଉଲଂଘନର ସମସ୍ତ ଯୋଜନାକୁ ଆମ ଯବାନମାନେ ପଣ୍ଡ କରିଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ବାକ୍ୟ "ଯେଉଁମାନେ ଆମ ଦେଶର ସୀମାକୁ ଉଲଂଘନ କରିବେ ସେମାନଙ୍କୁ ଆମ ଦେଶ ମାତୃକାର ବୀର ସନ୍ତାନ ଉଚିତ ଶିକ୍ଷା ଦେବେ" ଭଳି ବାଣୀ ଆମ ସଶସ୍ତ୍ର ସେନାର ମର୍ଯ୍ୟାଦାକୁ ଉଜ୍ଜୀବିତ କରିଛି । ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, "ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ଆମ ସେନା କେବେ ବି ପଶ୍ଚାତପଦ ଦେବେ ନାହିଁ" । ଭାରତୀୟ ଭୂଖଣ୍ଡ କଣ ତାହା ସ୍ପଷ୍ଟ ଭାବେ ଭାରତୀୟ ମାନଚିତ୍ରରେ ଚିହ୍ନିତ ଅଛି । ସରକାର ତାହାକୁ ରକ୍ଷା କରିବା ପାଇଁ ଅଙ୍ଗୀକାରବଦ୍ଧ । ଏହା ମଧ୍ୟରେ କେତେକ ବେଆଇନ ଦଖଲ ହୋଇଛି । ଗତ ୬୦ ବର୍ଷ ମଧ୍ୟରେ କିପରି ଦେଶରୁ ୪୩,୦୦୦ କିଲୋମିଟର ଜମି ଜବରଦଖଲ ହୋଇଛି ତାହାର ମଧ ସୂଚନା ସର୍ବଦଳୀୟ ବୈଠକରେ ଦିଆଯାଇଥିଲା ।

## ଚତୁର୍ଥୀ ଭୋଜିରେ ୨ ଗୋଷ୍ଠୀ ମାରପିଟ୍, ୨ ଗୁରୁତର

ଭଦ୍ରକ,୨୦।୬ (ନି.ପ୍ର): ଚତୁର୍ଥୀ ଭୋଜିରେ ସଂପର୍କୀୟ ଭାଇଙ୍କୁ ନିମନ୍ତ୍ରଣ କରିବାରୁ ଆକ୍ରମଣ ଅଭିଯୋଗ। ଧାରୁଆ ମାରଣାସ୍ତ୍ର ଆକ୍ରମଣରେ ୨ ଗୁରୁତର। ଭଦ୍ରକ ଜିଲା ଧାମନଗର ଥାନା ଭଗବାନପୁର ସେଠୀସାହିରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଉକ୍ତ ଗ୍ରାମର ଜଳନ୍ଧର ସେଠୀଙ୍କ ପୁଅ ବାହାଘର ପରେ ଚତୁର୍ଥୀ ଭୋଜି ଆୟୋଜିତ ହେଉଥିଲା। ଭୋଜିରେ ଯୋଗଦେବା ପାଇଁ ଗ୍ରାମର ସଂପର୍କୀୟ ଭାଇ ମାନଙ୍କୁ ନିମନ୍ତ୍ରଣ କରିଥିଲେ ଜଳନ୍ଧର। କିନ୍ତୁ ଏହି ନିମନ୍ତ୍ରଣ କରିବା ଯୋଗୁଁ ସଂପର୍କୀୟ ଭାଇମାନେ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏମିତିକି ଘର ନିକଟ ବିଲରେ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଥିଲା।

# ପାରାଦ୍ୱୀପ ବନ୍ଦରରେ ଜାହାଜ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ

## ସାମୁହିକ ସଂକ୍ରମଣ ସମ୍ଭାବନା ନାହିଁ: ବନ୍ଦର ପ୍ରଶାସନ

ପାରାଦ୍ୱୀପ ,୨୦।୬ (ନି.ପ୍ର): ଦେଶରେ କରୋନା ସଂକ୍ରମଣ ପ୍ରାରମ୍ଭରୁ ପାରାଦ୍ୱୀପ ବନ୍ଦରକୁ ଆସୁଥିବା କୌଣସି ଜାହାଜର କର୍ମଚାରୀ ଆକ୍ରାନ୍ତ ଚିହ୍ନଟ ହୋଇନଥିଲେ । ଏତଦ୍ ବ୍ୟତିତ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦରାଞ୍ଚଳରେ ଏହି ସଂକ୍ରମଣ ନବ୍ୟାପିବା କ୍ଷେତ୍ରରେ ବ୍ୟାପକ ପ୍ରସ୍ତୁତି ଓ ପଦକ୍ଷେପମାନ ଗ୍ରହଣ କରାଯାଇଛି । ତେବେ ଗତ ୧୩ତାରିଖରେ ବନ୍ଦରକୁ ଲୁହାପଥର ବୋଝେଇ କରିବାକୁ ଆସିଥିବା ଏମ୍‌ଭି ଆଲୋନିସସ୍ ଜାହାଜରେ ଜଣେ କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ପାରାଦ୍ୱୀପର ଏକ ହେଟେଲରେ ଖୋଲିଥିବା ସଙ୍ଗରୋଧ କେନ୍ଦ୍ରରେ ଏହି ଆକ୍ରାନ୍ତଙ୍କୁ ରଖାଯାଇ ତାଙ୍କର ସ୍ୱାବ୍ ପରିକ୍ଷା କରାଯାଇଥିଲା । ଦୁଇଦିନ ପରେ ତାଙ୍କ ରିପୋଟ ପଜିଟିଭ୍ ଆସିବାପରେ ତାଙ୍କୁ ଚିକିତ୍ସା ପାଇଁ କିମ୍ସ କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏହି ଜାହାଜର କର୍ମଚାରିଙ୍କ ଘର ତାମିଲନାଡୁରେ ଏବଂ ସେ ଜାହଜରୁ ଅବତରଣ କରି କଷ୍ଟମ ଓ ଇମିଗ୍ରେସନ କାର୍ଯ୍ୟାଳୟରେ ନିଜର ଡକୁମେଣ୍ଟ କ୍ଲିଅରାନ୍ସ କରାଇ ତାଙ୍କ ଘରକୁ ଯାଇଥାନ୍ତେ । ଏଠାରେ ସୂଚନା ଥାଇକି ଜାହାଜରୁ ଅପସରଣ ଓ ଯୋଗଦାନ ପାଇଁ ସରକାରଙ୍କ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ବନ୍ଦରକୁ ଚିହ୍ନଟ କରାଯାଇଛି ଓ ସେ ମଧ୍ୟରୁ ପାରାଦ୍ୱୀପ ବନ୍ଦର ଅନ୍ୟତମ । ତେବେ ଏହି ଆକ୍ରାନ୍ତଙ୍କୁ ଗାଡିରେ ନେବା ଆଣିବା କରିଥିବା ଗାଡି ଚାଳକ ଓ ଜାହାଜ ଏଜେଣ୍ଟ କର୍ମଚାରିଙ୍କୁ ସଙ୍ଗରୋଧରେ ରଖାଯାଇଛି । ଏଥିମଧ୍ୟରେ ଏହି ଜାହାଜରେ ଆସିଥିବା ଜାହାଜଟି ପାରାଦ୍ୱୀପ ବନ୍ଦରରୁ ମାଲ୍ ବୋଝେଇ କରି ଚାଲିଯାଇଛି । ଯେହେତୁ ଆକ୍ରାନ୍ତ ଜାହାଜ କର୍ମଚାରୀ ସଙ୍ଗରୋଧରେ ଥିଲେ, ଏଣୁ ସାମୁହିକ ସଂକ୍ରମଣର କୌଣସି ସମ୍ଭାବନା ନାହିଁବୋଲି ବନ୍ଦର ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି । ଏଠାରେ ସୂଚନା ଥାଉକି କରୋନା ସଂକ୍ରମଣ ନିୟନ୍ତ୍ରଣ ଓ ପ୍ରତିହତ ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସମେତ ଦେଶ ବିଦେଶରୁ ଆସୁଥିବା ଜାହାଜ କର୍ମଚାରୀ ମାନଙ୍କ ଠାରେ ସାମ୍ଭାବ୍ୟ କରୋନା ସଂକ୍ରମଣ ଦୃଷ୍ଟିରୁ ଜାହାଜ ମାନଙ୍କୁ ୧୪ଦିନ କ୍ୱାରେନ୍ଟାଇନ୍ ରହିବା ପରେ ଏବଂ ପରିକ୍ଷା ନିରିକ୍ଷା ପରେ ବନ୍ଦରରେ ଜାହାଜ ଲାଗିବାର ଅନୁମିତି ମିଳୁଛି ଏବଂ ଜାହାଜର କର୍ମଚାରୀ ମାନଙ୍କୁ ଜାହାଜରୁ ତଳକୁ ଓହ୍ଲାଇବା ବନ୍ଦର ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo